Follow Us
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୩୩ ୨୮ ଅଗଷ୍ଟ - ୦୩ ସେପ୍ଟେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-33 28th Aug.-03rd September, 2017 BHUBANESWAR ₹ 5/- (8 Pages)

### ଇଣ୍ଡିଆ ଟୁଡେ-ଆଉଟ୍‌ଲୁକ୍ ସାର୍ଟିଫିକେଟ୍‌କୁ ନେଇ ଝଡ଼

# କିଏ ନମ୍ବର ୱାନ !

**ଭୁବନେଶ୍ୱର :** ଦୁର୍ନୀତିର ସୁଦୀର୍ଘ ପଥରେ ଚାଲି କେହି କେବେ ମହାମାନବର ଆଖ୍ୟା ପାଏନାହିଁ। ପ୍ରଜାବତ୍ସଳ ରାଜାମାନେ ଅତୀତରେ ସୁନାମ ଅର୍ଜନ କରିଥିବା ଆମେ ଜାଣିଛେ, ମାତ୍ର ଶ୍ରେଷ୍ଠତ୍ୱ ପ୍ରାପ୍ତିର କଠୋର ନିଦର୍ଶନ କ୍ୱଚିତ୍ ମିଳିଥାଏ। ଶାସକ ଯେତେବେଳେ ପ୍ରଜାମାନଙ୍କୁ ସୁଶାସନ ଦେଇପାରେ ଜନମାନସରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ। ହେଲେ ମାଳ ମାଳ ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଛତ୍ରବାଦ ଶାସନ କାଳରେ କେହି କେବେ ଶ୍ରେଷ୍ଠ ହେବାର ନଜର ନାହିଁ। ଦେଶ ହେଉ କି ରାଜ୍ୟ ଶ୍ରେଷ୍ଠ ଶାସକ ଓ ଶ୍ରେଷ୍ଠ ପ୍ରଶାସକମାନେ ନିରନ୍ତର ଓ ନିଷ୍ଠାପର ଭାବେ ଲୋକଙ୍କ ସେବା କରନ୍ତି ଓ ଏଥିପାଇଁ କିଛି ଆଶା ରଖିନଥାନ୍ତି। ହେଲେ ଏହାର ବିପରୀତ ଦୃଶ୍ୟ ଏବେ ରାଜ୍ୟ




ରାଜନୀତିରେ ଦେଖିବାକୁ ମିଳିଛି। ଅତୀତରେ ସର୍ବଭାରତୀୟ ପତ୍ରିକା 'ଇଣ୍ଡିଆ ଟୁଡେ'ରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ରାଜନେତା ଭାବେ ବର୍ଣ୍ଣନା କରି ଲେଖା ପ୍ରକାଶ ପାଇଥିଲା। ଯାହାର କପି ଲକ୍ଷାଧିକ ସଂଖ୍ୟାରେ ଆମ ରାଜ୍ୟରେ ବଣ୍ଟନ ହୋଇଥିଲା ବୋଲି ଶୁଣିବାକୁ ମିଳେ। ବିଜୁ ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଯେହେତୁ ଦଳ ସୁପ୍ରିମୋ ଦେଶ ଭିତରେ ଶ୍ରେଷ୍ଠ ଆସନର ଅଧିକାରୀ ବୋଲି ସାର୍ଟିଫିକେଟ୍ ମିଳିଛି। ତେଣୁ ଦଳ ତରଫରୁ ଏହାର ପ୍ରଚାର ପ୍ରସାର କରାଯାଇଥିଲା ବୋଲି ଶୁଣିବାକୁ ମିଳିଥିଲା। ଏହି ପତ୍ରିକା ଯେଉଁମାନେ ପାଇଥିଲେ ସେମାନେ ଏହାକୁ ଠିକ୍ ଭାବେ ପଢ଼ିଥିଲେ କି ନାହିଁ ଏହା ସନ୍ଦେହରେ। ହେଲେ ସେତେବେଳେ ରାଜ୍ୟରେ କିଛି ଉତ୍ସବର ମାହୋଲ ନଥିଲା କିନ୍ତୁ ଦଳୀୟ ନେତା ଓ କର୍ମୀ ନିଜ ଭିତରେ ଏହାକୁ ନେଇ ଆନନ୍ଦିତ ହୋଇଥିବା ଚର୍ଚ୍ଚା ହୋଇଥିଲା।

ମାତ୍ର କେଇମାସ ମଧ୍ୟରେ 'ଇଣ୍ଡିଆ ଟୁଡେ' ରିପୋର୍ଟ ପାଣିଚିଆ ହୋଇଯିବାରୁ ଏବେ ପୁଣି ଏକ ସର୍ବଭାରତୀୟ ପତ୍ରିକା 'ଆଉଟ୍‌ଲୁକ୍'ରେ ଆମ ମୁଖ୍ୟମନ୍ତ୍ରୀ ➤ ପୃ-୭

### ବଳାତ୍କାରୀ ଡେରାମୁଖ୍ୟ ଦୋଷୀ ସାବ୍ୟସ୍ତ

# ଅନୁଗାମୀଙ୍କ ବ୍ୟାପକ ହିଂସାକାଣ୍ଡ



**ନୂଆଦିଲ୍ଲୀ :** ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା ତାହାହିଁ ଘଟିଲା। ରେପ୍ କେସରେ ଛନ୍ଦି ହୋଇଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ୍ ରାମ୍ ରହିମ୍ ସିଂହ ଶେଷରେ ଦୋଷୀ ସାବ୍ୟସ୍ତ ହେଲେ। ଏହାପରେ ଡେରା ମୁଖ୍ୟଙ୍କ ଲକ୍ଷାଧିକ ଅନୁଗାମୀ ପଞ୍ଚକୁଲାରେ ଯେଉଁଳି ହିଂସାକାଣ୍ଡ ଭିଆଇଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ଆଜିକାଲି ଭଣ୍ଡ ବାବା ନାଁରେ ନିରୀହ ଲୋକଙ୍କୁ ଠକି ହଜାର ହଜାର କୋଟିର ମାଲିକ ପାଲଟିଥିବା ଅପରାଧୀମାନଙ୍କୁ ସୁରକ୍ଷା ଦେବା ପାଇଁ ଅନ୍ଧ ଅନୁଗାମୀଙ୍କ ହିଂସା ଆଚରଣ ଗଣତନ୍ତ୍ର ପାଇଁ ବିପଦ ସାବ୍ୟସ୍ତ ହୋଇଛି। ➤ ପୃ-୭

### ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ ରାୟ

# ଗୋପନୀୟତା ମୌଳିକ ଅଧିକାର



**ନୂଆଦିଲ୍ଲୀ :** ଗତ ସପ୍ତାହରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାମଲାର ଫେସଲା ଶୁଣାଇଛନ୍ତି। 'ତିନି ତଲାକ୍' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ କେନ୍ଦ୍ର ସରକାରଙ୍କୁ ବଡ ସଫଳତା ଦେଇଥିବା ବେଳେ 'ଆଧାର' ମାମଲାରେ ଜୋରଦାର ଧକ୍କା ଦେଇଛି। ବ୍ୟକ୍ତିଗତ ଗୋପନୀୟତା ମୌଳିକ ଅଧିକାର ବୋଲି ସୁପ୍ରିମ୍‌କୋର୍ଟ ରାୟ ଶୁଣାଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଜେଏସ୍ ଖେହରଙ୍କ ନେତୃତ୍ୱରେ ୯ ଜଣିଆ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ଗୋପନୀୟତା ଜୀବନ ଧାରଣ ଅଧିକାରର ବାସ୍ତବତା ଏବଂ ଏହା ସହାଜାତ ହୋଇଥିବାରୁ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା ଦେଉଥିବା ଭାରତୀୟ ସମ୍ବିଧାନର ଧାରା ୨୧ର ଏହା ଅବିଚ୍ଛେଦ୍ୟ ଅଂଶ ବୋଲି କହିଛନ୍ତି ଖଣ୍ଡପୀଠ। ➤ ପୃ-୭

### କେନ୍ଦ୍ର ସରକାରଙ୍କ ସତର୍କ ସୂଚନା

# ଆତଙ୍କବାଦୀ ଆକ୍ରମଣ ଆଶଙ୍କା !

**ଭୁବନେଶ୍ୱର :** ଓଡ଼ିଶାରେ ଦୁର୍ଗାପୂଜା ଏବଂ ଦୀପାବଳୀ ସମୟରେ ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ରହିଛି ବୋଲି କେନ୍ଦ୍ର ସରକାରଙ୍କୁ ଗୁଇନ୍ଦା ରିପୋର୍ଟ ମିଳିଛି। ଯାହାକୁ ନେଇ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ସତର୍କ ରହିବା ପାଇଁ ଚିଠି ଲେଖିଛନ୍ତି। ଏହି ଚିଠିରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ କିଛି ଆତଙ୍କବାଦୀ ସଙ୍ଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଦୁର୍ଗାପୂଜା ଠାରୁ



କାଳୀପୂଜା ପର୍ଯ୍ୟନ୍ତ କୌଣସି ବି ସମୟରେ ଏଭଳି ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଏଥିରେ କୁହାଯାଇଛି। ତେବେ ଏନେଇ କେନ୍ଦ୍ର ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ➤ ପୃ-୭

### ଦୁଇଚକିଆଙ୍କ ପାଇଁ ନୂଆ ନିୟମ

# ପୋଲିସକୁ ଏମ୍‌ଭିଆଇ ପାୱାର



**ଭୁବନେଶ୍ୱର :** ଜନସାଧାରଣଙ୍କୁ ଚିନ୍ତା କରିବାକୁ ସମୟ ନ ଦେଇ ସରକାର ଟ୍ରାଫିକ୍ ଆଇନ୍‌ର ସଠିକ୍ ପରିଚାଳନା ପାଇଁ ନୂଆ ନିୟମ ଜାରି କରିଛନ୍ତି। ପୂର୍ବରୁ ଏଭଳି ନିୟମ ଥିଲେ ବି ଏହାକୁ କଡାକଡି ପାଳନ କରାଯାଉ ନଥିଲା। ତେଣୁ ବିଶୃଙ୍ଖଳିତ ଯାନବାହନ ଚଳାଚଳ ଯୋଗୁଁ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ରାସ୍ତାରେ ଦୁର୍ଘଟଣା ଘଟୁଥିବା ଦର୍ଶାଇ ଏହି ନୂଆ ନିୟମ ଲାଗୁ କରାଯାଇଛି। ବିଶେଷକରି ବାଇକ୍ ପଛରେ ବସୁଥିବା ସହଯାତ୍ରୀଙ୍କ ଜୀବନ ଚାଲିଯାଉଛି। ତେଣୁ ରାଜ୍ୟ ସରକାର ଏହାକୁ ଗୁରୁତର ଭାବେ ନେଇଛନ୍ତି। ଏଣିକି ବାଇକ୍ ପଛରେ ବସିଲେ ବି ସହଯାତ୍ରୀଙ୍କୁ ହେଲମେଟ୍ ପିନ୍ଧିବାକୁ ପଡ଼ିବ। ପୂର୍ବରୁ ଏନେଇ ଥିବା ନିୟମକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ଏହା ସହିତ ଟ୍ରାଫିକ୍ ଆଇନ୍‌ର ସଠିକ୍ ପରିଚାଳନା ନେଇ ଥାନାଗୁଡ଼ିକୁ ଏମ୍‌ଭିଆଇ ପରି କ୍ଷମତା ଦିଆଯିବ ବୋଲି ସଚିବାଳୟରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ➤ ପୃ-୭



## କେମିତି କଟିବ ଏ ସପ୍ତାହ

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ପରିବାରରେ ଶାନ୍ତି ବଜାୟ ରହିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୦୬୩୪୧୧

### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ନିଷ୍ପତ୍ତି

# ଉଠିଯିବ ତିନି ତଲାକ୍ ପ୍ରଥା

**ନୂଆଦିଲ୍ଲୀ :** ମୁସ୍‌ଲିମ୍ ସମ୍ପ୍ରଦାୟରେ ପ୍ରଚଳିତ ଟ୍ରିପଲ ତଲାକ ଉପରେ ଐତିହାସିକ ଫୈସଲା ଶୁଣାଇଛନ୍ତି ସୁପ୍ରିମ୍‌କୋର୍ଟ। ତତ୍‌କ୍ଷଣାତ୍ ତିନି ଥର ତଲାକ୍ ଉଚ୍ଚାରଣ କରି ଛାଡ଼ପତ୍ର ଦେଉଥିବା ସୁନି ମୁସ୍‌ଲିମ୍‌ଙ୍କ ଏହି ପ୍ରଥାକୁ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରି ଏହାକୁ ବ୍ୟାନ୍ କରିଛନ୍ତି। ପ୍ରଧାନ ବିଚାରପତି ଜେଏସ୍ ଖେହାରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୩:୨ ସଂଖ୍ୟା-ଗରିଷ୍ଠତାରେ ଏକ ଧାଡ଼ିକିଆ ରାୟରେ କହିଛନ୍ତି, 'ଭିନ୍ନ ମତ ସତ୍ତ୍ୱେ ସଂଖ୍ୟାଗରିଷ୍ଠ ମତ ଅନୁଯାୟୀ ତଲାକ୍-ଇ-ବିଦ୍ଦତ୍‌କୁ ଅସିଦ୍ଧ ଘୋଷଣା କରାଗଲା।' ୩୯୫ ପୃଷ୍ଠାର ତିନିଟି ପୃଥକ ରାୟ ମଧ୍ୟରୁ ଜଷ୍ଟିସ୍ କୁରିଏନ୍ ଯୋଶେଫ୍ ଓ ଜଷ୍ଟିସ୍ ଆର୍‌ଏଫ୍ ନରିମାନ୍‌ଙ୍କ ଦ୍ୱାରା ଲିଖିତ ସଂଖ୍ୟାଗରିଷ୍ଠ ରାୟରେ ପ୍ରଧାନ ବିଚାରପତି ଓ ଜଷ୍ଟିସ୍ ଏସ୍ଏ ନଜିର୍‌ଙ୍କ ରାୟକୁ ଗ୍ରହଣ କରାଯାଇ ନାହିଁ। ଏହି ଦୁଇ ବିଚାରପତି ଟ୍ରିପଲ୍ ତଲାକ୍ ଏକ ଧର୍ମୀୟ ପ୍ରଥା ଏବଂ ଏ କ୍ଷେତ୍ରରେ ସରକାର ଆଇନ ପ୍ରଣୟନ କରିବାକୁ ମତ ଦେଇଛନ୍ତି। ଟ୍ରିପଲ୍ ତଲାକ୍ ଇସ୍‌ଲାମ୍‌ର ମୌଳିକତା ବୋଲି ଏହି ଦୁଇ ବିଚାରପତିଙ୍କ ରାୟରେ ଜଷ୍ଟିସ୍ ଯୋଶେଫ୍, ଜଷ୍ଟିସ୍ ନରିମାନ୍ ଓ ଜଷ୍ଟିସ୍ ୟୁ ୟୁ ଲଳିତ୍ ଏକମତ ହୋଇନାହାନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଖେହାର ଓ ବିଚାରପତି ଏସ୍ ଅବ୍‌ଦୁଲ୍ ନଜିର୍ ତିନି ତଲାକ୍ ଉପରେ ୬ ମାସ ପାଇଁ ରୋକ୍ ଲଗାଇ ସରକାରଙ୍କୁ ଏଥିପାଇଁ ଆଇନ ପ୍ରଣୟନ କରିବାକୁ କହିଛନ୍ତି। ଏହି ଅବଧି ମଧ୍ୟରେ ଆଇନ ପ୍ରଣୟନ ନହେଲେ ତିନି ତଲାକ୍ ଉପରେ ବ୍ୟାନ୍ ବଳବତ୍ତର ରହିବ। ଅନ୍ୟପକ୍ଷରେ ସରକାର ଏ ସମ୍ପର୍କରେ ନୂଆ ଆଇନ ପ୍ରଣୟନ କରିବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, 'ସରକାର ଏ ସମ୍ପର୍କରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ।' ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସ୍ୱାଗତ କରି ମୁସ୍‌ଲିମ୍ ମହିଳାଙ୍କୁ ସମାନତାର ଅଧିକାର ମିଳିଲା ବୋଲି କହିଛନ୍ତି। ମୁଖ୍ୟ ବିରୋଧୀଦଳ କଂଗ୍ରେସ ମଧ୍ୟ ରାୟକୁ ସ୍ୱାଗତ କରିଛି। ତେବେ ମୁସ୍‌ଲିମ୍ ଲ' ବୋର୍ଡ ଏ ସମ୍ପର୍କରେ ଆସନ୍ତା ସେପ୍ଟେମ୍ବର ୧୦ରେ ଭୋପାଳରେ ଅନୁଷ୍ଠିତ ହେବାକୁ ଯାଉଥିବା କାର୍ଯ୍ୟକାରିଣୀ ବୈଠକରେ



ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି କହିଛି। ବୋର୍ଡର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଜାଫର୍‌ୟାବ୍ ଜିଲାନୀ ଲକ୍ଷ୍ନୌଠାରେ ଏକ ପ୍ରତିକ୍ରିୟାରେ ଏହା କହିଛନ୍ତି। ସଂଖ୍ୟାଗରିଷ୍ଠ ରାୟରେ ଜଷ୍ଟିସ୍ ଯୋଶେଫ୍ କହିଛନ୍ତି, 'ଟ୍ରିପଲ୍ ତଲାକ୍ ଧର୍ମୀୟ ବ୍ୟବସ୍ଥା ଏବଂ ପର୍ସନାଲ୍ ଲ'ର ଅଂଶବିଶେଷ ବୋଲି ପ୍ରଧାନ ବିଚାରପତିଙ୍କ ମତ ସହ ମୁଁ ଏକମତ ହୋଇପାରୁ ନାହିଁ।' ଜଷ୍ଟିସ୍ ଯୋଶେଫଙ୍କ ଏହି ଆଭିମୁଖ୍ୟ ସହ ଜଷ୍ଟିସ୍ ନରିମାନ ଓ ଜଷ୍ଟିସ୍ ଲଳିତ୍ ସହମତ ହୋଇଛନ୍ତି। ଜଷ୍ଟିସ୍ ଯୋଶେଫ୍ ପବିତ୍ର କୋରାନ୍‌ର ପଙ୍‌କ୍ତି ଉଦ୍ଧାର କରି କହିଛନ୍ତି, 'ଏହି ବିଷୟ ଅତି ସ୍ପଷ୍ଟ ଏବଂ ଏଥିରେ କୌଣସି ସଂଶୟ ନାହିଁ। ମାତୃଜାତିକୁ ପବିତ୍ର କୋରାନ୍‌ରେ ଯଥେଷ୍ଟ ମାନ୍ୟତା ଦିଆଯାଇଛି। ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତଲାକ୍ ପାଇଁ ଅନୁମତି ମିଳିବ। କିନ୍ତୁ ଏଥିପାଇଁ ବୁଝାମଣାର ସୁଯୋଗ ରହିବ। ତାହା ନ ହେଲେ ତଲାକ୍ କାର୍ଯ୍ୟକାରୀ ହେବ ବୋଲି ପବିତ୍ର କୋରାନ୍‌ରେ ଉଲ୍ଲେଖ ରହିଛି।' ଜଷ୍ଟିସ୍ ଯୋଶେଫ୍ ତାଙ୍କ ରାୟରେ ଆହୁରି ଉଲ୍ଲେଖ କରିଛନ୍ତି, ଟ୍ରିପଲ୍ ତଲାକ୍‌ରେ ଯଦି ଏହି ବାଟଗୁଡ଼ିକ ବନ୍ଦ ହୋଇଯାଏ, ତାହାହେଲେ ଏହା ପବିତ୍ର କୋରାନ୍‌ର ନୀତି ବିରୋଧୀ ହେବା ସଙ୍ଗେ ସଙ୍ଗେ ସରିଆତ୍‌ର ବିରୁଦ୍ଧାଚରଣ କରିବ। ଜଷ୍ଟିସ୍ ଆର୍‌ଏଫ୍ ନରିମାନ୍‌ଙ୍କ ସହ ଜଷ୍ଟିସ୍ ଲଳିତ୍ ମଧ୍ୟ ଏକମତ ହୋଇଛନ୍ତି। ଟ୍ରିପଲ୍ ତଲାକ୍ ସମ୍ପର୍କରେ ୬ଟି ଆବେଦନର ଫୈସଲା କରି ଜଷ୍ଟିସ୍ ଯୋଶେଫ୍ ୨୦୦୨ରେ ସମିମ୍ ଆରା ମାମଲାରେ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ଗ୍ରହଣ କରିଛନ୍ତି। ଟ୍ରିପଲ୍ ତଲାକ୍‌ରେ ଆଇନଗତ ବୈଧତା ନଥିବା କୋର୍ଟ ସେତେବେଳେ ଦର୍ଶାଇଥିଲେ। ଜଷ୍ଟିସ୍ ଯୋଶେଫ୍ ତାଙ୍କର ୨୬ ପୃଷ୍ଠାର ରାୟରେ ଟ୍ରିପଲ୍ ତଲାକ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନ ବିଚାରପତି ଓ ବିଚାରପତି ନଜିର୍‌ଙ୍କ ରାୟ ସହ ଏକମତ ହୋଇନାହାନ୍ତି। ଇତିମଧ୍ୟରେ ବରିଷ୍ଠ ଆଡ୍‌ଭୋକେଟ୍ ମୁକୁଲ୍ ରୋହତଗୀ ଏହି ରାୟକୁ ସ୍ୱାଗତ କରି ୟୁନିଫର୍ମ ସିଭିଲ୍ କୋଡ୍ ଲକ୍ଷ୍ୟ ହାସଲ ଦିଗରେ ଏହା ସହାୟକ ହେବ ବୋଲି କହିଛନ୍ତି। ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଳ ମଧ୍ୟ ରାୟକୁ ସ୍ୱାଗତ କରିଛନ୍ତି।

## ଭାରତ-ନେପାଳ ମଧ୍ୟରେ ୮ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ :** ଭାରତ-ନେପାଳ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ୮ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତ ଗସ୍ତରେ ଆସିଥିବା ନେପାଳର ପ୍ରଧାନମନ୍ତ୍ରୀ ଶେର୍ ବାହାଦୂର ଦେଉବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୁଇ ଦେଶ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ରାଜିନାମା କରାଯାଇଛି। ଏହି ୮ଟି ରାଜିନାମା ମଧ୍ୟରୁ ୪ଟି ରାଜିନାମା ନେପାଳରେ ଭୂକମ୍ପ ପରବର୍ତ୍ତୀ ପୁନର୍ନିର୍ମାଣ ସମ୍ପର୍କିତ। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ ଏପ୍ରିଲ୍‌ରେ ନେପାଳରେ ସଂଘଟିତ ଭୟାବହ ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପ୍ରାୟ ୯୦୦୦ ଲୋକ ପ୍ରାଣ ହରାଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତ ନେପାଳରେ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ସହଯୋଗର ହାତ ବଢ଼ାଇଛି। ଭାରତର ସହାୟତାରେ ୫୦ ହଜାର ଘର ପୁନର୍ନିର୍ମାଣ କରାଯିବା ସହ ଶିକ୍ଷା, ସାଂସ୍କୃତିକ ଐତିହ୍ୟ ଓ ସ୍ୱାସ୍ଥ୍ୟସେବାର ଉନ୍ନତି କରାଯାଉଛି। ୪ଟି ବୁଝାମଣାପତ୍ର ଏହି ପୁନର୍ନିର୍ମାଣ ସମ୍ପର୍କିତ ହୋଇଥିଲା ବେଳେ ମେଚି ସେତୁ ନିର୍ମାଣ ପାଇଁ ଭାରତର ସହଯୋଗ ନେଇ ଅନ୍ୟ ଏକ ବୁଝାମଣାପତ୍ର ଉଦ୍ଦିଷ୍ଟ। ଷଷ୍ଠ ବୁଝାମଣାପତ୍ରରେ ଡ୍ରଗ୍ସ ଚୋରା କାରବାର ରୋକିବା ପାଇଁ ଦୁଇ ଦେଶ ସହମତ ହେଉଛନ୍ତି। ଭାରତର ଚାର୍ଟାର୍ଡ ଏକାଉଟାଣ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ନେପାଳର ଚାର୍ଟାର୍ଡ ଏକାଉଟାଣ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ସହଯୋଗ ଲାଗି ସପ୍ତମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଛଡ଼ା ମାନକ ମୂଲ୍ୟାୟନ କ୍ଷେତ୍ରରେ ସହଯୋଗ ଲାଗି ଆଉ ଏକ ବୁଝାମଣା ପତ୍ରରେ ଦୁଇ ଦେଶ ସ୍ୱାକ୍ଷର କରିଛନ୍ତି।

## ବଢ଼ିବନି ଆଧାର-ପାନ୍‌କାର୍ଡ ସଂଯୋଗ ସମୟସୀମା

**ନୂଆଦିଲ୍ଲୀ :** ଟିକସଦାତାମାନଙ୍କୁ ପାନ୍‌କାର୍ଡ ଏବଂ ଆଧାରକାର୍ଡ ମଧ୍ୟରେ ସଂଯୋଗ ନେଇ ପୂର୍ବରୁ ଦିଆଯାଇଥିବା ସମୟ ସୀମାରେ କୌଣସି ବୃଦ୍ଧି କରାଯିବନାହିଁ। ଚଳିତ ମାସ ୩୧ ତାରିଖ ସୁଦ୍ଧା ପାନ୍‌କାର୍ଡ ସହିତ ଆଧାର କାର୍ଡକୁ ସଯୋଗ କରିବାକୁ ହେବ ବୋଲି ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ସିଇଓ ଅଜୟ ଭୂଷଣ ପଣ୍ଡା କହିଛନ୍ତି। ଏତଦ୍‌ବ୍ୟତୀତ ସରକାରୀ ରିହାତି, ସମାଜ ମଙ୍ଗଳ ଯୋଜନା ଏବଂ ଅନ୍ୟାନ୍ୟ କେତେକ ଯୋଜନାର ଲାଭ ପାଇଁ ଆଧାର ନମ୍ବରକୁ ଉଲ୍ଲେଖ କରିବା ଏବେ ବଳବତ୍ତର ରହିବ। ବ୍ୟକ୍ତିଗତ ଗୋପନୀୟତା ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟର ପ୍ରଭାବ ଆଧାର ଏବଂ ପାନନ୍‌କାର୍ଡ ସଂଯୋଗ ଉପରେ କ'ଣ ପଡିବ ବୋଲି ପ୍ରଶ୍ନ ହେବାରୁ ଶ୍ରୀ ପାଣ୍ଡେ କହିଛନ୍ତି ଆୟକର ଆଇନ୍‌ରେ ସଂଶୋଧନ ଅଣାଯାଇ ଆଧାର ସହିତ ପାନ୍‌କାର୍ଡ ସଂଯୋଗ କରାଯାଉଛି। ସେହି ଆଇନ୍ ଅନୁଯାୟୀ ଏହି ସଂଯୋଗୀ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି।

## ଅଟୋମେଟିକ୍ ଯାନ ପରୀକ୍ଷା କରିବ ବ୍ରିଟେନ୍

**ଲଣ୍ଡନ :** ବିନା ଡ୍ରାଇଭରରେ ଗାଡି ଚାଲିବା ଭଳି ଏକ ଅଭିନବ ସଫଳତା ହାସଲ କରିବା ଲକ୍ଷ୍ୟରେ ବ୍ରିଟେନ୍ ଆଗଭର ହୋଇଛି। ତେଣୁ ସ୍ୱୟଂ ଚାଳିତ ଭାବେ ଯାନ ଚଳାଇବା କ୍ଷେତ୍ରରେ ପଦକ୍ଷେପ ଆରମ୍ଭ କରିଛି। ପରିବହନ ପକ୍ଷରୁ କୁହାଯାଇଛି ଯେ, ଗୋଟିଏ ଦଳରେ ୩ଟି ଟ୍ରକ୍ ଚାଲିପାରିବ। ଏଥିରେ ୱାଇଫାଇ ବ୍ୟବସ୍ଥା ରହିବା ସହିତ ବ୍ରେକ୍ ଦେବା ଏବଂ ଗାଡିର ବେଗ ବଢ଼ାଇବା କାର୍ଯ୍ୟ ସମ୍ମୁଖ ଭାଗରେ ରହୁଥିବା ଯାନ ନିୟନ୍ତ୍ରଣ କରିବ। ଏ ସମ୍ପର୍କରେ ସମ୍ପୃକ୍ତ ଅଫିସରଙ୍କ କହିବାନୁସାରେ ଏହି ପଦ୍ଧତି ଦ୍ୱାରା ଇନ୍ଧନ ସଞ୍ଚୟ ହେବା ସହିତ ଅଙ୍ଗାରକ ନିର୍ଗମନ ହ୍ରାସ ପାଇପାରିବ।

## ଓବିସି ସ୍ୱଚ୍ଛଳ ବର୍ଗ ଆୟ ସୀମା ଆଠଲକ୍ଷ

**ନୂଆଦିଲ୍ଲୀ :** ଓବିସି ସ୍ୱଚ୍ଛଳ ବର୍ଗର ବାର୍ଷିକ ଆୟ ସୀମା ୬ ଲକ୍ଷରୁ ୮ ଲକ୍ଷକୁ ବୃଦ୍ଧି କରିବା ସହ ସରକାର ଏହାର ଉପ-ଗୋଷ୍ଠୀ ଚିହ୍ନଟ କରିବା ପାଇଁ ଖୁବ୍ ଶୀଘ୍ର କମିଶନ୍ ଗଠନ କରିବେ। କେନ୍ଦ୍ର କ୍ୟାବିନେଟ୍‌ରେ ଏହାକୁ ଅନୁମୋଦନ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ଏହି ବର୍ଗର ସବୁ ଗୋଷ୍ଠୀକୁ ସମାନପାତିକ ସଂରକ୍ଷଣ ସୁବିଧା ଦେବାପାଇଁ ସରକାର ଚାହୁଁଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ସୂଚନା ଦେଇ ଜେଟ୍‌ଲୀ କହିଛନ୍ତି, ଖୁବ୍ ଶୀଘ୍ର କମିଶନ ଗଠନ କରାଯିବ। ଏହାର ଅଧ୍ୟକ୍ଷ ନିଯୁକ୍ତି ହେବାର ୧୨ ସପ୍ତାହ ମଧ୍ୟରେ କମିଶନ ରିପୋର୍ଟ ଦେବେ ବୋଲି ଆଶା କରାଯାଉଛି। ପଛୁଆ ବର୍ଗ ଜାତୀୟ କମିଶନ (ଏନ୍‌ସିବିସି) ସରକାରଙ୍କୁ ଦେଇଥିବା ରିପୋର୍ଟରେ ଓବିସିର ୩ଟି ଉପଗୋଷ୍ଠୀ ନିର୍ଦ୍ଧାରଣ ପାଇଁ ସୁପାରିଶ କରିଥିଲା। ସଂସଦୀୟ ଷ୍ଟାଣ୍ଡିଂ କମିଟି ମଧ୍ୟ ଏଭଳି ସୁପାରିଶ କରିଛି। ଓବିସିରେ ୩ଟି ଉପଗୋଷ୍ଠୀ କରାଯାଇ ଏହା ମଧ୍ୟରେ ଅତି ପଛୁଆ ବର୍ଗ (ଗ୍ରୁପ୍-ଏ), ଅଧିକ ପଛୁଆ ବର୍ଗ (ଗ୍ରୁପ୍-ବି) ଓ ପଛୁଆ ବର୍ଗ (ଗ୍ରୁପ୍-ସି) ଚିହ୍ନଟ କରିବାକୁ ଏନ୍‌ସିବିସି ସୁପାରିଶ୍ କରିଥିଲା। ଅର୍ଥମନ୍ତ୍ରୀ କହିଲେ ଯେ, ଓବିସି ବର୍ଗରେ ଯାଉଥିବା ସବୁ ଉପଜାତିକୁ ଚିହ୍ନଟ କରାଯାଇ ସେମାନଙ୍କୁ ଯେଭଳି ସଂରକ୍ଷଣର ସୁବିଧା ଉପଲବ୍ଧ ହୋଇପାରିବ, ସେ ସମ୍ପର୍କରେ କମିଶନ ସୁପାରିଶ କରିବେ। ସୁପ୍ରିମକୋର୍ଟ ୧୯୯୨ ନଭେମ୍ବରରେ ଦେଇଥିବା ରାୟରେ ଦର୍ଶାଇଥିଲେ ଯେ, ଅନୁନ୍ନତ ବର୍ଗ ମଧ୍ୟରେ ବିଭାଗୀକରଣ କରିବାରେ ସାମ୍ବିଧାନିକ ବା ଆଇନଗତ ପ୍ରତିବନ୍ଧକ ନାହିଁ। ୧୧ଟି ରାଜ୍ୟରେ ପଛୁଆ ବର୍ଗର ବିଭିନ୍ନ ଉପଗୋଷ୍ଠୀ ଚିହ୍ନଟ କରାଯାଇ ଏହାକୁ କାର୍ଯ୍ୟକାରୀ କରାଗଲାଣି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଝାଡଖଣ୍ଡ, ପୁଡୁଚେରୀ, ହରିଆନା, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତାମିଲନାଡୁ ଓ ଜମ୍ମୁ-କଶ୍ମୀରରେ ଏହି ବ୍ୟବସ୍ଥା ଲାଗୁ ହୋଇ ସାରିଲାଣି। ସରକାର ସଂରକ୍ଷଣ ସୁବିଧାର ସମୀକ୍ଷା କରିବାକୁ ଯାଉଛନ୍ତି କି ବୋଲି ପ୍ରଶ୍ନ ହେବାରୁ ଜେଟ୍‌ଲୀ କହିଛନ୍ତି, ସେଭଳି ପ୍ରସ୍ତାବ ନାହିଁ। ଏହାର କୌଣସି ସମୀକ୍ଷା କରାଯିବ ନାହିଁ। ଜେଟ୍‌ଲୀଙ୍କ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ସହ ଉପସ୍ଥିତ ଥିବା ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଥାଓ୍ୱର୍ ଚାନ୍ଦ୍ ଗେହଲଟ୍ ଜାତି ଜନଗଣନା ସମ୍ପର୍କରେ କହିଲେ, ଏହି ସୂଚନା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖରେ ରହିଛି। କେନ୍ଦ୍ରର ଓବିସି ତାଲିକାରେ ୫୦୦୦ ଜାତି ଓ ସମ୍ପ୍ରଦାୟ ରହିଥିବା ସେ ପ୍ରକାଶ କରିଛନ୍ତି।

## ଖୁବ୍‌ଶୀଘ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳର ଖୁବ୍ ଶୀଘ୍ର ସମ୍ପ୍ରସାରଣ କରାଯିବ। ଚଳିତ ସପ୍ତାହରେ ଏହି ସମ୍ପ୍ରସାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କେତେକ ମନ୍ତ୍ରୀଙ୍କ ସହ ପୃଥକ ଭାବେ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ଏଥିରୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଆସନ୍ନ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅମିତ୍ ଶାହ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଡ୍ଡୀ ଓ ଉପେନ୍ଦ୍ର କୁଶୱାହାଙ୍କ ସହ ଆଲୋଚନା କରିଛନ୍ତି। ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ନିହାତି ଆବଶ୍ୟକତା ପଡୁଛି। କାରଣ କେତେକ ମନ୍ତ୍ରୀଙ୍କ ଉପରେ ଏକାଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅରୁଣ ଜେଟ୍‌ଲୀ ଅର୍ଥ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଉଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦାୟିତ୍ୱରୁ ଅବ୍ୟାହତି ନେଇ ଭେଙ୍କିୟା ନାଇଡୁ ଉପରାଷ୍ଟ୍ରପତି ହେବା ପରେ ଏହି ମନ୍ତ୍ରଣାଳୟ ଦାୟିତ୍ୱ ସ୍ମୃତି ଇରାନୀଙ୍କୁ ନ୍ୟସ୍ତ କରାଯାଇଛି। ସେ ପୂର୍ବରୁ ବୟନ ଶିଳ୍ପ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଛନ୍ତି। ଏହି ସୂତ୍ରରୁ ପ୍ରକାଶ ଯେ, ଏଥର ମନ୍ତ୍ରିମଣ୍ଡଳରୁ ବିଜେପିର କେତେକ ମନ୍ତ୍ରୀଙ୍କୁ ବାଦ୍ ଦିଆଯିବ। ନିକଟରେ ଏନ୍‌ଡିଏରେ ସାମିଲ ହୋଇଥିବା ନୀତୀଶ କୁମାରଙ୍କ ଜେଡିୟୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବ। ଏହାଛଡ଼ା ଏଆଇଏଡିଏମ୍‌କେ ଦୁଇ ଗୋଷ୍ଠୀର ମିଶ୍ରଣ ହୋଇଥିବାରୁ ଏବଂ ବିଜେପି ଇଙ୍ଗିତରେ ଏହି ମିଶ୍ରଣ ସମ୍ଭବ ହୋଇଥିବାରୁ ଏହି ଦଳ ମଧ୍ୟ ଏନ୍‌ଡିଏରେ ସାମିଲ ହୋଇ ମୋଦିଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବିହାରରେ ଜେଡିୟୁ ନେତା ନୀତୀଶ କୁମାର ଆର୍‌ଜେଡି ସହ ସମ୍ପର୍କ ଛିନ୍ନ କରି ବିଜେପି ସହ ହାତ ମିଳାଇ ନୂଆ ସରକାର ଗଠନ କରିଛନ୍ତି। ଜେଡିୟୁ ଏନ୍‌ଡିଏରେ ସାମିଲ ହୋଇଥିବାରୁ ଏବେ ମୋଦିଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇବାକୁ ଯାଉଛି। ଏହା ପୂର୍ବରୁ ଜେଡିୟୁ ସ୍ପଷ୍ଟ କରିଦେଇଥିଲା ଯେ, ଦଳ ଏନ୍‌ଡିଏରେ ସାମିଲ ହୋଇ ସରକାରରେ ସାମିଲ ହେବାକୁ କୁଣ୍ଠାବୋଧ କରିବ ନାହିଁ। ଅଗଷ୍ଟ ୧୯ରେ ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହେବା ପାଇଁ ପ୍ରସ୍ତାବ ଆନୁଷ୍ଠାନିକ ଭାବେ ଗୃହୀତ ହୋଇଥିଲା। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏନ୍‌ଡିଏରେ ସାମିଲ ହେବା ପାଇଁ ଜେଡିୟୁକୁ ଆଗରୁ ଆହ୍ୱାନ ଦେଇଥିଲେ। ଏହା ଫଳରେ ୪ ବର୍ଷ ପରେ ଜେଡିୟୁ ପୁଣି ଥରେ ଏନ୍‌ଡିଏକୁ ଫେରିଛି। ଏହା ପୂର୍ବରୁ ଏହି ଦଳ ୧୭ ବର୍ଷ ଧରି ଏନ୍‌ଡିଏର ଅଂଶୀଦାର ଥିଲା। ୨୦୧୩ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ପଦ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା ହେବା ପରେ ଜେଡିୟୁ ନେତା ନୀତୀଶ କୁମାର ଏହାକୁ ବିରୋଧ କରି ଏନ୍‌ଡିଏରୁ ଓହରି ଯାଇଥିଲେ। ଅପରପକ୍ଷରେ ଆଜି ଚେନ୍ନାଇରେ ଏଆଇଏଡି-ଏମ୍‌କେର ଦୁଇ ଗୋଷ୍ଠୀ ନେତା ଓ' ପନିର୍‌ସେଲଭମ୍ ଏବଂ ଇକେ ପଲାନିସ୍ୱାମୀ ହାତ ମିଳାଇଛନ୍ତି। ଦୀର୍ଘ ୬ ମାସ ପରେ ଏଆଇଏଡିଏମ୍‌କେର ମିଶ୍ରଣ ଘଟିଛି। ଏହି ଦଳ ଏନ୍‌ଡିଏରେ ସାମିଲ ହୋଇ ମନ୍ତ୍ରିମଣ୍ଡଳରେ ମଧ୍ୟ ସାମିଲ ହେବ। ଏହି ଦୁଇ ଦଳରୁ ଦୁଇ ଜଣ ଲେଖାଏଁ କ୍ୟାବିନେଟ୍‌ରେ ସ୍ଥାନ ପାଇବେ ବୋଲି ଏବେ ଠାରୁ ଚର୍ଚ୍ଚା ଜୋର ଧରିଲାଣି।

# କମିବ ମୋବାଇଲ୍ ଫୋନ୍ ବିଲ୍

**ମୁମ୍ବାଇ :** ପାଖାପାଖି ବର୍ଷେ ହେବ ଦେଶର ଟେଲିକମ୍ ଶିଳ୍ପରେ ତାରିଫ୍ ଲଢ଼େଇ ବଳବତ୍ତର ରହିଛି। ଗ୍ରାହକମାନେ ଏହାର ଭରପୂର ଫାଇଦା ଉଠାଇବାରେ ଲାଗିଛନ୍ତି। ମାଗଣା ଫୋନ୍ କଲ ସହିତ ନାହିଁ ନଥିବା ଡାଟା ଫ୍ରି ଅଫ୍‌ର ପରେ ଅଫର ଦେଇ ଚାଲିଛନ୍ତି। ଏହାର ସମସ୍ତ ଫାଦା ଉଠାଇବା ପରେ ପୁଣି ଏବେ ଗ୍ରାହକମାନଙ୍କ ପାଇଁ ଆଉଏକ ଖୁସି ଖବର କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆଗାମୀ ବର୍ଷ ସୁଦ୍ଧା ମୋବାଇଲ୍ ତାରିଫ୍ ୨୫ ରୁ ୩୦% କମିଯିବ ବୋଲି ଜଣାଯାଇଛି। ଟେଲିକମ୍ ବଜାରରେ କେତେକ ବିଶ୍ଳେଷକଙ୍କ କହିବାନୁସାରେ ଆସନ୍ତା ବର୍ଷ ମଧ୍ୟରେ ମୋବାଇଲ୍ କଲ୍ ରେଟ୍ ପାଖାପାଖି ୩୦% ପର୍ଯ୍ୟନ୍ତ ହ୍ରାସ ପାଇବ। ସେହିପରି ଯେଉଁ ଗ୍ରାହକମାନେ ଡାଟା ପାଇଁ ଅଧିକ ଆଗ୍ରହୀ ଅଛନ୍ତି ସେମାନେ ବି ବେଶ୍ ଲାଭାବନ ହୋଇପାରିବେ। କାରଣ ଡାଟା ଦରରେ ମଧ ଅନେକ ହ୍ରାସ ମିଳିବ ବୋଲି ଜଣାପଡିଛି। ରିପୋର୍ଟ ମୁତାବକ ଗତ ବର୍ଷକ ମଧ୍ୟରେ ମୋବାଇଲ୍ ତାରିଫ୍ ୨୫ରୁ ୩୨% ହ୍ରାସ ପାଇଛି। ଅନ୍ୟପକ୍ଷରେ ଅତ୍ୟଧିକ ମୋବାଇଲ୍ ଡାଟା ବ୍ୟବହାର କରୁଥିବା ଉପଭୋକ୍ତା ବେଶ୍ ଲାଭାନ୍ୱିତ ହୋଇଛନ୍ତି। ଡାଟା ଦର ଏହି ବର୍ଷକ ମଧ୍ୟରେ ୬୦-୭୦% ଖସିଛି। ଏହାର ଶ୍ରେୟ ନିଶ୍ଚିତ ରିଲାଏନ୍ସ ଜିଓକୁ ଯିବ ବୋଲି ବିଶ୍ଳେଷକମାନେ ଦର୍ଶାଇଛନ୍ତି। ସେମାନଙ୍କ ମୁତାବକ ଜିଓର ବଜାର ପ୍ରବେଶ ପରେ ହିଁ ତାରିଫ୍ ଲଢ଼େଇ ଜୋରଦାର ହୋଇଥିଲା। ଜିଓର ମାଗଣା ଭଏସ୍ କଲ୍ ଓ ଅତି ଶସ୍ତାରେ ଡାଟା ସେବା ପରେ ଅନ୍ୟ ପ୍ରମୁଖ କମ୍ପାନୀମାନେ ସେମାନଙ୍କ କଲ୍ ଓ ଡାଟା ସେବାକୁ ଅନେକ ଗୁଣ ଶସ୍ତା



କରିଥିଲେ। ଭାରତୀ ଏୟାରଟେଲ୍, ଭୋଡାଫୋନ୍ ଇଣ୍ଡିଆ ଏବଂ ଆଇଡିଆ ସେଲ୍ୟୁଲାର ତାରିଫ ଲଢ଼େଇକୁ ସାମ୍ନା କରିବାକୁ ଯାଇ ସେମାନଙ୍କ ସେବା ଦର ହ୍ରାସ ଘଟାଇଥିଲେ।

ନିଜ ବଜାରର ଅଂଶ କାଏମ୍ ରଖିବା ପାଇଁ କମ୍ପାନୀମାନେ ଗ୍ରାହକଙ୍କୁ ଶାସ୍ତାରେ ସେବା ଯୋଗାଇ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଟେଲିକମ୍ ଶିଳ୍ପ ଏବେ ଋଣର ପାହାଡ ଉପରେ ଠିଆ ହୋଇଥିବା ସତ୍ତ୍ୱେ ବଜାର ଅଂଶ କାଏମ ଲୋଭରେ କମ୍ପାନୀମାନେ ଋଣକୁ ଖାତିର ନ କରି ଶସ୍ତା ସେବା ଉପରେ ମନୋନିବେଶ କରିଛନ୍ତି। ତେବେ ଏହି ଲଢ଼େଇର ଅନ୍ତ ଏବେ ନୁହେଁ, ବରଂ ଆଗକୁ ବି ବଳବତ୍ତର ରହିବ ବୋଲି ଭାରତୀୟ ସେଲ୍ୟୁଲାର୍ ଅପରେଟ୍ର ସଂଘ (ସିଓଏଆଇ)ର ମହାନିର୍ଦ୍ଦେଶକ ରାଜନ୍ ମାଥ୍ୟୁସ୍ କହିଛନ୍ତି। ସେ କହିଛନ୍ତି ଯେ, ଅତିକମ୍‌ରେ ତାରିଫ୍ ଲଢ଼େଇ ବର୍ଷକ ପାଇଁ ଜାରି ରହିବ, ଯାହା କି କମ୍ପାନୀ ଗୁଡିକୁ ଏଭଳି ସଂକଟରୁ ମୁକାଳିବା ପାଇଁ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ହେବ। ଅନ୍ୟପକ୍ଷରେ ଗ୍ରାହକଙ୍କ ପାଇଁ ଏହି ଲଢ଼େଇ ଯେତେ ଘନୀଭୂତ ହେବ, ସେତେ ଭଲ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ। ଡିଲଏଟ୍ ହାସ୍‌କିନ୍ସ ଆଣ୍ଡ ସେଲ୍‌ସ ଏଲ୍‌ଏଲ୍‌ପିର ଜଣେ ପାର୍ଟନର ଥିବା ହେମନ୍ତ ଯୋଶୀ କହିଛନ୍ତି, ମାସିକ ହାରାହାରି ମୋବାଇଲ ବିଲ୍ ବର୍ଷକରେ ୨୫-୨୮% ହ୍ରାସ ପାଇ ୨୪୦-୨୮୦ ଟଙ୍କାକୁ ଖସିଆସିଛି। ଆଗାମୀ ବର୍ଷକ ମଧ୍ୟରେ ପ୍ରାଇସ୍ ୱାର୍ (ଦର ଲଢ଼େଇ) ଯୋଗୁ ବିଲ୍ ପୁନଃ ୨୫-୩୦% ହ୍ରାସ ପାଇବ।

## ଗ୍ରାହକଙ୍କୁ ମିଳିବ ଭରପୂର ଫାଇଦା

## ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପର ଶୁଭାରମ୍ଭ

# ଛାତ ଉପରୁ ମିଳିବ ବିଜୁଳି

**ଭୁବନେଶ୍ୱର :** ପାୱାରକଟ୍ ସମସ୍ୟାରୁ ମିଳିବ ମୁକ୍ତି। ଲୋକେ କମ୍ପାନୀଠୁ ନୁହେଁ, ଲୋକଙ୍କଠୁ କିଣିବ ବିଦ୍ୟୁତ୍। ରୁଫ୍ ଟପ୍ ସୋଲାର ପ୍ରୋଜେକ୍ଟସ ମାଧ୍ୟମରେ ଏହା ସମ୍ଭବ ହୋଇପାରିବ। ଚଳିବର୍ଷ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟରୁ ୮ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ଲାଗି ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସୂର୍ଯ୍ୟ କିରଣରୁ ଘରେ ଘରେ ଉତ୍ପାଦନ ହେବ ବିଜୁଳି। କମିବ ବିଜୁଳି ଦର। ଯିବ ପାୱାର କଟ୍ ଟେନ୍‌ସନ୍। ରୁଫ୍ ଟପ୍ ସୋଲାର ପ୍ରୋଜେକ୍ଟସ ଆଣି ଦେବ ଏହି ସୁବିଧା। ଉଭୟ ଗାଁ ଓ ସହରାଞ୍ଚଳରେ ଚଳିତବର୍ଷ ଏହି ପ୍ରକଳ୍ପ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀରୁ ୪ ମେଗାୱାଟ୍ ଓ ସମଗ୍ର ରାଜ୍ୟରୁ ୮ ମେଗାୱାଟ୍ ବିଜୁଳି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁମାନେ ପ୍ରକଳ୍ପ ଲଗାଇବେ ସେମାନଙ୍କୁ ସରକାର ୩୦ ପ୍ରତିଶତ ସବ୍‌ସିଡି







ଦେବେ। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାଥମିକ ଭାବରେ ରାଜଧାନୀ ଭୁବନେଶ୍ୱରରୁ ୪ ମେଗାୱାଟ୍ ଓ ସାରା ରାଜ୍ୟରୁ ୭ ମେଗାୱାଟ୍ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ନିଜ ନିଜ ଘର ଛାତ ଉପରେ ଏହି ପ୍ରକଳ୍ପ ଲାଗାଯାଇ ପାରିବ। ଏକ କିଲୋୱାଟ୍ ପ୍ରକଳ୍ପ ପାଇଁ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ୧୦ରୁ ୧୨ ବର୍ଗ ମିଟର ଜାଗା ଥିଲେ ନିଜ ଛାତ ଉପରେ ଏହି ପ୍ରକଳ୍ପ ଲଗାଯାଇପାରିବ। ୫୦ ହଜାର ଟଙ୍କାର ପ୍ରକଳ୍ପ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ। ବାକି ୪୦ ହଜାର ଟଙ୍କା ବ୍ୟାଙ୍କରୁ ଋଣ ସୂତ୍ରରେ ମିଳିବ। ଏଥିପାଇଁ ରାଜ୍ୟ ସରକାର ରିହାତି ମଧ୍ୟ ଦେବେ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୪୧୦୦ ମ୍‌ଗାୱାଟ୍ ବିଦ୍ୟୁତ୍ ଆବଶ୍ୟକ ହେଉଛି। ଏଥିରୁ ମାତ୍ର ୧୩୫ ମେଗାୱାଟ୍ ବିଜୁଳି ପବନ ଓ ସୌରଶକ୍ତି ଭଳି ନବୀକରଣ ଯୋଗ୍ୟ ଉତ୍ସରୁ ମିଳୁଛି। ତେବେ ଏହି ରୁଫ୍ ଟପ୍ ସୋଲାର ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଲୋକମାନେ ନିଜସ୍ୱ ବିଜୁଳି ଚାହିଦାକୁ ମେଣ୍ଟାଇବା ସହିତ ଆବଶ୍ୟକତାରୁ ଅଧିକ ହେଲେ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ବିକ୍ରି ମଧ୍ୟ କରିପାରିବେ ବୋଲି କୁହାଯାଇଛି। ଏହା ଦ୍ୱାର ଲୋଡ୍ କମ ହେବା ସହିତ ପାୱାର କଟ୍ ମଧ୍ୟ କମିବ ବୋଲି ଆଶା କରାଯାଇଛି। ଏହା ସହିତ ଲୋକଙ୍କ ବିଜୁଳି ବିଲ୍ ହ୍ରାସ ପାଇବ ବୋଲି ମଧ୍ୟ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଓରେଡା କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥାର ନିଜସ୍ୱ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ମଧ୍ୟ ୧୦୦ କିଲୋ ୱାଟ ବିଶିଷ୍ଟ ସୋଲାର୍ ରୁଫ୍ ଟପ୍ ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ଉକ୍ତ କାର୍ଯ୍ୟାଳୟଟି ନେଟ୍ ପ୍ଲସ୍ ଶକ୍ତି ବୋଲି ପରିଗଣିତ ହୋଇପାରିବ ବୋଲି କୁହାଯାଇଛି। ଏଥିରେ ନିଜସ୍ୱ ବିଦ୍ୟୁତ୍ ଚାହିଦା ବାଦ୍ ବାର୍ଷିକ ୩୪୩୨୦ କିଲୋ ୱାଟ୍ ବିଦ୍ୟୁତ୍ ଶକ୍ତି ବଞ୍ଚାଯାଇ ପାରିବ। ଏନେଇ ପ୍ରାୟ ୧୧ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀ ରୁଫ୍ ଟପ୍ ସୋଲାର ନାମରେ ଏକ ୱେବ୍ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି।

# ବ୍ୟବସ୍ଥିତ ହେବ କୋଚିଂ ସେଣ୍ଟର

## ପଢ଼ାଇବେ ଘରୋଇ ଓ ଅବସରପ୍ରାପ୍ତ ଶିକ୍ଷକ

**ଭୁବନେଶ୍ୱର :** କୋଚିଂ ସେଣ୍ଟରଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଆସିବ ଓଡ଼ିଶା କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ରେଗୁଲେସନ ବିଲ୍ ଆଣିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ମନଇଚ୍ଛା ଖୋଲାଯାଉଥିବା କୋଚିଂ ସେଣ୍ଟରଗୁଡ଼ିକ ଉପରେ ଅଂକୁଶ ଲାଗାଯାଇ ପାରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ ଏକ ଡ୍ରାଫ୍ଟ ବିଧେୟକ ପ୍ରସ୍ତୁତ କରାଯାଇଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ସୂଚନା ଦେଇଛନ୍ତି। ବିଧେୟକ ଅନୁସାରେ କେବଳ ବେସରକାରୀ ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ହିଁ କୋଚିଂ ସେଣ୍ଟରରେ ପାଠ ପଢ଼ାଇ ପାରିବେ। ସେହିପରି କୋଚିଂ ସେଣ୍ଟରରେ ଦିଆଯାଉଥିବା ଶିକ୍ଷାର ମାନ, ଶିକ୍ଷକଙ୍କ ଯୋଗ୍ୟତା ଓ ଭିତ୍ତିଭୂମି ନେଇ ବିଲରେ ବ୍ୟବସ୍ଥା ରହିଛି। ଏ ସମ୍ପର୍କିତ ଆଇନ୍ ଆସିବା ପରେ କୋଚିଂ ସେଣ୍ଟରଗୁଡ଼ିକ ଜିଲ୍ଲାପାଳଙ୍କ ପାଖରେ ପଞ୍ଜୀକରଣ କରିବାକୁ ପଡ଼ିବ। ପଞ୍ଜୀକରଣ ବାବଦକୁ ୫ ହଜାର ଟଙ୍କା ଫି ଦେବାକୁ ପଡ଼ିବ। ଏହାର ବୈଧତା ତିନି ବର୍ଷ ରହିବ ବୋଲି ପ୍ରସ୍ତାବିତ ବିଧେୟକରେ କୁହାଯାଇଛି। ଏହା ସହିତ କୋଚିଂ ସେଣ୍ଟରଗୁଡ଼ିକର ପାଠ୍ୟ ଖସଡ଼ା ଓ ଶିକ୍ଷକଙ୍କ ତାଲିକା ସମ୍ପର୍କରେ ତଥ୍ୟ ବାଧ୍ୟତାମୂଳକ ରହିବ। ଏହାର ଉଲ୍ଲଙ୍ଘନ କଲେ ୨୫ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଏପରିକି ପଞ୍ଜୀକରଣ ରଦ୍ଦ କରିବା ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ସ୍କୁଲ ଏବଂ କଲେଜ ପାଠ୍ୟକ୍ରମ ସାଙ୍ଗକୁ ଡାକ୍ତରୀ, ଇଞ୍ଜିନିୟରିଂ, ବିଭିନ୍ନ ସର୍ବଭାରତୀୟ ପରୀକ୍ଷା ଓ କମ୍ପିଟିଟିଭ୍ ପରୀକ୍ଷା ପାଇଁ କୋଚିଂ ଦିଆଯାଉଛି। ତେବେ ଏବିଷୟରେ ସବିଶେଷ ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ଅନେକ ସମୟରେ ସରକାରୀ ସ୍କୁଲ ଏବଂ କଲେଜର ଶିକ୍ଷକ ନିଜ କର୍ତ୍ତବ୍ୟରେ ଅବହେଳା କରି ଘରୋଇ ଇନ୍‌ଷ୍ଟିଚ୍ୟୁଟରେ ପାଠ ପଢ଼ାଉଥିବା ଅଭିଯୋଗ ଆସୁଛି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ଏହି ନୂଆ ଆଇନ୍ ଅଣାଯିବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସେ କହିଛନ୍ତି ରାଜ୍ୟରେ ଛତୁ ଫୁଟିଲା ଭଳି ବିଭିନ୍ନ ସ୍ଥାନରେ କୋଚିଂ ସେଣ୍ଟର ଖୋଲାଯାଉଛି। ଏଗୁଡ଼ିକ ଠିକ୍ ଭାବରେ ଚାଲୁଛି ନା ନାହିଁ ତାହାର ତଦାରଖ କରାଯିବ। ଏହା ଛଡ଼ା ପିଲାମାନଙ୍କୁ ଠିକ୍ ଭାବରେ ପାଠ ପଢ଼ାଯାଉଛି ନା ନାହିଁ ସେନେଇ ଏହି ବିଧେୟକ ସହାୟକ ହେବ ବୋଲି ସେ କହିଛନ୍ତି।

## ପୋଲିସ ଆଧୁନିକୀକରଣ ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ

**କଟକ :** ଚଳିତ ୨୦୧୭-୧୮ ଆର୍ଥିକ ବର୍ଷରେ ଓଡ଼ିଶା ପୁଲିସର ଆଧୁନିକୀକରଣ ପାଇଁ ୩୧. ୭୫ କୋଟି ଟଙ୍କାର ଏକ ପ୍ରସ୍ତାବିତ କାର୍ଯ୍ୟ ଯୋଜନା(ଆକ୍ସନ ପ୍ଲାନ)କୁ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ମନ୍ତ୍ରଣାଳୟର ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ରାଜ୍ୟ ଗୃହ ବିଭାଗ ଦ୍ୱାରା ପ୍ରେରଣ କରାଯାଇଥିବା ଏହି କାର୍ଯ୍ୟ ଯୋଜନାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅନୁମୋଦନ କରିଛନ୍ତି। ଏହି ଅର୍ଥରୁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ବହନ କରିବେ। ସେହି ହିସାବରେ ଅନୁମୋଦନ ହୋଇଥିବା ଅର୍ଥ ମଧ୍ୟରୁ କେନ୍ଦ୍ର ସରକାର ୧୯.୫ କୋଟି ଓ ରାଜ୍ୟ ସରକାର ୧୨. ୭୦ କୋଟି ବହନ କରିବେ। ରାଜ୍ୟ ସରକାର ପଠାଇଥିବା ୬. ୩୫ କୋଟିର ଅତିରିକ୍ତ କାର୍ଯ୍ୟ ଯୋଜନାକୁ ମଧ୍ୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ କରିଥିବା ସୂଚନା ମିଳିଛି। ରାଜ୍ୟରେ ଦେଖାଯାଉଥିବା ନକ୍ସଲ ସମସ୍ୟା, ଦ୍ରୁତ ଶିଳ୍ପାୟନ ଏବଂ ସହରୀକରଣ ଆଦିକୁ ଦୃଷ୍ଟିରେ ରଖି ଗୁଇନ୍ଦା ବ୍ୟବସ୍ଥାର ଉନ୍ନତିକରଣ, ଅପରାଧ ଅନୁସନ୍ଧାନର ମାନ ବୃଦ୍ଧି ସହ ନୂତନ ଅସ୍ତ୍ରଶସ୍ତ୍ର କ୍ରୟ ଓ କେତେକ ସ୍ୱତନ୍ତ୍ର ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ପୋଲିସ ଆଧୁନିକୀକରଣ କ୍ଷେତ୍ରରେ ଅସ୍ତ୍ରଶସ୍ତ୍ର ଓ ନୂତନ ଉପକରଣ କ୍ରୟ, ଫୋର୍ସ ମୋବିଲିଟି ଓ ପୋଲିସ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତିକରଣ, ପୁଲିସ ପ୍ରଶିକ୍ଷଣ ବ୍ୟବସ୍ଥାରେ ଉନ୍ନତିକରଣ, ଅପରାଧ ଅନୁସନ୍ଧାନ ଓ ରାଜ୍ୟ ବିଧି ବିଜ୍ଞାନ ପ୍ରୟୋଗଶାଳାର ଉନ୍ନତିକରଣ ଏବଂ କ୍ରାଇମ ରେକର୍ଡ ବ୍ୟୁରୋର ଉପକରଣ କ୍ରୟ ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଅନୁମୋଦନ ହୋଇଥିବା ଆକ୍ସନ ପ୍ଲାନରେ ଅସ୍ତ୍ରଶସ୍ତ୍ର ପାଇଁ ୨୧୨.୯୯ ଲକ୍ଷ, ପୁଲିସର ଆଧୁନିକ ଉପକରଣ କ୍ରୟ ପାଇଁ ୧୦୯୪. ୬୮ ଲକ୍ଷ, ଫୋର୍ସ ମୋବିଲିଟି ପାଇଁ ୭୯୩. ୭୫ ଲକ୍ଷ, ଗୁଇନ୍ଦା ତଥ୍ୟ ହାସଲ ବ୍ୟବସ୍ଥାର ଉନ୍ନତିକରଣପାଇଁ ୨୪୪. ୪୮ ଲକ୍ଷ, ପ୍ରଶିକ୍ଷଣ ବାବଦକୁ ୧୧୬. ୫୦ ଲକ୍ଷ, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତିକରଣ ବାବଦକୁ ୨୪୩. ୬୨ ଲକ୍ଷ, ରାଜ୍ୟ ଅପରାଧ ଅନୁସନ୍ଧାନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ୮୨ ଲକ୍ଷ, ରାଜ୍ୟ ବିଧି ବିଜ୍ଞାନ ପ୍ରୟୋଗଶାଳାର ସୁଦୃଢ଼ୀକରଣ ପାଇଁ ୧୨୦ଲକ୍ଷ, ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋର ଉପକରଣ କ୍ରୟପାଇଁ ୨୪୭ ଲକ୍ଷ, ହୋମଗାର୍ଡ ପାଇଁ ଆଧୁନିକ ଉପକରଣ କ୍ରୟ ବାବଦକୁ ୨୦ ଲକ୍ଷ ଟଙ୍କା ରହିଛି। ସେହିପରି ଅନୁମୋଦନ ହୋଇଥିବା ୬.୩୫ କୋଟିର ସପ୍ଲିମେଣ୍ଟାରୀ କାର୍ଯ୍ୟ ଯୋଜନାରେ ପୁଲିସ ଉପକରଣ କ୍ରୟ ବାବଦକୁ ୪୦୧ ଲକ୍ଷ, ଫୋର୍ସ ମୋବିଲିଟି ବାବଦକୁ ୧୫୮. ୭୫ ଲକ୍ଷ, ଗୁଇନ୍ଦା ତଥ୍ୟ ହାସଲ ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ ୪୦. ୦୭ ଲକ୍ଷ ଏବଂ ଯୋଗାଯୋଗ ବ୍ୟବସ୍ଥା ପାଇଁ ୩୫. ୧୮ ଲକ୍ଷ ଟଙ୍କା ରହିଛି। ଏହି ମଞ୍ଜୁର ଅର୍ଥରେ ରାଜ୍ୟରେ ମାଓ ଦମନ ସହ ଅନ୍ୟାନ୍ୟ ଅପରାଧର ମୁକାବିଲା, ପୁଲିସ ଭିତ୍ତିଭୂମିର ସୁଦୃଢ଼ୀକରଣ, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ଉପକରଣ କ୍ରୟ ଓ ପୁଲିସ ପ୍ରଶିକ୍ଷଣ ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ କେ. ବି. ସିଂହ ସୂଚନା ଦେଇଛନ୍ତି।

# ଦିନକୁ ୭ଶହ ଘର ତିଆରି; ନିର୍ମାଣ ହେଲାଣି ୧୨.୩୪ଲକ୍ଷ

**ଭୁବନେଶ୍ୱର :** ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ ୨୦୧୪-୧୫ରୁ ଗରିବ ଲୋକଙ୍କ ପାଇଁ ନିର୍ମାଣ ଚାଲିଥିବା ଘର ସଂଖ୍ୟା ୧୨.୩୪ଲକ୍ଷରେ ପହଞ୍ଚିଲାଣି। ଦିନକୁ ପ୍ରାୟ ୭୦୦ଘର ନିର୍ମାଣ ହେଉଛି। ଗୁରୁବାର ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରାଦ ପାଢ଼ୀ ସଚିବାଳୟରୁ ଜିଲାପାଳଙ୍କ ସହିତ ଭିଡ଼ିଓ କନଫରେନ୍ସିଂ ଜରିଆରେ ଜିଲାୱାରୀ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାର ସମୀକ୍ଷା କରିଥିଲେ। ସ୍ୱଚ୍ଛତାର ସହିତ ଗ୍ରାମପଞ୍ଚାୟତ ଓ ଗ୍ରାମାଞ୍ଚଳସ୍ତରରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂହ ଏ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ନୂତନ ଗୃହ ପ୍ରକଳ୍ପକୁ ଅନୁମୋଦନ ଓ ତଦାରଖ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଜିଲ୍ଲାପାଳମାନେ ହିତାଧିକାରୀଙ୍କୁ ଠିକ ସମୟରେ ଅର୍ଥ ଓ ପ୍ରୋତ୍ସାହନ ଯୋଗାଇବାକୁ ବିଭାଗୀୟ ସଚିବ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ ଯେ କାର୍ଯ୍ୟାଦେଶ ଦେବାର ୪ମାସ ଭିତରେ ଘର ତିଆରି କରୁଥିବା ହିତାଧିକାରୀଙ୍କ ପାଇଁ ୨୦ହଜାର ଏବଂ ୬ମାସରେ ନିର୍ମାଣ ଶେଷ କରିଥିଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବାର ବ୍ୟବସ୍ଥା ରହିଛି। ଏ ପର୍ଯ୍ୟନ୍ତ ୨୮ହଜାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିଥିବା ସଚିବ କହିଥିଲେ। ମନରେଗା ଓ ଜାତୀୟ ଗ୍ରାମ୍ୟ ଜୀବିକା ମିଶନ ସଂଯୋଜିତ କାର୍ଯ୍ୟକ୍ରମ ଜରିଆରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀଙ୍କୁ ଜୀବିକାର୍ଜନ ପାଇଁ ସ୍ଥାୟୀ ସମ୍ପତ୍ତି ଯୋଗାଇଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଥିଲା। ଅତିରିକ୍ତ ଜୀବିକାର ଉତ୍ସ ଭାବେ ହିତାଧିକାରୀଙ୍କୁ ଗାଈ ଓ ଛେଳି ଗୁହାଳ, ଖତ ତିଆରି ପାଇଁ ସହାୟତା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ଏବେ ଖୋର୍ଦ୍ଧା ଓ ବଲାଙ୍ଗିରରେ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଏ ଯୋଜନା ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯିବ ବୋଲି ସଚିବ କହିଥିଲେ। ଭିଡ଼ିଓ କନଫରେନ୍ସିଂରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନା ଏବଂ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା ଭଳି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୧୨,୩୪,୭୪୪ ଗୃହ ପ୍ରକଳ୍ପ ନିର୍ମାଣ ସରିଛି। ଚଳିତବର୍ଷ ଶେଷ ସୁଦ୍ଧା ପ୍ରାୟ ୬ଲକ୍ଷ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ସମସ୍ତ ଗୃହ ଓ ହିତାଧିକାରୀଙ୍କୁ ୩୧ ଅଗଷ୍ଟ ସୁଦ୍ଧା ଜିଓ ଟ୍ୟାଗିଂ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାନୀୟଜଳ ଓ ପରିମଳ ନିର୍ଦ୍ଦେଶକ ରୁପା ମିଶ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଦ୍ରୁତ ଗାଡ଼ି ଚାଳନା ଉପରେ ଲାଗିଲା କଟକଣା

# ବେଗ ବଢ଼ିଲେ ଜୋରିମାନା

**ଭୁବନେଶ୍ୱର :** ରାଜଧାନୀ ରାଜରାସ୍ତାରେ ଏଣିକି ଦ୍ରୁତ ଗତିରେ ଗାଡ଼ି ଚାଳନା ଉପରେ କଟକଣା ଜାରି କରାଯାଇଛି। ଏ ନେଇ କମିଶନରେଟ୍ ପୁଲିସ୍ କଟକଣା ଜାରି କରିଛି। ଘଣ୍ଟାପ୍ରତି ୫୦ କିଲୋମିଟରରୁ ଉର୍ଦ୍ଧ୍ୱ ବେଗରେ ବାଇକ୍ କିମ୍ବା ଅନ୍ୟାନ୍ୟ ଗାଡି ଚଳାଇଲେ ଭରିବାକୁ ପଡ଼ିବ ଜୋରିମାନା। ଆଜି ପୁଲିସ୍ କମିଶନର ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଟ୍ରାଫିକ୍ ପୁଲିସ୍‌କୁ ନିର୍ଦ୍ଦେଶନାମା ଜାରି ହୋଇଛି। ସ୍ଥିତି ବିପଜ୍ଜନକ ଥିଲେ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ ମଧ୍ୟ ହୋଇପାରେ। ଏମିତିକି ଚାଳକକୁ ଜେଲ୍ ବି ଯିବାକୁ ପଡ଼ିପାରେ। ରାଜରାସ୍ତାରେ ଖାମଖିଆଲି ଓ ଦ୍ରୁତଗତିରେ ବାଇକ୍ ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଲାଗିବ ଲଗାମ୍। ଚାଳକ ଘଣ୍ଟାପ୍ରତି ୫୦ କିଲୋମିଟରରୁ ଅଧିକ ବେଗରେ ବାଇକ୍ ଚଲାଇ ପାରିବେ ନାହିଁ। ଟ୍ରାଫିକ୍ ପୁଲିସ୍‌କୁ ସେମାନଙ୍କ ଉପରେ ନଜର ରଖିବା ପାଇଁ କୁହାଯାଇଛି। ଗାଡ଼ି ଚାଳକଙ୍କ ଉପରେ ନଜର ରଖିବା ପାଇଁ ପୁଲିସ୍‌କୁ ଅଧିକ ଟ୍ରାଫିକ୍ ସ୍ପିଡ୍ ଲେଜର ଗନ୍ ଏବଂ ଇଣ୍ଟରସେପ୍ଟର ଯାନ ଯୋଗାଇ ଦିଆଯିବ। ଆଉ ଧରାପଡ଼ିଲେ ସିଧା ଘରକୁ ପହଞ୍ଚିବ ନୋଟିସ୍। ଦ୍ରୁତଗତିରେ କିମ୍ବା ବିପଜ୍ଜନକ ଭାବେ ଗାଡ଼ି ଚଳାଉଥିବା ଚାଳକ ଗିରଫ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ଚାଳକଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ ନାହିଁ, ତାହାଲେ ତାଙ୍କୁ ଜେଲ ଯିବାକୁ ପଡ଼ିବ ବୋଲି ପୁଲିସ୍ ସୂଚନା ଦେଇଛି। ମଦ୍ୟପ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନଜର ରଖିବା ପାଇଁ ଦୁଇଟି ଇଣ୍ଟରସେପ୍ଟର ଯାନ ଏବେ କମିଶନରେଟ୍ ପୁଲିସ୍‌କୁ ମିଳିଛି। ପୁଲିସ୍‌କୁ ଓଡ଼ିଶା ଷ୍ଟେଟ୍ ବିଭରେଜ୍ କର୍ପୋରେସନ୍‌ଠାରୁ ମିଳିଥିବା ଅର୍ଥ ରାଶିରେ ଚାରୋଟି ଯାନ କିଣାଯାଇଛି। ସେଥିରୁ ଦୁଇଟି ଯାନ ଟୁଇନ୍ ସିଟି (ଭୁବନେଶ୍ୱର-କଟକ) ପୁଲିସ୍‌କୁ ଦିଆଯାଇଛି। ବାକି ୨ଟି ଯାନ ପୁଲିସ୍ ଡିଜି ଅନ୍ୟ ଜିଲ୍ଲାକୁ ହସ୍ତାନ୍ତର କରିବେ ବୋଲି ସୂଚନା ମିଳିଛି। ମୁଖ୍ୟତଃ ଏହି ଯାନଗୁଡିକ ଜାତୀୟ ରାଜପଥରେ ମୁତୟନ କରାଯିବ। ଏ ସବୁ ଦ୍ରୁତଗତିରେ ଚାଲୁଥିବା ଗାଡ଼ି ଓ ଦୁର୍ଘଟଣା ରୋକିବା ପାଇଁ କାମ କରିବ। ଆଗରୁ ପୁଲିସ୍ ସ୍ପିଡ୍ ଲେଜର ଗନ୍ ବ୍ୟବହାର କରୁଥିଲା। ହେଲେ ଏଥିରେ ଅସୁବିଧା ଦେଖାଦେବାରୁ ଇଣ୍ଟରସେପ୍ଟର ଯାନ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇଣ୍ଟରସେପ୍ଟରରେ ଲାଗିଥିବା କ୍ୟାମେରା ବେପରୁଆଙ୍କ ଗାଡ଼ି ଫଟୋ ଉଠାଇବ। ଗାଡ଼ି ନମ୍ବରକୁ ଆଧାର କରି ଗାଡ଼ି ଚାଳକଙ୍କୁ ଜୋରିମାନା ଲାଗି ନୋଟିସ୍ ଜାରି କରାଯିବ ବୋଲି ସୂଚନା ମିଳିଛି। ଦିଲ୍ଲୀରେ ରେସିଂ ଯୋଗୁ ଜଣେ ଯୁବ ଚାଳକଙ୍କ ଜୀବନ ଯିବା ପରେ ଏଭଳି ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇଛି ପୁଲିସ୍। ଗତବର୍ଷ ୧୧୭୨ଜଣ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ୫ଲକ୍ଷ ୭୬ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଥିବା ବେଳେ, ଚଳିତ ବର୍ଷ ଏଯାବତ୍ ୩୧୪ ଜଣଙ୍କ ଠାରୁ ୧ଲକ୍ଷ ୫୭ହଜାର ଟଙ୍କା ଫାଇନ୍ କଟାଯାଇଛି।

## ସରକାରୀ କର୍ମଚାରୀଙ୍କ ବିରୋଧରେ ବଢ଼ୁଛି ଅଭିଯୋଗ

# ବାଟ ଓଗାଳିଛି ତଦନ୍ତ, ମିଳୁନି ପଦୋନ୍ନତି

**ଭୁବନେଶ୍ୱର :** ରାଜ୍ୟ ସରକାର ଯେତେ ସ୍ୱଚ୍ଛତା କଥା ପ୍ରକାର କରୁଥିଲେ ମଧ୍ୟ ସରକାରୀ କର୍ମଚାରୀଙ୍କ ନାମରେ ବଢ଼ି ଚାଲିଛି ଦୁର୍ନୀତିର ଅଭିଯୋଗ। କିନ୍ତୁ ଭିଜିଲାନ୍ସ ବିଭାଗ ବେଶ୍ ଚତୁରତାର ସହ ଭିଜିଲାନ୍ସ ଯାଞ୍ଚ୍ ନାମରେ ମାମଲା ରୁଜୁ ନକରି କେବଳ ବଢ଼ାଇ ଚାଲିଛି ଭିଜିଲାନ୍ସ 'ଫାଇଲ୍'। ତଦନ୍ତ ଓ ଆକଳନ ନାଁ ରେ ଏହି ଫାଇଲ୍ ଏବେ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ କାହା ପାଇଁ କାଳ ହେଉଛି ତ ଆଉ କାହା ପାଇଁ ପଦୋନ୍ନତିର ବାଟ ଫିଟାଇଛି। ଏବେ ସରକାରଙ୍କ ବିଭିନ୍ନ ବିଭାଗ ସେମାନଙ୍କ କର୍ମଚାରୀମାନଙ୍କୁ ପଦୋନ୍ନତି ଦେବା ପୂର୍ବରୁ ଭିଜିଲାନ୍ସ ବିଭାଗକୁ କ୍ଲିଅରାନ୍ସ ମାଗୁଛନ୍ତି। ଭିଜିଲାନ୍ସ ରେକର୍ଡ କହୁଛି ଏବେ ପଦୋନ୍ନତି ପାଇଁ ଭିଜିଲାନ୍ସ କ୍ଲିଅରାନ୍ସ ଅପେକ୍ଷାରେ ଅଛନ୍ତି ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ। ପ୍ରତି ମାସରେ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ପହଞ୍ଚୁଛି ୮ରୁ ୧୦ ଚିଠି। ଭିଜିଲାନ୍ସରେ ଗତ ୬ ମାସରେ ସରକାରୀ କର୍ମଚାରୀଙ୍କ ବିରୋଧରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପହଞ୍ଚିଛି। କ୍ରମଶ ଏହି ଅଭିଯୋଗ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଭିଜିଲାନ୍ସ ସ୍କାନରରେ ଏବେ ରହିଛନ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀ। ଗୋପନୀୟ ଭାବେ ଏହି କର୍ମଚାରୀମାନଙ୍କ ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଛି ଭିଜିଲାନ୍ସ। ଏବେ ଆବାସ ଯୋଜନାରେ ଚାଲିଛି ପିସି କାରବାର୍ ଧରପଗଡ଼। କିନ୍ତୁ ମାମଲା ରୁଜୁ ଅପେକ୍ଷା 'ଫାଇଲ୍' ସଂଖ୍ୟା ବଢ଼ାଯାଉଛି। ବର୍ଷ ବର୍ଷ ଧରି ଏହି ଫାଇଲ୍ ପଡ଼ି ରହିବା ପରେ ଭିଜିଲାନ୍ସ ତଦନ୍ତ ଆଳରେ କର୍ମଚାରୀଙ୍କୁ ବେଶ୍ ନାଲି ଆଖି ଦେଖାଇ ଫାଇଦା ଉଠାଇବା କାର୍ଯ୍ୟ ଚାଲିଛି। ତେବେ ଭିଜିଲାନ୍ସ ଯେଉଁ ତାଲିକା ପ୍ରସ୍ତୁତ କରିଛି ସେଥିରେ ୩ୟ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟା ସର୍ବାଧିକ ଥିବା ଜଣାପଡ଼ିଛି। ଏବେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିଳ୍ପ ବିଭାଗରୁ ସର୍ବାଧିକ କର୍ମଚାରୀଙ୍କ ପଦୋନ୍ନତି ପାଇଁ କ୍ଲିଅରାନ୍ସ ମଗାଯାଇଛି। ତଥ୍ୟ କହୁଛି ୨୦୧୪-୧୫ରେ ଅନୁରୂପ ଭାବେ ସରକାରୀ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ଅଭିଯୋଗ ବଢ଼ିଥିଲା। ୨୦୧୫ରେ ୨୨୦୦ ସରକାରୀ କର୍ମଚାରୀ ଭିଜିଲାନ୍ସ ସ୍କାନର୍‌ରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ସର୍ବଭାରତୀୟ ସେବାର କୌଣସି ଅଧିକାରୀଙ୍କ ନାମ ମଧ୍ୟ ତାଲିକାରେ ନଥିଲା। ୨୦୧୬ରେ ଏହି ସଂଖ୍ୟା ବୃଦ୍ଧି ପାଇ ୨୬୮୦ରେ ପହଞ୍ଚିଥିଲା। ୨୦୧୭ ଜୁନ୍ ସୁଦ୍ଧା ପ୍ରାୟ ୩୦୦ କର୍ମଚାରୀ ଭିଜିଲାନ୍ସ ସ୍କାନର୍‌ରେ ରହିଛନ୍ତି। ମାମଲା ରୁଜୁ ହୋଇଛି ମାତ୍ର ଦେଢ଼ ଶହ। କେବଳ 'ଫାଇଲ୍' ସଂଖ୍ୟା ବଢ଼ିଛି।

# ବିଜେପି ରାଜ୍ୟ କାର୍ଯ୍ୟକାରିଣୀ; ଲଢ଼େଇ ପାଇଁ ରଣନୀତି

**ଭୁବନେଶ୍ୱର :** ବିଜେପିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ଶେଷ ହୋଇଛି। ଏଥିରେ ୨୦୧୯ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକାରିଣୀରେ ନିଆଯାଇଥିବା ରାଜନୈତିକ ପ୍ରସ୍ତାବ ସମ୍ପର୍କରେ ଆସନ୍ତା ସେପ୍ଟେମ୍ବରରେ ଓଡ଼ିଶା ଆସୁଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସମୀକ୍ଷା କରିବେ। କାର୍ଯ୍ୟକାରିଣୀକୁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉଦ୍‌ଘାଟନ କରିଥିଲା ବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର୍ ଯୋଗ ଦେଇଥିଲେ। ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ବୈଠକକୁ କେନ୍ଦ୍ର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ ଏବଂ ଅନିଲ ଜୈନ, ରାଷ୍ଟ୍ରୀୟ ସଂପାଦକ ସୁରେଶ ପୁଜାରୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଭୂଷଣ ହରିଚନ୍ଦନ ଓ ଗିରିଧର ଗମାଙ୍ଗୋ, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ କାର୍ଯ୍ୟକାରିଣୀରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଭାଷଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ତୋମାର୍ କେନ୍ଦ୍ର ସରକାରଙ୍କ ସଫଳତା, ସାଂଗଠନିକ ଶକ୍ତି ବୃଦ୍ଧି ଆଦି ପ୍ରସଙ୍ଗରେ ସମସ୍ତ ସଦସ୍ୟଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ 'ନ୍ୟୁ ଇଣ୍ଡିଆ ମନ୍ଥନ-ସଂକଳ୍ପରୁ ସିଦ୍ଧି' କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ମତ ଉପସ୍ଥାପିତ କରିଥିଲେ। ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସଂପାଦକ (ସଂଗଠନ)



ସୌଦାନ ସିଂ 'ନୂତନ ଓଡ଼ିଶା ପରିକଳ୍ପନା' ସମ୍ପର୍କରେ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ସ୍ୱପ୍ନର ଆଗାମୀ ଓଡ଼ିଶା' ସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟରେ ଅପାରଗ ସରକାର ବିରୋଧରେ ନିର୍ଣ୍ଣାୟକ ଲଢେଇ ପାଇଁ ଏହି କାର୍ଯ୍ୟକାରିଣୀରେ ଚୂଡାନ୍ତ ଚିଠା ପ୍ରସ୍ତୁତି ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ୩୬ ହଜାର ବୁଥ୍‌ରୁ ପ୍ରାୟ ୩୪ ହଜାର ବୁଥ୍‌ର ପୂର୍ଣାଙ୍ଗ ବିବରଣୀ ଏହି କାର୍ଯ୍ୟକାରିଣୀରେ ପ୍ରସ୍ତୁତ ହୋଇଛି। ବୁଥ୍ ସ୍ତରରେ ସମାଜର ନୂଆ ଓ ଅନୁଭବୀ ଲୋକ ତଥା ଅନ୍ୟ ଦଳର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ବିଜେପିରେ ସାମିଲ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଗତ ଜୁଲାଇରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଗସ୍ତ ପରେ ୩୬ ହଜାର ବୁଥ ପାଇଁ ଯେଉଁ କାର୍ଯ୍ୟର ଖସଡା ତିଆରି ହୋଇଥିଲା ସେପ୍ଟେମ୍ବରରେ ଶ୍ରୀ ଶାହ ଏହାର ପ୍ରଗତିର ସମୀକ୍ଷା କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ଶାହଙ୍କ ଯୋଜନା ଅନୁଯାୟୀ ଆସନ୍ତା ନିର୍ବାଚନରେ ୧୨୦ ଆସନ ହାସଲ କରିବାରେ ବିଜେପି ସକ୍ଷମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ ଖଣି ଦୁର୍ନୀତି ଏକ ପ୍ରସଙ୍ଗ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନ ଫମ୍ପା ଆୱାଜ୍ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକାରିଣୀର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଯୋଗ ଦେଇ ପାର୍ଟିକୁ ତୃଣମୂଳ ସ୍ତରରୁ ମଜବୁତ କରି ଗଢ଼ି ତୋଳିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ...

## ଚିନ୍ତା ବଢ଼ାଉଛି ସ୍ୱାଇନ୍ ଫ୍ଲୁ

**ରା**ଜ୍ୟରେ ସ୍ୱାଇନ୍ ଫ୍ଲୁ ଭୂତାଣୁର ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଗତ କିଛି ସପ୍ତାହ ମଧ୍ୟରେ ଏହି ରୋଗରେ ୨୮ ପୀଡ଼ିତ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ପ୍ରତ୍ୟେକ ଦିନ ଓଡ଼ିଶାର କେଉଁଠି ନା କେଉଁଠି ଏହି ରୋଗ ଚିହ୍ନଟ ହେଉଛି। ସମଗ୍ର ଦେଶରେ ସ୍ୱାଇନ୍ ଫ୍ଲୁରେ ୧୦୯୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପଛରେ ପରିବେଶ ଦାୟୀ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ସରକାରୀ ସ୍ତରରେ ଏଥିପାଇଁ ସଚେତନତା ସୃଷ୍ଟି କରାଯାଉଥିବା ସତ୍ତ୍ୱେ ଏହି ରୋଗ ଥମିବାର ନାଁ ଧରୁନି।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ ବର୍ଷା ପରେ ଖରା ଓ ଖରା ପରେ ବର୍ଷା ବଢ଼ିବା ହେତୁ ପରିବେଶ ରୋଗ ସଂକ୍ରମଣ ସପକ୍ଷରେ ରହୁଛି। ତେଣୁ ଯେଉଁ ଅନୁସାରେ ନମୂନା ଆସୁଛି ଏଥିରୁ ଏହା ସେଭଳି ବଢୁ ନଥିବା ଜଣାପଡିଛି। ହେଲେ ଏହି କମିବା ବଢ଼ିବା ପଛରେ ଅକାରଣରେ ଝଡିଯାଉଛି ଅନେକ ଜୀବନ। ତେବେ କଥା ଉଠୁଛି ସ୍ୱାଇନ୍ ଫ୍ଲୁ ସଂକ୍ରମଣ ପାଇଁ ଯେବେ ପରିବେଶ ଦାୟୀ ଏହି ପରିବେଶର ସୁରକ୍ଷା କରିବା ଦାୟିତ୍ୱ କାହାର ? ଗତ କିଛିବର୍ଷ ହେବ ଆମ ରାଜ୍ୟରେ ଡେଙ୍ଗୁ ଓ ସ୍ୱାଇନ୍ ଫ୍ଲୁ ଏହାର ଭୟାବହତା ଦେଖାଇ ସାରିଛି। ହେଲେ ଏହି ରୋଗରେ ଯେତେବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼େ ବା ଅଧିକ ରୋଗୀଙ୍କ ମୃତ୍ୟୁ ହୁଏ ସେତିକିବେଳେ ସରକାର ତତ୍ପର ହୋଇଥାନ୍ତି। ହେଲେ ରୋଗ କମିଯିବା ପରେ ଏଥିରେ ନିୟୋଜିତ ବିଭାଗମାନେ ଏହି ଘଟଣାକୁ ହେୟ ମନେ କରିଥାନ୍ତି। ପୁନର୍ବାର ଯେତେବେଳେ ଏହା ବ୍ୟାପେ ପୁଣି ସରକାରୀ ସ୍ତରରେ ଏଥିପାଇଁ ତତ୍ପରତା ପ୍ରକାଶ ପାଏ ଓ ସ୍ୱାସ୍ଥ୍ୟସେବା ଚଞ୍ଚଳ ହୋଇଉଠେ। ଏମିତି ହେବାର କାରଣ କ'ଣ ? ଯେତେବେଳେ ଏକ ଘାତକ ରୋଗ ରାଜ୍ୟବାସୀଙ୍କ ଆଖିରୁ ନିଦ ହଜାଇ ଦିଏ ସେତିକିବେଳେ ଚେଇଁ ରହିବା କ'ଣ ସରକାରୀ ଦାୟିତ୍ୱ ? ନା ଏଥିପାଇଁ ନିୟମିତ ଖସଡା ପ୍ରସ୍ତୁତ ହେବା ସହିତ ଏହି ରୋଗ ରୋକିବା ଦିଗରେ ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ହେଲେ ସେଭଳି କିଛି ନହେବା ଦ୍ୱାରା ଥରକୁ ଥର ଡେଙ୍ଗୁ ଓ ସ୍ୱାଇନ୍ ଫ୍ଲୁ ତା'ର ପତିଆରା ଜାହିର କରୁଛି।

ସୂଚନା ଅନୁସାରେ ବର୍ଷା ଋତୁ ସରିଯିବା ପରେ ଏହି ରୋଗ ଧୀରେ ଧୀରେ କମିଯିବ ଏବଂ ପୁନର୍ବାର ଶୀତ ଆରମ୍ଭରେ ଉତ୍ପାତ ଆରମ୍ଭ କରିବ। ଏ ସବୁକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଜାଗ୍ରତ ନ ରହିଲେ ପରିଣାମ ବିଷମୟ ହେବ ଏବଂ ସରକାର ଏହି କ୍ଷେତକୁ ଭରଣା କରିବାକୁ ଯଥେଷ୍ଟ ହଇରାଣ ହେବେ। ତେବେ ଅନ୍ୟତମ କାରଣ ଭାବେ ଯାହା ଜଣାପଡିଛି ଏହି ରୋଗରେ ଆକ୍ରାନ୍ତ ରୋଗୀମାନେ ବହୁ ବିଳମ୍ବରେ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ହେଲେ ସେତବେଳକୁ ସଂକ୍ରମଣର ପରିମାଣ ବଢ଼ିଯାଇଥିବା ହେତୁ ଚିକିତ୍ସା ସତ୍ତ୍ୱେ ରୋଗୀ ଆଉ ଜୀବନ ଫେରିପାଏନାହିଁ। ତେଣୁ ଏହି ରୋଗରେ ଆକ୍ରାନ୍ତ ହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ସହିତ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହିଛି। ଏଥିପାଇଁ ଜନସାଧାରଣ ନିଜେ ସଚେତନ ନହେଲେ ସରକାର ସବୁକିଛି କରିପାରିବେ ନାହିଁ। ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, କୀଡ୍‌ନି ଓ ଫୁସ୍‌ଫୁସ୍ ସଂକ୍ରମଣର ଶିକାର ବ୍ୟକ୍ତିମାନେ ଅଧିକ ସ୍ୱାଇନ୍ ଫ୍ଲୁ ରୋଗର ଶିକାର ହୋଇଥାନ୍ତି। ତେଣୁ ସେମାନଙ୍କୁ ଯେତେବେଳେ ଥଣ୍ଡା ଜ୍ୱର ଆରମ୍ଭ ହୋଇଥାଏ ସେମାନେ ଡାକ୍ତରଙ୍କ ସହ ଉଚିତ୍ ପରାମର୍ଶ କରି ଚିକିତ୍ସିତ ହେବା ବିଶେଷ ଜରୁରୀ। ଏଚ୍-୧ ଏନ୍-୧ ସଂକ୍ରମଣରୁ ବର୍ତ୍ତିବା ପାଇଁ ଉତ୍ତମ ପରିବେଶ ଦରକାର। ତେଣୁ ପରିବେଶର ସୁରକ୍ଷା ମଧ୍ୟ ରୋଗ ସଂକ୍ରମଣ ରୋକିବା ଦିଗରେ ଉତ୍ତମ ସହାୟକ ସାବ୍ୟସ୍ତ ହୁଏ। ସମ୍ପ୍ରତି ଉପକୂଳ ଜିଲ୍ଲା ମାନଙ୍କରେ ସ୍ୱାଇନ୍ ଫ୍ଲୁ ରୋଗରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ଜଣାପଡିଛି। ତେବେ ଏହି ରୋଗ ଯେ କେବଳ ଓଡ଼ିଶାରେ ଦେଖାଦେଇଛି ତାହାନୁହେଁ। ବରଂ ସମଗ୍ର ଦେଶରେ ସ୍ୱାଇନ୍ ଫ୍ଲୁ ରୋଗ ବହୁ ଜୀବନ ନେଇଛି। ଏଯାବତ ଭାରତରେ ୨୨ ହଜାର ୧୮୬ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ମହାରାଷ୍ଟ୍ରରେ ସର୍ବାଧିକ ୪୩୭ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏହାରି ପଛକୁ ରହିଛି ଗୁଜୁରାଟ ଏବଂ ଏଠାରେ ୨୬୯ଜଣ ସ୍ୱାଇନ୍ ଫ୍ଲୁ ରୋଗୀଙ୍କ ମୃତ୍ୟୁହୋଇଛି। ଉଲ୍ଲେଖଯୋଗ୍ୟ ୨୦୦୯-୧୦ରେ ଦେଶରେ ପ୍ରାୟ ୫୦ ହଜାର ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ସେ ସମୟରେ ସର୍ବାଧିକ ୨୭୦୦ଜଣ ପ୍ରାଣ ହରାଇଥିଲେ। ଏଭଳି ସ୍ଥିତିରେ ସରକାର ଓ ଜନସାଧାରଣ ଉଭୟ ଚେତିବା ଦରକାର।

# ନିକିତି ତଉଲ ସାନବଡ଼କୁ

**।। ସୋଜେବତନ ଦାସ ।।**

**ଗ**ତ କିଛିଦିନ ହେବ ସାରା ରାଜ୍ୟ ଖାଲି ପ୍ରଚାରରେ ଉଠୁଛି ଆଉ ପଡୁଛି। ଭୁବନେଶ୍ୱରର ଇଲେକ୍‌ଟ୍ରିକ୍ ଖୁଣ୍ଟଠୁ ଆରମ୍ଭ କରି ହୋର୍ଡ଼ିଂ ପର୍ଯ୍ୟନ୍ତ ସବୁଠି ଆମ ନେତା '୧ ନମ୍ବର' ବୋଲି ବିଜ୍ଞପିତ ଲେଖା ରହିଛି। ଖବରକାଗଜରେ ଦିନିକିଆ ବିଜ୍ଞାପନ ପରି ମାଳମାଳ ଫଟୋ ଛାପା ହୋଇଛି। କଥା ହେଉଛି ନୂଆଦିଲ୍ଲୀରୁ ପ୍ରକାଶିତ ଏବଂ ଓଡ଼ିଶାରେ ଅଳ୍ପ କେଇଶହ ପ୍ରସାରିତ ଏକ ସାପ୍ତାହିକ ଇଂରାଜୀ ପତ୍ରିକା କାଳେ ତାର ବାର୍ଷିକୋତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେଷ୍ଠ ପ୍ରଶାସକର ସମ୍ମାନ ଦେଇଛି।

ଓଡ଼ିଶାର ପ୍ରଶାସନକୁ ଅତୀତରେ ଦିନାକେତେ ପ୍ୟାରୀବାବୁ ବୁଝୁଥିଲେ। ନେତା, ମନ ଓ ଅମଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ରାଜ୍ୟ ଶାସନର ମୁଖ୍ୟ ପ୍ରଶାସକ ଭାବେ ତାଙ୍କୁ ଗଣା କରୁଥିଲେ। ତାଙ୍କ କଥାରେ କଥାରେ ରାଜ୍ୟର ନିଷ୍ପତ୍ତି ରହୁଥିଲା କିମ୍ବା ବଦଳୁଥିଲା। ତାଙ୍କ ପରେ ବିଜୟ ପଟ୍ଟନାୟକ ଦିନାକେତେ ରାଜ୍ୟ ପ୍ରଶାସନକୁ ସମ୍ଭାଳିଥିଲେ। ଆଉ ଏବେ ସମ୍ଭାଳିଛନ୍ତି ପାଣ୍ଡିଆନ୍ ମହାଶୟ। ବିଜେଡ଼ି ସରକାରରେ ରାଜ୍ୟ ପ୍ରଶାସନକୁ ସାଧାରଣତଃ ଅମଲାତନ୍ତ୍ରହିଁ ଆଜିଯାଏଁ ଚଳାଇଆସିଛନ୍ତି। ଶାସନରେ ଥିବା ମୁଖ୍ୟ କେବଳ ଭାବମୂର୍ତ୍ତି ରକ୍ଷା କରିବା ପାଇଁ କାହାର ମୂର୍ତ୍ତି ଭାଙ୍ଗିଛନ୍ତି ତ ପୁଣି କାହାକୁ ଆସନରେ ବସାଇଛନ୍ତି। ଏକଦା ଯାହାକୁ ଦିନାକେତେ ରେଷ୍ଟ ଦେଇଥିଲେ ପୁଣିଥରେ ତାକୁ ଆକ୍‌ଟିଭ୍ କରିବା ପାଇଁ ଆକସ୍ମିକ ପଦବୀ ଦେଇଛନ୍ତି। ଏସବୁକୁ କହନ୍ତି କ୍ଷମତାର ପରିଚାଳନା। କ୍ଷମତାକୁ ଯଦି ସୁନ୍ଦରଭାବେ ପରିଚାଳିତ କରି ଗଣମାଧ୍ୟମରେ ନିଜର ଭାବମୂର୍ତ୍ତିର ଠିକଣା ପ୍ରଚାର କରିପାରିଲ ତେବେ ସବୁକିଛି ଠିକ୍।

ଗଲାମାସ ନୂଆଦିଲ୍ଲୀରୁ ପ୍ରକାଶିତ ଏମିତି ଏକ ଇଂରାଜୀ ସାପ୍ତାହିକ ମୌନ ମହାବଳୀ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ଦେଇଥିଲା ବୋଲି ପ୍ରାୟ ଏକ ଲକ୍ଷ କପି କିଣାଯାଇ ରାଜ୍ୟରେ ବଣ୍ଟାଯିବାର ଆମେ ଶୁଣିଥିଲୁ। କେତେକ ମଧ୍ୟ ଖବରକାଗଜ ସହ ମାଗଣାରେ ୬୦ଟଙ୍କାର ପତ୍ରିକା ପାଇଥିଲେ। ସରକାରୀ ଅଫିସ୍‌ରେ ଯିଏ ପାଇଲା ସିଏ ନେଲା। ଶୁଣାଯାଏ ଯେ ପୂର୍ବରୁ ଉକ୍ତ ପତ୍ରିକା ସେ ସବୁ କରିବା ପାଇଁ ବିଜ୍ଞାପନ ଆକାରରେ ମୋଟାଅଙ୍କର ଟଙ୍କା ନେଇଥିବା ହେତୁ ଓଡ଼ିଶାର ଖବରକାଗଜଗୁଡ଼ିକ ସେତେବେଳେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏବେ ଯେଉଁ ଏକ ଲକ୍ଷ ପତ୍ରିକା ବଣ୍ଟାଯିବା କଥା ଶୁଣାଯାଉଛି ତାହା ମଧ୍ୟ ଉକ୍ତ ସଂସ୍ଥା ମାଗଣାରେ ଦେଇଥିବ ବୋଲି ଆମର ବିଶ୍ୱାସ ହେଉନାହିଁ। ଭିନ୍ନ ଭିନ୍ନ ସମୟରେ ପୁରସ୍କାର, ସମ୍ମାନ ପାଇବା ପାଇଁ କି କି ପ୍ରକାର କାର୍ଯ୍ୟ କରାଯାଏ ତାହା ଆମେ ଊଣା ବହୁତେ ଖବରକାଗଜମାନଙ୍କରେ ପଢ଼ିବାକୁ ପାଉଛୁ, ସେସବୁକୁ କହନ୍ତି ଲିଟେରାରୀ କାଉଚ୍। କିଛି ଦିନ ତଳେ କାଷ୍ଟିଂ କାଉଚ୍ ନାମରେ ସାରା ରାଜ୍ୟରେ ଚହଳ ପଡ଼ିଥିଲା। ସିନେମାରେ ଅଭିନୟର ସୁଯୋଗ ପାଇବା ପାଇଁ ଝିଅମାନଙ୍କୁ ଲୋଭ ଦେଖାଇ ଶୋଷଣ କରିବା ଥିଲା କାଷ୍ଟିଂ କାଉଚ୍‌ର ମୁଖ୍ୟ ଲକ୍ଷ୍ୟ। ଅଭିଯୋଗ ହେବାରୁ କେତେକ ମାମଲାରେ କେହି କେହି ଦିନାକେତେ ଭିତରକୁ ଯିବା କଥା ଆମେ ଶୁଣିଥିଲୁ। ସେମିତି କେଉଁ ଲେଖିକାକୁ ସାହିତ୍ୟିକା କରିବା ପାଇଁ କେହି ଜଣେ ବଡ଼ଲୋକ ଲୋଭ ଦେଖାଇବାରୁ ମହିଳାଜଣକ ତାଙ୍କ ବିରୋଧରେ ଅଭିଯୋଗ କରିବା କଥା ମଧ୍ୟ ଖବରକାଗଜରେ ପ୍ରକାଶ ପାଇଲା। ଅଭିଯୁକ୍ତ ବ୍ୟକ୍ତି ମଧ୍ୟ ସମ୍ମାନହାନୀ ଅଭିଯୋଗ ଆଣି କେତେକଙ୍କ ନାମରେ ମକଦ୍ଦମା କଲେ। ସେହି ମାମଲା ଏବେ କେତେ ନୂଆ ନୂଆ ଢ଼ଙ୍ଗରେ ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶ ପାଉଛି। ମୋବାଇଲ୍‌ର କଥୋପକଥନକୁ ମଧ୍ୟ ଅବିକଳ ଛପା ଯାଇଥିବା କୁହାଯାଉଛି।

ସେମିତି ଏବେ ନୂଆଦିଲ୍ଲୀର ପତ୍ରିକା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେଷ୍ଠ ପ୍ରଶାସକ (ଶାସକ କହିଥିଲେ ଠିକ୍ ହୋଇଥାନ୍ତା। ହେଲେ ସେଇଟା ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଇଁ ରଖାଯାଇଥିଲା।) ସମ୍ମାନ ଦେବାଟା କିଛି ଛୋଟ କଥା ନୁହେଁ। ଇଏ ପ୍ରାୟ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ସରିକି ସମାନ। ଖେଳାଳୀମାନେ ବିଶ୍ୱ ପ୍ରତିଯୋଗିତାମାନଙ୍କରେ ବିଜୟୀ ହୋଇ ରାଜ୍ୟକୁ କିମ୍ବା ଦେଶକୁ ଫେରିବା ବେଳେ ଯେମିତି ସମ୍ବର୍ଦ୍ଧନା ପାଇଥାନ୍ତି ସେମିତି ନୁହେଁ ତାଠାରୁ ଅଧିକ ସ୍ୱାଗତ ସମ୍ବର୍ଦ୍ଧନା ଭୁବନେଶ୍ୱରରେ ହେଲା। ପରେ ପରେ ସରକାରୀ ଓ ବେସରକାରୀ ସଂଘ, ସମିତିଗୁଡ଼ିକର କର୍ମକର୍ତ୍ତାମାନେ ମଧ୍ୟ ଦଳକୁଦଳ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ। କେଉଁଠି କେଉଁଠି ପୂର୍ବରୁ ସ୍ଥିର ହୋଇଥିବା କାର୍ଯ୍ୟକ୍ରମ ଏବଂ ବୈଠକଗୁଡ଼ିକୁ ଏଥିପାଇଁ ବାତିଲ୍ କରିଦିଆଗଲା। ସମସ୍ତେ ଯେମିତି ଗଡ଼ ଜିଣିଲା ପ୍ରାୟ ଆନନ୍ଦିତ ହୋଇଥିବାର ସମ୍ବାଦସବୁ ଖବରକାଗଜରେ ପ୍ରକାଶ ପାଇଲା।

କଥାରେ ଅଛି - "ଉଦ୍ଧତ ହୁଏ ଯେହୁ ମୂଳରୁ ଯାଏ, ବିନମ୍ର ହେଲେ ସିଏ ଆଦର ପାଏ।" ସମ୍ମାନ ପ୍ରାପ୍ତିରେ ଅତ୍ୟଧିକ ଆନନ୍ଦିତ ହେବା, ମାତ୍ରାଧିକ ପ୍ରଚାର କରାଇବା, ନିଜ ଲୋକଙ୍କ ଦ୍ୱାରା ଆତ୍ମପ୍ରଶଂସା କରାଇ ଖୁସି ହେବା ଏହି ଉଦ୍ଧତ ଶ୍ରେଣୀର କଥା। ଆଗେ ରାଜା, ମହାରାଜାମାନେ ଶିକାରରୁ ଫେରିଲେ ଏ ପ୍ରକାର ସ୍ୱାଗତ ପାଉଥିଲେ। ଦେଶ ଜୟରେ ତ ପାଇବା କଥା। ସମ୍ମାନପ୍ରାପ୍ତି ପ୍ରକୃତ ଯୋଗ୍ୟ ମଣିଷକୁ ଆତ୍ମମୁଖୀ କରିଥାଏ, ବିନମ୍ର କରିଥାଏ। ଗତ କିଛିମାସ ତଳେ ଜଣେ ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କୁ ତାଙ୍କ ସାଧନା ପାଇଁ ପୁରସ୍କାର ଦେବାକୁ ନୋବେଲ୍ କମିଟି ଲୋକେ ତାଙ୍କ ନାମ ଘୋଷଣା କରି ତାଙ୍କୁ ଖୋଜିବାବେଳକୁ ସେ ଗାଏବ ହୋଇ ଲୁଚି ରହିଲେ। ଏତେ ବଡ଼ ସମ୍ମାନର ଅଧିକାରୀ ହେବାକୁ ନିଜକୁ ଯୋଗ୍ୟ ମନେ କରୁନଥିବା ଦର୍ଶାଇ ସେ ଅନେକ ଦିନ ପରେ ମତବ୍ୟକ୍ତ କଲେ। ଏହା ହେଉଛି ପ୍ରକୃତ ବିନମ୍ରତା।

ଓଡ଼ିଶା ଏକ ବିକାଶଶୀଳ ରାଜ୍ୟ ବୋଲି ଆମେ କହୁଛେ। ଏହି ବିକାଶଶୀଳ ରାଜ୍ୟର ଓଡ଼ିଆ ଭାଷାର ସାହିତ୍ୟୋତ୍ସବ ପାଇଁ ଇଂରାଜୀ ଭାଷାର ଗଣମାଧ୍ୟମ ଲୋକେ କାହିଁକି ହୋଟେଲ୍‌ଗୁଡ଼ିକରେ ଅଳ୍ପ ଲୋକଙ୍କୁ ନେଇ ସାଆନ୍ତିଆ ଉତ୍ସବ କରୁଛନ୍ତି ତାହା ବୁଝାପଡୁନାହିଁ। ସେତିକି ଅର୍ଥ ଖର୍ଚ୍ଚ କରି ଓଡ଼ିଆ ପୁସ୍ତକମାନ କ୍ରୟ କରି ପାଠାଗାର, ବିଦ୍ୟାଳୟଗୁଡ଼ିକୁ ଯଦି ଏମାନେ ଯୋଗାଉଥାନ୍ତେ କିମ୍ବା ନିଜର ଉଦ୍ୟମରେ ଓଡ଼ିଶା ପାଠାଗାର ଖୋଲିବା ପାଇଁ କାର୍ଯ୍ୟକରନ୍ତେ ଆମେ ଖୁସି ହୁଅନ୍ତୁ। କିନ୍ତୁ କର୍ପୋରେଟ୍ ଅର୍ଥକୁ କରାୟତ୍ତ କରିବା ପାଇଁ ସବୁ ରାଜ୍ୟ ବୁଲି ଟଙ୍କା ଗୋଟାଉଥିବା ଗଣମାଧ୍ୟମଗୁଡ଼ିକର ଅସଲ ଲକ୍ଷ୍ୟ ଯେ ଭାଷା ସାହିତ୍ୟର ଉନ୍ନତି ନୁହେଁ ତାହା ଯେକେହି କହିବ। ସେମିତି ରାଜନେତାମାନେ କାହା ସମ୍ମାନକୁ ରାଜ୍ୟର ସମ୍ମାନ କହି ଢ଼େଙ୍ଗୁରା ବାଡ଼େଇ ବାଡ଼େଇ ନିର୍ବାଚନ ପ୍ରଚାର ଶୈଳୀରେ ବାହାଦୂରୀ ପ୍ରଦର୍ଶନ କଲେ ତାକୁ ପଲିଟିକାଲ୍ କାଉଚ୍ କହିଲେ ଠିକ୍ ହେବ। ସାମାଜିକ କର୍ମୀମାନେ ଏ ଦିଗରେ ଅଧିକ ଧ୍ୟାନ ଦେବା ଦରକାର। ଏହି ସବୁ ଗଣମାଧ୍ୟମ ଅତୀତରେ କେତେ ଅର୍ଥ ରାଜ୍ୟରୁ ନେଇଛନ୍ତି ଆଉ ଭବିଷ୍ୟତରେ କେତେ ନେଉଛନ୍ତି ତା ଉପରେ ସତର୍କ ଦୃଷ୍ଟି ରଖନ୍ତୁ। ବିଜ୍ଞାପନ ବାବଦ ଏବଂ ଅନ୍ୟପ୍ରକାରେ ଏସବୁ ସଂସ୍ଥା ରାଜ୍ୟରୁ ଅର୍ଥ ପାଉଛନ୍ତି ନା ବିନା ସ୍ୱାର୍ଥରେ ସମ୍ମାନ ଦେଉଛନ୍ତି ତାହା ବିଚାର କରିବା କଥା।

ପ୍ରି-ପେଡ଼୍ ଲେଖା, ପ୍ରି-ପେଡ଼୍ ପୁରସ୍କାର, ପ୍ରି-ପେଡ଼୍ ପ୍ରଚାର କରାଯାଉଥିବା ବିଷୟରେ ଆମେ ଶୁଣିଛୁ। ପରୀକ୍ଷାରେ ୧ ନମ୍ବର ସ୍ଥାନରେ ଥିବା ଛାତ୍ରୀଛାତ୍ର ପରେ କେମିତି ସାଧାରଣ ପ୍ରଶ୍ନର ଉତ୍ତର ଦେଇପାରି ନଥିବା କଥା ଆମେ ପଢ଼ିଛୁ। ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ସେମିତି ବିନା ଗବେଷଣାରେ କେତେକଙ୍କୁ ସମ୍ମାନ ପ୍ରଦାନ କରୁଥିଲେ ଆଉ ଏବେ ମଧ୍ୟ କରୁଛନ୍ତି। କବି ରବି ସିଂହ ସେହି ସମ୍ମାନକୁ ବିଶ୍ୱବିଦ୍ୟାଳୟର ବାଡ଼ିପଟ ଉପାଧି ବୋଲି କହି ସମାଲୋଚନା କରିଛନ୍ତି।

କବି ଯଦୁମଣି ଏକଦା କହିଥିଲେ, "ନିକିତି ତଉଲ ସାନବଡ଼କୁ, ଭାରି ହୁଏ ଯେହୁ ରହେ ତଳକୁ"। ଏହା ଅର୍ଥ ଯିଏ ପ୍ରକୃତରେ ଜ୍ଞାନୀ, ଗୁଣୀ, ବିଦ୍ୱାନ ସେ ନିକିତିର ଓଜନିଆ ପଟ ତଳକୁ ରହିବା ପରି ସର୍ବଦା ବିନମ୍ର ହୋଇଥାନ୍ତି। ଆତ୍ମବଡ଼ିମା ପ୍ରକାଶ କରୁଥିବା ଲୋକ ନିକିତିର ଉପରପଟପରି ହାଲୁକା ହୋଇ ଉପରେ ରହେ। ନିଜକୁ ବଡ଼ ବୋଲି ସେ ପ୍ରଚାର କରୁଥାଏ। ତଳପଟଠାରୁ ଉପରେ ନିକିତିରେ ଥିବା ପରି ନିଜକୁ ଅଧିକ ଶ୍ରେଷ୍ଠ ମନେକରେ। ଆପଣା ଢ଼ୋଲ ଆପେ ବାଡ଼େଇବା କିମ୍ବା ନିଜ ଲୋକଙ୍କ ଦ୍ୱାରା ବାଡ଼େଇବା ଯୋଗୁଁ ସମ୍ମାନ ଆଦୌ ବଢ଼େନାହିଁ। ସେମିତି ରାଜାଙ୍କର ଅଖଣ୍ଡ ପ୍ରଶଂସାଗାନକାରୀଙ୍କ ପରି ଏବେ ମଧ୍ୟ ଚାଟୁକାରିତାପ୍ରିୟ ବୁଦ୍ଧିଜୀବୀ, ଲେଖକ, ସମାଜସେବକ, ସଂଗଠକ, କର୍ମଚାରୀ ଓ ପ୍ରଶାସକଗଣ ରହିଛନ୍ତି। ଯେଉଁମାନେ ପ୍ରଶଂସାଗାନ ପାଇଁ ଲମ୍ବା ଧାଡ଼ି ଲଗାଇଥାନ୍ତି। ଏମାନେଙ୍କ ନାମ ଗୋଟି ଗୋଟି କରି କହିବା ଠିକ୍ ହେବ। କାରଣ ଏମାନେ ରାଜାଶ୍ରିତଙ୍କ ପରି ଏବେ ଶାସନାଶ୍ରିତ ହୋଇ ରହିଛନ୍ତି। ଏମାନଙ୍କ ପେଟପାଟଣା ଶାସନକଳର ଅନୁଦାନ-ବେତନରେ ଚାଲୁଛି। ରାଜାଙ୍କୁ ପ୍ରଶଂସା କରି ସନ୍ତୁଷ୍ଟ କରିପାରୁଥିବା ଲୋକେ ଅତୀତରେ ଯେପରି ରାଜାଙ୍କ ଶୁଭଦୃଷ୍ଟିରେ ରହୁଥିଲେ, ଏବେ ସେହିପରି ରାଜ୍ୟଶାସନ କଳର ଶୁଭଦୃଷ୍ଟିରେ ରହିବାଲାଗି ଏମାନଙ୍କ କୋଳାହଳ, ମେଳାମେଳ। କାରଣ ବିଗତ ଦିନରେ ଯେମିତି ରାଜାଙ୍କ ନାମରେ ସବୁକିଛି ହେଉଥିଲା ଏବେ ସେମିତି ଶାସନାଶ୍ରିତ ସଂସ୍କୃତିରେ ସଭାସମିତିଠାରୁ ଆରମ୍ଭ କରି ଗୀତ ନାଚର ଉଦ୍‌ଘାଟନକୁ ମନ୍ତ୍ରୀ ନଗଲେ ହେଉନାହିଁ। ରାଜପଦକୁ ଏବେ ଗଦ କରି ଏହି ଲୋକେ ଗ୍ରହଣ କରିବାରେ ବ୍ୟସ୍ତ। ଏମାନଙ୍କ ଗଦ ଗଦ ଆନନ୍ଦରେ ସମ୍ମାନ ପାଇଥିବା ଲୋକ ଏବଂ ଚାଟୁକାରଗଣ ଦ୍ୱିଗୁଣିତ ଆନନ୍ଦ ଲାଭ କରୁଥିବେ ଏଥିରେ ସନ୍ଦେହ ନାହିଁ। ଏ ପ୍ରକାର ସାନ ସାନ ପ୍ରଶଂସାରେ ଏତେ ଫାଟିପଡୁଥିବା ଲୋକେ ଯଦି ସତରେ ଗୋଟାଏ ପଦ୍ମ ପୁରସ୍କାର ପାଇଥାନ୍ତେ ତେବେ କଣ ନହୁଏନ୍ତେ ଆଉ !

ସମ୍ମାନ ପାଇବାକୁ ଲୋକେ ଆଜିକାଲି ସ୍ୱିକୃତୀ ବୋଲି ବିଚାର କରୁଛନ୍ତି। ସେଥିପାଇଁ ସମ୍ମାନ ଗୋଟାଇବାକୁ ସବୁକିଛି କରୁଛନ୍ତି। ପ୍ରକୃତ କର୍ମୀ କେବେ କାହାଠାରୁ ସ୍ୱିକୃତୀ ନ ଲୋଡ଼ି କାର୍ଯ୍ୟ କରିଚାଲିଥାଏ। ସେ ଏସବୁଠାରୁ ଦୂରରେ ରହି ବିନମ୍ରତା ପ୍ରକାଶ କରେ, ସମ୍ମାନକୁ ଅହଂକାର ବୋଲି ଭାବେ ନାହିଁ, ଲୋକଙ୍କ ନିକଟରେ ପ୍ରଦର୍ଶନ କରେ ନାହିଁ। ପ୍ରଦର୍ଶନକାରୀ ମୋହ ସବୁବେଳେ ମଣିଷକୁ ସଂକୀର୍ଣ୍ଣ କରେ, ମନକୁ ସଂକୁଚିତ କରେ, ଅପାଣାର ଗୁଣବଳୀକୁ ନଷ୍ଟ କରିଥାଏ। ତେଣୁ ଭାରତରୁ ପ୍ରକାଶିତ ଶହ ଶହ ପତ୍ରିକା ମଧ୍ୟରୁ 'ଆଉଟ୍‌ଲୁକ୍' ଗୋଟିଏ। ସେ ପତ୍ରିକାର ସମ୍ମାନକୁ ସାରା ଦେଶର ସମ୍ମାନ ବୋଲି ଭାବିବା ଅନୁଚିତ୍। ଏଥିରେ ଅତ୍ୟଧିକ ଉଲ୍ଲସିତ ହେବାର କାରଣ କିଛି ନାହିଁ। ଏସବୁ ପତ୍ରିକା ଶାସନାଶ୍ରିତ, ବିଜ୍ଞାପନାଶ୍ରିତ, ଶାସନରେ ଥିବା ଲୋକଙ୍କୁ ସନ୍ତୁଷ୍ଟ କରିବା, ସମ୍ମାନ ଦେବା ଏବଂ ପରେ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନୂଆ ନୂଆ ଢ଼ଙ୍ଗରେ ଆଦାୟ କରିବା ହେଉଛି ଏମାନଙ୍କର ଅସଲ ଲକ୍ଷ୍ୟ। ଏମାନେ ସେବାବ୍ରତୀ ନୁହଁନ୍ତି, ଶତକଡ଼ା ଶହେ ବାଣିଜ୍ୟବ୍ରତୀ। ରାଜ୍ୟ ସରକାର ଓ ସେମାନଙ୍କ ପ୍ରଶଂସକଗଣ ଏଥିପ୍ରତି ସଚେତନ ହୋଇ ସଫଳତାର ଢ଼େଙ୍ଗୁରା ନ ବାଡ଼େଇ କାର୍ଯ୍ୟ କରିଚାଲିବା ଆବଶ୍ୟକ। ରାଜ୍ୟରୁ ଅନାହାର, ଅନାଦର, ଅଶିକ୍ଷା, ଅଭାବ, ଅସ୍ପୃଶ୍ୟତା, ଅମାନବିକତା, ଅନଗ୍ରସରତା ଏବେ ଦୂର ହୋଇନାହିଁ। ଏସବୁକୁ ଆହ୍ୱାନ ମନେକରି ଶାସନକଳ କାର୍ଯ୍ୟକରିଚାଲିବା ଉଚିତ୍।

*ଭାରତୀୟ ସମ୍ବାଦ ସେବା*

# ମୃତ୍ୟୁର ବା କ'ଣ ଅଛି... ?



**ସୁଧାଂଶୁ ଦ୍ୱିବେଦୀ**

'ମୃତ୍ୟୁର ବା କଣ ଅଛି ? ସନ୍ତର୍ପଣରେ ଲିଭାଇ ଦେଇପାରେ ଖୁବ୍ ଜୋରରେ ଜଳୁଥିବା ପ୍ରଚଣ୍ଡ ଆଲୋକ କିବା ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଦୀପ !' ହଠାତ୍ ସେ ଚାଲିଗଲେ। ସେ ଚାଲିଯିବାଟା ଯେତେ ଜରୁରୀ ନଥିଲା, ବଞ୍ଚିରହିବାଟା ସେତେ ପରିମାଣର ଅପରାଧବୋଧ ଥିଲା ତାଙ୍କପାଇଁ। କଣ ପାଇଁ ବଞ୍ଚି ରହିଥାନ୍ତେ ? କାହାପାଇଁ ବଞ୍ଚିଥାନ୍ତେ ? ବଞ୍ଚିବା ପାଇଁ ମନ ଭିତରେ ଅନେକ ମାୟା ମୋହ ଥିଲେ ବି ସେ ଆଉ ବଞ୍ଚିପାରିଲେନି। ସ୍ୱୟଂ ଭଗବାନ୍ ଯେଉଁ ନିୟତୀର ନିର୍ଦ୍ଦେଶରେ ପରିଚାଳିତ। ସେଠି ତାଙ୍କର ବା ସତ୍ତା କଣ ଅଛି ? ଜୀବନର ଅନେକ ଅସଜଡ଼ା ରାସ୍ତା ଅତିକ୍ରମ କରିବାକୁ ପଡ଼ିଥିଲା ତାଙ୍କୁ। ଜୀବନ ମାନେହିଁ ହିଁ ତ ଜଞ୍ଜାଳ। ଜଞ୍ଜାଳମୟ ଜୀବନରେ ଅସଜଡ଼ା ରାସ୍ତାକୁ ସଜାଡୁ ସଜାଡୁ ବହୁତ ଥକି ପଡ଼ିଥିଲେ ସେ। କୈଳାଶ ବାବୁ ଓ ଆତ୍ମାରାମ ବାବୁ ପିଲାଟି ଦିନୁ ଅନ୍ତରଙ୍ଗ ବନ୍ଧୁ। କେବଳ ବନ୍ଧୁ ଶବ୍ଦରେ ସମାହିତ ନୁହନ୍ତି। ଗୋଟିଏ ମା'ର ଦୁଇପୁଅ ପରି ବାଲିଖେଳରୁ ଯୌବନଯାଏ କାର୍ଯ୍ୟକ୍ରମର ସମଭାଗୀ ଥିଲେ ଦୁହେଁ। ଏଭଳି ନିବିଡତାକୁ ଅନେକେ ଇର୍ଷା କରନ୍ତି ପରୋକ୍ଷରେ। କାରଣ ବ୍ରହ୍ମା ଦେଇଥିବା ଭଲ ଓ ଖରାପ ଥଳି ଓଲଟପାଲଟ ହୋଇଯିବା ପରି ମଣିଷଟା ଭଲଥଳିକୁ ପିଠିରେ ଲଦି ପରର ଇର୍ଷା ଭର୍ତ୍ତିଥିବା ଥଳିକୁ ପେଟପଟରେ ଝୁଲାଇ ବାରମ୍ବାର ତାକୁ ଦେଖୁଥିଲା। ସେଥିପାଇଁ ସେ ପରର ପ୍ରାରବ୍ଧକୁ ଦେଖିଲେ ଇର୍ଷାରେ ଜଳିଥାଏ। ତଥାପି ହାତୀଚାଲେ ବଜାରେ କୁତ୍ତା ଭୁକେ ହଜାରେ। ଦୁହେଁ କାହାରି ଇର୍ଷା, ଦ୍ୱେଷ, ଚକ୍ରାନ୍ତରେ ଝୁଣ୍ଟି ପଡ଼ନ୍ତିନି। କୈଳାଶବାବୁଙ୍କ ବାପା ହିନ୍ଦ୍‌ମଟର କମ୍ପାନୀରେ ମ୍ୟାନେଜର। ଭଲ ଦରମା, ଆଖପାଖ ଅଞ୍ଚଳର ଲୋକେ ତାଙ୍କୁ ବେଶ୍ ଖାତିର କରନ୍ତି। (ଯେଉଁ ହିନ୍ଦ୍‌ମଟର କମ୍ପାନୀ ଆମ୍ବାସଡ଼ର କାର ପ୍ରଥମେ ବାହାର କରିଥିଲା।) ବାପାଙ୍କର ଆଜ୍ଞାଧୀନ ପୁଅଭାବେ କୈଳାଶବାବୁ ଭଲ ସ୍କୁଲ, ବଡ଼ କଲେଜରେ ପାଠ ପଢ଼ି ଜ୍ଞାନୀଜନରେ ପରିଚିତ ହେଲେ। ପାଠପଢ଼ା ସରିବାପରେ ଦୁଇବନ୍ଧୁ ମିଶି ଗୋଟେ ଆଇରନ୍ ଫେକ୍ଟ୍ରୀ କଲେ। ଅନେକ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତାରେ ଫେକ୍ଟ୍ରୀ ଉନ୍ନତ କଲା। ଧିରେଧିରେ ଦୁହେଁ ସଂସାରର ବିତ୍ତଶାଳୀମାନଙ୍କ ମଧ୍ୟରେ ସମାସ୍କନ୍ଧ ହେଲେ। କୈଳାଶବାବୁ ବାହାର ଦାୟିତ୍ୱ ବୁଝନ୍ତି। କୋଉ ଷ୍ଟେଟ୍‌କୁ ମାଲ୍ ସପ୍ଲାଇ ହେବ, କେମିତି ହେବ, କୋଉଥିରେ ହେବ ଏମିତି ଅନେକ। ଆତ୍ମାରାମବାବୁ ଫେକ୍ଟ୍ରୀର ହାନିଲାଭ, ମୂଳ-ମଜୁରୀ ବିଷୟରେ ତଦାରଖ କରନ୍ତି।

ଏଇମିତି ଅନେକ ଦିନ ଗଡ଼ିଚାଲିଲା ଦୁହିଙ୍କ ବନ୍ଧୁତ୍ୱର ସମିଶ୍ରଣ ତେଲ ଲୁଣର ସଂସାର। ଆୟବ୍ୟୟର ଅଟକଳ, ଘର-ପରିବାରର ଭରଣ ପୋଷଣରେ ଦୁହେଁ ଅନ୍ୟମାନଙ୍କ ସମାସ୍କନ୍ଧରେ କାନ୍ଧ ମିଶାଇଲେ। ସତକୁ ସତ ଦୁହିଁଙ୍କ କାନ୍ଧ ଅନ୍ୟ ଶିଳ୍ପପତିଙ୍କ କାନ୍ଧ ସହ ସମକକ୍ଷ ହୋଇଗଲା। ସମାନ୍ତରାଳରେ ଗଡ଼ିଚାଲିଲା ଦୁହିଁଙ୍କ ଜୀବନର ଗାଡ଼ି ଆଗକୁ ଆଗକୁ...। ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପୂର୍ବରୁ ଗାଡ଼ିର ଚକ ଫାଟିଗଲା। ଅଧାରାସ୍ତାରେ ଅଟକି ରହିଲେ ଦୁହେଁ। ସେପାଇଁ ବେଶୀ ପରିମାଣରେ କୈଳାସବାବୁ ମର୍ମାହତ ହୋଇପଡ଼ିଲେ। ଯାହାକୁ ସେ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବିଥିଲେ, ଯାହାସହ ବାଲିଖେଳରୁ ବାଟ ଚଲାଯାଏ ସବୁ କରିଥିଲେ। ସେ ଯେ ତାଙ୍କ ସହ ବିଶ୍ୱାସଘାତକ କରିବ ସେ କେବେ କଳ୍ପନା କରିନଥିଲେ ! ନିଜ ବିଶ୍ୱାସର ବିଷ ନିଜକୁହିଁ ପିଇବାକୁ ହୁଏ। ଉପାୟ ନାହିଁ। ନିଜର ଭାବି ଫେକ୍ଟ୍ରୀର ସବୁ ଦାୟିତ୍ୱ ଆତ୍ମାରାମଙ୍କ ଉପରେ ସମର୍ପି ଦେଇଥିଲେ ସେ। ହେଲେ ଆତ୍ମାରାମ କଣ କଲେ ? ଫେକ୍ଟ୍ରୀକୁ ନିଜ ନାଁରେ କରିନେଇ କୈଳାସବାବୁଙ୍କୁ ଦାଣ୍ଡର ଭିକାରି ସଜେଇ ଦେଲେ। ଧନର ମୋହ ଖୁବ୍ ବଡ଼ ମୋହ। ସେ ମୋହରେ ଥରେ ଯିଏ ପଡ଼ିଛି ସେ ହତ୍ୟା କରିବାକୁ ପଛେଇଯାଇନି। ଡାହାଣ ହାତ ଯେତେବେଳେ ବାମ ହାତକୁ ବିଶ୍ୱାସ କରୁନି, ସେଠି ଏତେଟା ସିଧାସାଧାଭାବେ ନିଜର ସବୁ କିଛି ସମର୍ପିଦେବା ଅନୁଚିତ୍ ଥିଲା କୈଳାସ ବାବୁଙ୍କର। ହେଲେ ସେ ନିରୁପାୟ। ସନ୍ଥ ଗାଈର ବାଛୁରୀ ମରେ। ଏ ଦୁନିଆରେ ସରଳ, ନିଷ୍କପଟ, ନିରାଡ଼ମ୍ବର ହେଲେ ପଛରୁ କିଏ ଚୂଳ କାଟିନେବ ଜାଣିହେବନି।

ସେହି ସରଳତାର ସୁଯୋଗ ନେଇ, ସେହି ନିଷ୍କପଟତାର ଫାଇଦା ଉଠେଇଛନ୍ତି ଆତ୍ମାରାମ ବାବୁ। ବନ୍ଧୁ ନାମରେ କଳଙ୍କ ବୋଳିଛନ୍ତି। କୈଳାସ ବାବୁଙ୍କ ସାରାଜୀବନର ପରିଶ୍ରମକୁ ଠକିଦେଇଛନ୍ତି ସାମାନ୍ୟ କିଛି ଧନ ଲୋଭରେ। ଏତେବଡ଼ ଦୁର୍ଘଟଣା ପରେ କୈଳାସବାବୁଙ୍କୁ ଖୁବ୍ ଜୋର ଝଟକା ଲାଗିଲା। ନିଜ ପରିବାର, ଫେକ୍ଟ୍ରୀ, ବନ୍ଧୁ ପରିଜନ ସମସ୍ତଙ୍କଠାରେ ସେ ପୁଣି ଜଣେ କପର୍ଦ୍ଦକଶୂନ୍ୟ ହୋଇଗଲେ। ଭାବନାତ୍ମକ ପ୍ରତିକ୍ରିୟାରେ ଧିରେଧିରେ ଅବସାଦର ଅସୁର ତାଙ୍କୁ ମାଡ଼ିବସିଲା। ଗୋଟିଏ ନିବୁଜଘର ଭିତରେ ହିଂସ୍ର ପଶୁ ଭଳି ବସିରହିଲେ ଦିନରାତି। ଅବସାଦରୁ ଧିରେ ଧିରେ ଅନେକ ରୋଗଗ୍ରାସ କଲା ତାଙ୍କ ଶରୀର ମଧ୍ୟରେ। କେବେ ଖାଇବାକୁ ଡାକିଲେ ହଁ, କେବେ ନ ଡାକିଲେ ବି କିଛି ପ୍ରତିକ୍ରିୟା ନଥିଲା ତାଙ୍କଠି। ଦିନରାତି ଚୁପ୍‌ଚାପ ଗୋଟିଏ ଘରେ ବସିରହି ଏଣୁତେଣୁ ଅନେକ ଚିନ୍ତାକୁ ମୁଣ୍ଡରେ ପୁରେଇ ଅନ୍ୟମାନଙ୍କ ମୁଣ୍ଡକୁ ଖରାପ କରିବାଥିଲା ତାଙ୍କର କାମ। ଜାଣୁଜାଣୁ ସେ ଅନ୍ୟମାନଙ୍କ ମୁଣ୍ଡ ବିଗାଡୁ ନଥିଲେ। ପୁଷ୍ପମୟ ଚଲାପଥ ବେଳେବେଳେ କଣ୍ଟକମୟ ହୋଇଯାଏ। ସେଇ କଣ୍ଟାର ଯନ୍ତ୍ରଣାରେ ନିଜେ ଯନ୍ତ୍ରଣା ପାଉଥିଲେ ତ ଅନ୍ୟଙ୍କୁ ସେହି ଯନ୍ତ୍ରଣାରେ ଭାଗି କରାଯାଉଥିଲେ।

ତାଙ୍କର ସେ ଯନ୍ତ୍ରଣାମୟ ଜୀବନକୁ ବିଶ୍ଳେଷଣ କଲେ କେହିବି ପ୍ରକୃତିସ୍ଥ ମଣିଷ ଦୂରେଇ ରହିବାକୁ ପ୍ରୟାସ କରିବ। ଅଭିନ୍ନ ଥିଲା ତାଙ୍କ ଜୀବନ ଶୈଳୀ। ଗାଧୋଉଛନ୍ତିତ ବାସ୍ ୨ ଘଣ୍ଟା, ଝାଡା ଯାଇଛନ୍ତି ତ ସେଇମିତି ଘଣ୍ଟେ। ଏଇମିତି ଗାଧୋଇ ସାରିବା ପରେ ପାଣିନଳଠାରୁ ଜୁହାର ହୋଇ ଶେଷରେ ଏକ୍‌ଜଷ୍ଟ ଫେନ୍ ପାଖେ ସରିବ। ଗପିବାକୁ ବସିଲେ ଦିନ ସାରା ଗପର ପସରା ମେଲିଥିବ। ଏମିତି ସ୍ୱଭାବ ପାଇଁ ତାଙ୍କ ଘର ପରିବାର ପୁଅ ବୋହୂ ନାତି ନାତୁଣୀ କାହାରି ସହ ସାମଞ୍ଜସ୍ୟ ରହିଲା ନାହିଁ। ଦିନୁଦିନ ସେ ବି ନିଜ ଭାବନା ଭିତରେ ଏମିତି ଘାରିହେଲେ ଯେ କେହି ଆଉ ତାଙ୍କ କଥା ବୁଝିପାରିଲେନି। ହଠାତ୍ ଦିନେ ତାଙ୍କ ଶରୀର ଏମିତି ଖରାପ ହୋଇଗଲା ଯେ ହସ୍‌ପିଟାଲରେ ଏଡମିସନ ହେବାକୁ ପଡ଼ିଲା। ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ତାଙ୍କର କଣ ହୋଇଛି କିଛି ଜାଣିପାରିଲେନି। ମୃତ୍ୟୁ ତାଙ୍କୁ କବଳିତ କରିନେଲା ଚାରିପଟରୁ। ନିଜର ସ୍ଥିତି, ଗତି ସବୁ ଅଚଳ ହୋଇଗଲା। କେବଳ ଯାହା ବାକି ରହିଲା ମୁକ୍ତି। ତାହାବି ମିଳିଗଲା ତାଙ୍କୁ...।

*ଯୋଗ ଫର ଲାଇଫ୍*
*ବିସି-୭୪, ସେକ୍ଟର-୧,*
*ସଲଟ୍‌ଲେକ୍, କଲକତା-୬୪*
*ମୋ- ୯୬୮୧୩୭୩୫୧୨*

# ପାକଶାଳା ଉଦ୍ୟାନ ପଦ୍ଧତି



**ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର**

**ନି**ଜ ବାଡି ବଗିଚାରେ ପଡିଆ ପଡିଥିବା ଜାଗାରେ ନିଜ ଉଦ୍ୟମରେ ପରିବା ଚାଷ କରିବା ପଦ୍ଧତିକୁ ପାକଶାଳା ଉଦ୍ୟାନ କଲଚର କୁହାଯାଏ। ଏହାକୁ କାର୍ଯ୍ୟକାରୀ କଲେ ଜମିର ସଦୁପଯୋଗ ହୋଇପାରିବ। ଘର ପାଇଁ ସୁସ୍ଥ ପରିବା ଆମଦାନି ହୋଇପାରିବ, ଘରର ପରିବା ଖର୍ଚ୍ଚ କେତେକାଂଶରେ କମିଯିବ, ପରିବାରର କର୍ମପ୍ରବଣ ବ୍ୟକ୍ତିଙ୍କ ପାଇଁ ଏହା ଏକ ଦୈନିକ ବ୍ୟାୟାମର ସୁବିଧା ଯୋଗାଇ ପାରିବ ଓ ସର୍ବୋପରି ଘରର ପରିବେଶର ଯତ୍ନ ସୁଚାରୁରୂପେ ଦିଆଯାଇପାରିବ। ଏଥିରେ ଅପାର ଆନନ୍ଦ ମଧ୍ୟ ପ୍ରାପ୍ତି ହେବ। ନିମ୍ନରେ ପାକଶାଳା ଉଦ୍ୟାନ ପଦ୍ଧତିର ଏକ ନମୁନା ଦିଆଗଲା-

**ସ୍ଥାନ ନିରୁପଣ :** ନିଜ ଘର ବାଡିରେ ଏକ ସମତଳ ସ୍ଥାନ ବାଛିବେ ଯେଉଁଠାରେ ବର୍ଷାପାଣି ଜମି ରହୁନଥିବ। ସ୍ଥାନଟି ଆୟତାକାର ହେବା ଆବଶ୍ୟକ। ଯଥା : ୩୦ ଫୁଟରେ ୨୦ ଫୁଟ ବା ୫୦ ଫୁଟରେ ୪୦ ଫୁଟ।

**ପଟାଳି ତିଆରି :** ଉକ୍ତ ଜାଗାକୁ ନିର୍ଦ୍ଦିଷ୍ଟ ମାପରେ ଆୟତକାର ପଟାଳିରେ ଭାଗ କରିବେ। ଉଦାହରଣ ସ୍ୱରୂପ ୭ ଫୁଟ ଦୈର୍ଘ୍ୟରେ ୫ ଫୁଟ ପ୍ରସ୍ଥ।

**କୃଷି ସରଞ୍ଜାମର ବ୍ୟବସ୍ଥା :** ଏହି ଯୋଜନା ପାଇଁ ଗୋଟିଏ ଫାଉଡା, ଶାବଳା, ଖୁରୁପି (ମାଟି ଖୁସାଇବା ପାଇଁ), କଟୁରୀ, ଦାଆ, ବାଲଟି, ପ୍ରାୟ ୫୦ ଫୁଟ ପାଇପ (ପାଣି ମଡାଇବା ପାଇଁ), ପାଣି ଦେବା ପାଇଁ ଝରା ଓ ମଗ ନିହାତି ପକ୍ଷେ ଯୋଗାଡ କରିବାକୁ ହେବ। ପରେ ଆବଶ୍ୟକ ଅନୁସାରେ ଅନ୍ୟାନ୍ୟ ସରଞ୍ଜାମ ଯୋଗାଡ କରିବେ।

**ଗୋବର ଖତ ବା କମ୍ପୋଷ୍ଟ :** ଗାଈଆଳଙ୍କଠାରୁ ଗୋବର ଖତ ୨/୪ ଗାଡି ବନ୍ଦୋବସ୍ତ କରିବେ। ଅନ୍ୟଥା ବଗିଚାରେ ପ୍ରତିଦିନ ଝାଡୁ ମାରିଲା ବେଳେ ଯେଉଁ ଶୁଖିଲା ପତ୍ର ବାହାରେ, ତାକୁ ଏକ ଗାତ ଖୋଳି ତା ମଧ୍ୟରେ ଭରି କରିବେ। କ୍ରମେ ଭରି ହୋଇଗଲେ ଏହା ଉପରେ କିଛି କଞ୍ଚା ଗୋବର ଓ ୟୁରିଆ ପକାଇ ତାକୁ ମାଟି ଦ୍ୱାରା ପୋତି ଦେବେ। ଦୁଇ ମାସ ପରେ କମ୍ପୋଷ୍ଟ ପ୍ରସ୍ତୁତ ହୋଇଯିବ।

**ବିହନ ଓ ଚାରା ବନ୍ଦୋବସ୍ତ :** ବର୍ଷା ଦିନ ପାଇଁ ବାଇଗଣ, ଲଙ୍କା, ଭେଣ୍ଡି, ଜହ୍ନି, କଖାରୁ, ଲାଉ, ପୋଇ, ଖଡାଶାଗ, ଝୁଡଙ୍ଗ, କାକୁଡି, ଛଚିନ୍ଦ୍ରା ଆଦି ଅନୁକୂଳ ପରିବା। ଏହାର ବିହନ ଓ ଚାରା ସ୍ଥାନୀୟ ବଜାରରୁ ବନ୍ଦୋବସ୍ତ କରିବେ। ଯଦି କୌଣସି ନର୍ସରୀ ବା ସରକାରୀ ସଂସ୍ଥାରୁ ମିଳୁଥାଏ, ତା'ର ଉପଯୋଗ କରିବେ। ବାଇଗଣ ଓ ଲଙ୍କା ମରିଚ ଚାରା ଆଣି ଧାଡିରେ ରୋଇବେ। ବାଇଗଣ ପାଇଁ ବ୍ୟବଧାନ ହେଉଛି ୨ ଫୁଟ ଧାଡିକୁ ଧାଡି ଓ ଦେଢ଼ ଫୁଟ ଗଛକୁ ଗଛ ଏବଂ ଲଙ୍କା ପାଇଁ ଦେଢ଼ ଫୁଟରେ ୧ ଫୁଟ ବ୍ୟବଧାନ ରଖି ଚାରା ରୋଇବେ।

ଶାଗ ପଟାଳି ଅତି କମ୍‌ରେ ଦୁଇଟି ନେବେ। ଦୁଇଟିଯାକ ପଟାଳିରେ ଶାଗ ମଞ୍ଜି ବୁଣିବେ। ଯେତିକି ଶାଗ ମଞ୍ଜି ନେଇଥିବେ ସେଥିରେ ୪ଗୁଣ ସରୁବାଲି ଭଲ ଭାବରେ ମିଶାଇ ଅନ୍ୟୁନ ୩ଥରରେ ବୁଣିବେ। ବୁଣିଲା ପରେ ହାତ ଆଙ୍ଗୁଳି ବୁଲାଇ ମଞ୍ଜିକୁ ମାଟି ଭିତରକୁ ଦେବେ। ଏହାପରେ ଏଥିରେ ଭଲ ଭାବରେ ଝରା ସାହାଯ୍ୟରେ ପାଣି ଦେବେ। ଗୋଟିଏ ପଟାଳିର ଶାଗ ଉପାଡି ଖାଇବେ। ସୁସ୍ଥ ଖଡା ଗଛ (୬ ଇଞ୍ଚ ଉଚ୍ଚତା) ସେହି ପଟାଳିରେ ରୋଇ ସାର ପାଣି ଦେଇ ବଢ଼ାଇବେ ଓ ପତ୍ର ଖୁଣ୍ଟି ତୋଳିବେ।

ଭେଣ୍ଡି, ପୋଇ (ଚାରା), ଝୁଡଙ୍ଗ ଭଳି ପରିବାକୁ ଧାଡି ବୁଣା ବା ରୁଆ କରିବେ। ରୁଆ ବୁଣାର ୧୦/୧୨ଦିନ ପରେ ଘାସ ବାଛି ସାର ଦେଇ ମାଟି ଉଠାଇବେ। ଠିକ୍ ସମୟ ବ୍ୟବଧାନରେ ପାଣି ପାଇପରେ ଆଣି ଜଳ ସେଚନ କରିବେ। ବର୍ଷା ଯଦି ଲଗାତାର ଚାଲିଛି, ଜଳ ସେଚନର ଆବଶ୍ୟକତା ନାହିଁ। ସର୍ବଦା ପଟାଳି ଘାସମୁକ୍ତ ରଖିବା ପାଇଁ ଯତ୍ନ କରିବେ। ଜହ୍ନି, କଖାରୁ, ଲାଉ, କାକୁଡି, ଛଚିନ୍ଦ୍ରା ଜମିର ହିଡ ବାହାରେ ମନ୍ଦା କରି ଲଗାଇ ପାଣି ଦେବେ ଓ ଗଛ ୪/୬ ପତ୍ର ହେଲେ ସେଥିରେ ସାର ପାଣି ଦେବେ। ଜହ୍ନି, କାକୁଡି ପାଇଁ ରଞ୍ଜା ପୋତିବା ବନ୍ଦୋବସ୍ତ କରିବେ। ଲାଉ, କଖାରୁ ଗଛକୁ ମାଟିରେ ମଡାଇ ଦେବେ ଯେପରି ଲତାଗୁଡିକ ପଟାଳି ବାହାରକୁ ଯିବ। କଖାରୁ ଫସଲର ପତ୍ର, ଫୁଲ, ଡଙ୍କ ଇତ୍ୟାଦି ଖାଇବା ପାଇଁ ଅତ୍ୟନ୍ତ ସ୍ୱାଦଯୁକ୍ତ।

**ଅନ୍ୟାନ୍ୟ ଗଛ :** ବଗିଚା ବାହାରେ ମନ୍ଦା କରି ୮ ଫୁଟ ବ୍ୟବଧାନରେ ଅମୃତଭଣ୍ଡା କେତୋଟି ଗଛ ଲଗାଇବେ। ୧୦ ଫୁଟ ବ୍ୟବଧାନରେ କେତୋଟି ସଜନା ଡାଳ କାଟି ପୋତିବେ ଓ ତାହାର ଯତ୍ନ ନେବେ। ଏ ଦୁଇଟି ଦୀର୍ଘମିଆଦି ପରିବା।

**ସାର ପ୍ରୟୋଗ :** ୟୁରିଆ ଓ ପଟାସ (୧ କିଲୋ+୨୦୦ ଗ୍ରାମ୍) ମିଶାଇ ରଖିଥିବେ, ଆବଶ୍ୟକ ହେଲେ ୨୦/୨୫ ଦିନ ବ୍ୟବଧାନରେ ପ୍ରୟୋଗ କରୁଥିବେ।

**ବିହନ ସଂଗ୍ରହ :** ବିହନ ସମସ୍ୟା ଅତ୍ୟନ୍ତ ଉତ୍କଟ। ତେଣୁ ଭଲ ବାଇଗଣ, ଲଙ୍କା ଓ ଭେଣ୍ଡି ଗଛକୁ ଚିହ୍ନଟ କରି ନିଜ ବିହନ ନିଜେ ସଜାଡି ରଖିଲେ, ପରବର୍ତ୍ତୀ ପର୍ଯ୍ୟାୟରେ କାମରେ ଲାଗିବ।

ଏହି ପର୍ଯ୍ୟାୟରେ ଏତିକି କୁହାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ବିବରଣୀ ଦିଆଯିବ। ଆବଶ୍ୟକ ପଡିଲେ ମୋବାଇଲ ଦ୍ୱାରା ନିଃଶୁଳ୍କ ପରାମର୍ଶ ନେବେ।

*ଓୟୁଏଟିର ପ୍ରାକ୍ତନ*
*ପନିପରିବା ବିଶେଷଜ୍ଞ*
*ମୋ : ୯୯୩୮୮୩୨୩୦୯*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୦୨୯
୭୦୦୮୩୪୦୩୮୯

# ବେଦନାର ବେଦ (୩୧)

ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

"ଉଠିଆସ ଭାଇ ଉଠିଆସ, ଜଗନ୍ନାଥର ନନ୍ଦିଘୋଷ ରଥ ଉପରକୁ ଉଠିଆସ।" ରିକ୍ସାବାଲର ଏପରି କଥା ଚକ୍ରଧରକୁ ଅଜବ ଲାଗିଲେ ମଧ୍ୟ ଏକଥାର ତର୍ଜମା କରିବାକୁ ତା' ପାଖରେ ସମୟ ନଥିଲା କି ତା'ର ମାନସିକତା ମଧ୍ୟ ନଥିଲା।

ଗୋଟାଏ ଅକ୍ଷମୟ ବିବଶତା ତାକୁ ସମ୍ପୂର୍ଣ୍ଣ ଭାବରେ କବଳିତ କରି ରଖିଥିଲା।

ରିକ୍ସାବାଲାଟି ବୁଝାଇ ଦେଲା- "ମୋ ନାଁ ହେଉଛି ଜଗନ୍ନାଥ! ମୋ ନାଁ ଜଗନ୍ନାଥ ହେଲେ ମୋ ରିକ୍ସାର ନାଁ ନନ୍ଦିଘୋଷ ହେବ ନା ନାଇଁ! କ'ଣ ଭାଇଏ ମୋ କଥା ଠିକ୍ ନା ଭୁଲ୍?"

'ଠିକ୍ ଠିକ୍' - ଏକଥା କହିଲା ନାଇଁ ଚକ୍ରଧର। କିଛି କହିବା ପାଇଁ ତା'ର ଇଚ୍ଛା ହେଉନଥିଲା। ତା' ଭିତରର ସବୁ ସରସତା, ସବୁ ଇଚ୍ଛା, ସବୁ ଆଗ୍ରହ ପୋତି ହୋଇପଡିଥିଲା ନାହିଁ ନଥିବା ବିମର୍ଷତା ଭିତରେ। ତା'ଭିତରେ ସବୁ ଯେପରି କୋଳାହଳମୟ, ଗଣ୍ଡଗୋଳିଆ ହୋଇଯାଉଥିଲା।

ଚକ୍ରଧରର ଚୁପଚାପ୍ ଅବସ୍ଥାକୁ ଲକ୍ଷ କରି ରିକ୍ସାବାଲା ଜଗନ୍ନାଥ କହିଲା- "ମୁଁ ଭାଇ ସତସତିକା ଜଗନ୍ନାଥ ନୁହେଁ ମ! ମୁଁ ଯେମିତି ମିଛିମିଛିକା ଜଗନ୍ନାଥ, ମୋର ଏ ରିକ୍ସାଟି ସେମିତି ମିଛିମିଛିକା ନନ୍ଦିଘୋଷ। ତୁମେ ଭାଇ ମନରେ କିଛି ନଭାବି, ଉପରକୁ ଉଠିଆସ।"

ରିକ୍ସା ଉପରକୁ ଉଠିଯାଇ ବସିଲା ଚକ୍ରଧର। ରିକ୍ସାବାଲା ଅଣ୍ଟାରୁ ଗାମୁଛା କାଢ଼ି ନିଜର ଝାଳୁଆ ମୁହଁକୁ ପୋଛିଲା, ଖଣ୍ଡେ ବିଡି ଲଗାଉଥିଲା ବେଳେ ଚକ୍ରଧର ଆଡକୁ ନିରେଖି ଚାହିଁ ପଚାରିଲା - "ହଇଓ ଭାଇ, ତୁମକୁ କୋଉଠି ଗୋଟେ ଦେଖିବା ପରି ଲାଗୁଚି! ଦଶ-ବାର ଦିନ ତଳେ ତମେ ତମ ସ୍ତ୍ରୀ ପୁଅକୁ ଧରି ରେଳଷ୍ଟେସନରୁ ଆସିଥିଲ କି ବକ୍ସିବଜାରର ପତିତପାବନ ନର୍ସିଂହୋମକୁ? ମୋର ଟିକେ ଟିକେ ମନେ ପଡୁଛି।"

ଚକ୍ରଧର ଜଗନ୍ନାଥ ଓରଫ ରିକ୍ସାବାଲାକୁ ଚାହିଁଲା!

ଆରେ ହିଁ ତ! ଏଇଟା ସେଇ ଲୋକ। ଧେତ୍, ମଣିଷ ଶଳା ଆଜି ପୁଣି ଏ ଜନ୍ତୁ ହାବୁଡରେ ଆସି ପଡିଲାଣି। ବେଳ ଖରାପ ଡିଲେ ପରା ହଜାରେ ଦୁଯୋଗ ଆସି କବାଟ ବାଡାନ୍ତି। ଶଃ.. ଘୋଡା ମଦୁଆଟା। ଖରାବେଳଟାରେ ନାକଯାଏ ଟେଣ୍ଡି ଦେଇଛି ହାଣ୍ଡିଆ କି ଜିଂଜର। ପାଟିରୁ ବାହାରୁଛି ଭକ୍ ଭକ୍ ଗନ୍ଧ। ଟଳମଟଳ ହେଉଛି ତା' ଗୋଡା, ହାତ, ମୁଣ୍ଡ। ଦେଖୁନା, କେମିତି କୁମ୍ଭାଟୁଆ ଆଖିପରି ଲାଲ ଟୁକୁଟୁକୁ ଦେଖାଯାଉଛି ତା'ଆଖି ଦୁଇଟି! ରିକ୍ସାର ହାଣ୍ଡେଲ୍ ବି ଧରିପାରୁ ନାଇଁ ସଳଖ ଭାବରେ! ବାଟ ସାରା ଏମିତି ଗଜର ଗଜର ହେବ ଯେ ଶଳା ମଣିଷର ମୁଣ୍ଡ ଖରାପ କରିଦେବ। ଓହ୍ଲାଇଲା ବେଳକୁ ହାଙ୍କିବ କୋଡ଼ିଏ କି ପଚିଶ ଟଙ୍କା।

ଚକ୍ରଧର ସ୍ଥିର କଲା ଓହ୍ଲାଇ ପଡିବ ରିକ୍ସାରୁ। ଆଉ ଗୋଟାଏ ଭଲ ରିକ୍ସା ଧରି ଯିବ ବସ୍‌ଷ୍ଟାଣ୍ଡ। ଯଦି ରିକ୍ସା ମିଳିବା ନମିଳେ, ତେବେ ଚାଲି ଚାଲି, ନହେଲେ ଦୌଡ଼ି ଦୌଡ଼ି ପଳାଇବ ପଛେ, ଏ ଶଳା ମଦୁଆ ଗଞ୍ଜୋଡ଼ିଆ ରିକ୍ସାରେ କେବେ ଯିବ ନାଇଁ। ମଦ ନିଶାରେ କୋଉଠି ଯଦି ରିକ୍ସା ପିଟିଦେଲା, ସରିଲା କଥା। ଅକାରଣରେ ଜୀବନଟା ପଳେଇବ। ଏ ଦଶାଠାରୁ ସେ ଦଶା ବଳିଯିବ।

କିନ୍ତୁ ଓହ୍ଲାଇ ହେଲା ନାଇଁ ରିକ୍ସାରୁ। ଜଗନ୍ନାଥ ସେତେବେଳେକୁ ଜୋର୍‌ରେ ପେଡାଲ ମାରିବା ଆରମ୍ଭ କଲାଣି। ରିକ୍ସାର ବେଗ ବଢ଼ି ଗଲାରି। ଅଗତ୍ୟା ଚକ୍ରଧର ଚୁପ୍‌ଚାପ୍ ବସିରହିଲା ରିକ୍ସାରେ।

ହଠାତ୍ ଜଗନ୍ନାଥ ପଚାରିଲା- "ହଇଓ ଭାଇ, ତୁମ ସ୍ତ୍ରୀ-ପିଲା ସବୁ କୁଆଡ଼େ ଗଲେ କି? ତମେ ଏକା ଏକା କ'ଣ ଫେରୁଚ କ୍ୟା ଭାଇ?"

ସେତେବେଳଯାଏ ଛାତିକୁ ପଥର କରି ବସି ରହିଥିବା ଚକ୍ରଧର ସହସା ହୁଗୁଳି ପଡିଲା ନିଜ ଭିତରେ। ତା' ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା କୋହର ପ୍ରଚଣ୍ଡ ସୁଅରେ। ତା' ଦେହ ଭିତରଟା ଝିମ୍ ଝିମ୍ କରି ଉଠିଲା। କେହି ଜରେ ତା' ହାହୁତାଶମୟ ଜୀବନ ଉପରେ ଢାଳିଦେଲା କି ମାଠିଆ ମାଠିଆ ଥଣ୍ଡାପାଣି! ଅହର୍ନିଶ ପୋଡ଼ାଜଳା କରି ଅଥୟ ଯନ୍ତ୍ରଣାରେ ଦିକ୍‌ତାର କରୁଥିବା ଗୋଟେ ଦଲଦଲ କଞ୍ଚା ଘା'ଉପରେ କେହି ଲେପିଦେଲା କି ଉପଚାରର ଶୀତଳ ମଲମ!

ଏତେ ବଡ଼, ଏତେ ନିର୍ଭୟ, ଏତେ ପାଶବିକତା ପରିପୂର୍ଣ୍ଣ ଏ ସହରରେ ସେ କକ୍ଷଚ୍ୟୁତ ଗ୍ରହଟିଏ ପରି ଶୂନ୍ୟରେ ଶୂନ୍ୟରେ ମହାଶୂନ୍ୟରେ ଏକୁଟିଆ ବିଲୀନ ହୋଇଯାଉଥିବା ବେଳେ କେହି ଜଣେ ତ ଆସି ତା' ହାତଥାମି ପଚାରିଲା ତା' ପିଲାଛୁଆଙ୍କ ଭଲ ମନ୍ଦ କଥା!

ଅନେକ ଦିନ ଧରି ଚକ୍ରଧରର ମୁହଁ ଉପରେ ଲେଖାହୋଇ ରହିଥିବା ଦୁଃଖ ଓ କାନ୍ଦର, ନିର୍ଜନତା ଓ ଏକାକୀତ୍ୱର ହସ୍ତାକ୍ଷରକୁ କିଛି ମାତ୍ରାରେ ଲିଭାଇ ସଫା କରିଦେଉଥିଲା ଜଗନ୍ନାଥ ରିକ୍ସାବାଲାର ସେଇ ପଦକ ଆତ୍ମୀୟତାଭରା କଥା।

ଚକ୍ରଧରର ଛାତି ଭିତରେ ଆଉଟି ପାଉଟି ହେଉଥିବା ଅକୁହା, ଅଦେଖା ବେଦନାଗୁଡା ଛଟପଟ ହେଉଥିଲେ ବାହାରକୁ ବାହାରି ଆସିବା ପାଇଁ! ଅସଲରେ ସେ ଖୋଜୁଥିଲା ଦରଦୀ ମଣିଷ ଜଣେ। ଯିଏ ତା' ପାଇଁ କିଛି କରୁ କି ନକରୁ, ତା'ଓଜନିଆ ଦୁଃଖକୁ କିଛି ସମୟ ଧୈର୍ଯ୍ୟ ଧରି ଶୁଣିବ! ଏତେସବୁ ଅକୁହା କଥାକୁ ଛାତି ଭିତରେ ଚାପିରଖି, ସେ ବଡ ହନ୍ତସନ୍ତ ହେଲାଣି! ସେ ଅନୁଭବ କରୁଥିଲା, ଅସମ୍ଭବ ଏକ ପୀଡ଼ା, ଯେଉଁଥିରୁ ସେ ଖଲାସ୍ ହୋଇଯିବା ପାଇଁ ବାଟ ଖୋଜୁଥିଲା।

ମିଳିଯାଆନ୍ତା କି ବାଟ!!

ରିକ୍ସା ଚାଲୁଥିଲା କି ଗୋଟାଏ ସ୍ଥାନରେ ସ୍ଥିର ହୋଇ ଠିଆହୋଇ ରହିଥିଲା, ସେକଥା ମାଲୁମ ନଥିଲା ଚକ୍ରଧରକୁ। ସବୁ ଜଣାପଡୁଥିଲା ସ୍ଥିର, ସ୍ଥବିର। ଚକ୍ରଧର କହି ଚାଲିଥିଲା ତା'ଦୁଃଖ। ସାପ ପଦ୍ମତୋଳା ଶୁଣିବା ପରି ଜଗନ୍ନାଥ ଚୁପଚାପ୍ ଶୁଣୁଥିଲା ଚକ୍ରଧରର ଦୁଃଖ କାହାଣୀ। ତା' ଆଖିରେ ପଲକ ପଡୁନଥିଲା। ଯେମିତିକି ସେ ଚକ୍ରଧରର କଥା ଶୁଣୁନାଇଁ, ତାକୁ ପିଇଯାଉଛି! ଦୃଶ୍ୟ ସବୁକୁ ସେ ଦେଖି ଦେଖି ଯାଉଛି ନିଷ୍ପଲକ ଆଖିରେ। ହୃଦୟଙ୍ଗମ କରିଯାଉଛି ନିଜ ଛାତି ଭିତରେ!

ଚକ୍ରଧର କହି ଚାଲିଥିଲା ଅନର୍ଗଳ ଭାବରେ। କେହି ଜଣେ ସତେଯେପରି ସବାର୍ ହୋଇଯାଇଥିଲା ତା'ଭିତରେ, ନିଜର ଦୁଃଖ ଓ ଯନ୍ତ୍ରଣାକୁ ଅନ୍ୟ ଆଗରେ ପ୍ରକାଶ କରିଦେବା ପାଇଁ! ସରୁ ନଥିଲା କଥା। ସରୁ ନଥିଲା ବାଟ। ବନ୍ଦ ହେଉ ନଥିଲା ନନ୍ଦିଘୋଷର ଗତି। ସବୁ କିଛି ଚାଲିଥିଲା ଘଣ୍ଟାର କଣ୍ଟା କରି, ଜୀବନ ଚକ୍ର ପରି!

ହଠାତ୍ ଅଟକିଗଲା ଜଗନ୍ନାଥର ନନ୍ଦିଘୋଷ। ଜଗନ୍ନାଥ ସେଥିରୁ ଓହ୍ଲାଇ ପଡି ଚକ୍ରଧରକୁ କହିଲା- "ହେଇଟି ଭାଇ, ତମେ ଟିକେ ବସିଥାଅ। ମୁଁ ଏଇ ସଙ୍ଗେ ସଙ୍ଗେ ଆସୁଚି! ଜମା ଡେରି କରିବନି। ଦୌଡ଼ି ଦୌଡ଼ି ଯିବି, ଦୌଡ଼ି ଦୌଡ଼ି ଆସିବି। ହେଇ ଗଲି...।'

ଜଗନ୍ନାଥ ସତରେ ଦୌଡ଼ିଲା। ଦୌଡ଼ି ଦୌଡ଼ି ରାସ୍ତା ପାର୍ ହେଲା ଓ ପଶିଗଲା ଗୋଟେ ଅନ୍ଧାରୁଆ ଗଳି ଭିତରକୁ। କିଛି ସମୟ ପରେ ସେ ଅଦୃଶ୍ୟ ହୋଇଗଲା ସେଇ ଅଣଓସାରିଆ ଗଳି ଭିତରେ। ଚକ୍ରଧର ଆଉ ଦେଖିପାରିଲା ନାଇଁ ତାକୁ!

ପାଞ୍ଚ-ଦଶ ମିନିଟ୍ ଗଲା। ଫେରିଲା ନାଇଁ ଜଗନ୍ନାଥ। ରିକ୍ସା ଭିତରେ ବସି ଅସ୍ଥିର ହେଉଥିଲା ଚକ୍ରଧର। ମନଟା ଭାରି ଗୋଳେଇ ଘାଣ୍ଟି ହେଉଥିଲା। ଗୋଟାଏ ଗୋଟାଏ ମୁହୂର୍ତ୍ତ ତାକୁ ଲାଗୁଥିଲା ଗୋଟାଏ ଗୋଟାଏ ଯୁଗ ପରି। ତାକୁ ଭାରି ଶୋଷ ଲାଗୁଥିଲା। ପ୍ରବଳ ଖରା ପାଇଁ ନୁହେଁ, ପ୍ରଚଣ୍ଡ ଅଶ୍ୱସ୍ତିଭାବ ଯୋଗୁ ତା'ତଣ୍ଟି ଶୁଖି ଫାଟି ଯାଉଥିଲା। ଗଛ ଡାଳରୁ ଶୁଖିଲା ପତ୍ରସବୁ ଝଡିପଡିବା ପରି ତା'ଦେହ ଓ ମନ ଭିତରୁ ସମସ୍ତ ପ୍ରାଣପ୍ରାଚୁର୍ଯ୍ୟ ଖସି ପଡୁଥିଲା।

*କ୍ରମଶଃ...*

## ବିଶେଷ କବିତା

# ଉଡ୍ର-କବିର କଥା



**ଅଜିତ ଦାଶ ମହାପାତ୍ର**

ସତରେ ମୁଁ କେତେ ବୋକା ଥିଲି!
ତୁମେ କହିଲ, ଲୁଚକାଳି ଖେଳିବ।
ମୁଁ କହିଲି, ହଁ।
ଲୁଚକାଳି ଖେଳରେ, ସତକୁ ସତ
ତୁମେ ଏମିତି ଜାଗାରେ ଲୁଚିଗଲ,
ମୁଁ ଆଜିଯାଏ ପାଉନି।

ସତରେ ମୁଁ କେତେକ ବୋକା ଥିଲି!
ତୁମେ କହିଲ, ମାର୍କେଟ୍ ଯିବା।
ମୁଁ କହିଲି, ହଁ।
ମାର୍କେଟର ଭିଡ ଭିତରେ, ଜାଣି ଜାଣି
ତୁମେ କୋଉଠି ହଜିଗଲ,
ମୁଁ ଆଜିଯାଏ ଖୋଜୁଛି।

ସତରେ ତୁମେ କେତେ ଚାଲାକ ଥିଲ!
ତୁମେ କହିଲ, ଅପେକ୍ଷା କର
ମୁଁ କହିଲି, ହଉ।
ଅପେକ୍ଷା-ମୁଦ୍ରାରେ ବହୁ ବର୍ଷ ରହିଲା ଉତ୍ତାରୁ
ଦିନେ ଶୁଣିଲି, ତୁମେ
ଏ ସହର ଛାଡ଼ି ଚାଲି ଯାଇଛ।
ଏକ ନୂଆ ଜାଗାରେ ଘର ବସେଇଛ।

ସତରେ ମୁଁ କେତେ ବୋକା ଥିଲି!

*ଆଇଆର୍‌ସି ଭିଲେଜ,*
*ନୟାପଲ୍ଲୀ, ଭୁବନେଶ୍ୱର*
*ମୋ :-୯୮୬୧୨୯୬୨୭୫*

# କୁନାବାପାଙ୍କ କୁନିକଥା ୧୪



ସଂଧ୍ୟାରେ ରାଜଧାନୀର ପ୍ରମୁଖ ଟ୍ରାଫିକ ଛକରେ କାର୍ଯ୍ୟରତ ପୋଲିସ ଓ ସ୍ୱେଚ୍ଛାସେବୀଙ୍କର ଦାୟିତ୍ୱ ଟିକେ ଅଧିକ ବଢ଼ିଯାଇଥାଏ। କାରଣ ଅତି ସାଧାରଣ, ଅଫିସରୁ ଘରମୁହାଁ ଚାକିରିଆ ଆଉ ଘରୁ ବଜାରମୁହାଁ ଲୋକଙ୍କର ଭିଡ। ଟିକେ ଅସାବଧାନତାରେ ଦୁର୍ଘଟଣା ଅବଶ୍ୟମ୍ଭାବି। ପ୍ରମୁଖ ଟ୍ରାଫିକ ପୋଷ୍ଟ ତଥା ଟ୍ରାଫିକ୍ ଟାୱାରର ନିକଟବର୍ତ୍ତୀ ଛକ ହେତୁ ଆଇନ ଅମାନ୍ୟ ହେଲେ ମୋଟା ଅଙ୍କର ଫାଇନ। ତେଣୁ ସମସ୍ତେ ପ୍ରାୟ ହେଲମେଟ୍ ପିନ୍ଧିଥାନ୍ତି। ହେଲେ ଗୋଟେ ନୂଆ ନମ୍ବର ବିହୀନ, କାଦୁଅଲଗା ସ୍କୁଟିରେ ବିନା ହେଲମେଟ୍‌ରେ ଦୁଇଜଣ ତରୁଣୀ ସାଆଇଁ କରି ବାଁ ପଟେ ମାଡିଗଲେ କୁନାବାପାଙ୍କ ମଟରସାଇକେଲକୁ ଅତିକ୍ରମ କରି। କୁନାବାପା କଚ୍ଛପ ଗତିରେ ଗାଡିକୁ ହନୁମାନ ଗିଅରରେ ଟଣେଇ ଛକରୁ ବାଁ କଡକୁ ଗାଡି ବଢ଼ାନ୍ତେ ଦେଖିଲେ ହେଲ୍‌ମେଟ୍ ଚେକିଂ ଚାଲିଛି, ଆଉ ଟ୍ରାଫିକ ସୁରକ୍ଷାକର୍ମୀଙ୍କ ସହ ଯୁକ୍ତିତର୍କରେ ବ୍ୟସ୍ତ ସେଇ ସ୍କୁଟି ଚାଳିକା ତରୁଣୀ ଜଣକ। କୁନାବାପାଙ୍କୁ ମଧ୍ୟ ଜଣେ ସୁରକ୍ଷାକର୍ମୀ ଅଟକେଇଲେ ଆଉ ଗାଡି ସାଇଡ କରିବାକୁ କହିଲେ। କୁନାବାପା ଗାଡି କାଗଜପତ୍ର, ଲାଇସେନ୍ସ ଓ ହେଲ୍‌ମେଟ ସବୁ ଦେଖେଇଲେ। ଯାରି ଭିତରେ ଢ଼ୋ କରି ଗୋଟେ ଶବ୍ଦ ଶୁଭିଲା, ସତେ କିଛିଗୋଟେ ଫୁଟିଲା ପରି। କୁନାବାପାଙ୍କୁ ଯିବାକୁ କହି ଟ୍ରାଫିକବାଲାଟି ଧାଇଁଲା ସେଇ ଆଡକୁ ଯେଉଁଠି ସେ ତରୁଣୀ ଚାଳିକା ଜଣକ ଜଣେ ଟ୍ରାଫିକ ହୋମଗାର୍ଡଙ୍କୁ ଔକାତ ବିଷୟରେ ପ୍ରବଚନ ଦେଉଥିଲେ ବଡ ପାଟିରେ। କହୁଥିଲେ, ହଇରେ ଶଃ... ତୋର ଔକାତ କ'ଣ ବେ ମତେ ଅଟକାଉଛୁ। ଶଃ.. ଶହେ ଟଙ୍କାର ମୁଣ୍ଡ ତୁ, ତୋର ସାହସ କେମିତି ହେଲା, ମୋ ଗାଡି ଛୁଇଁବାକୁ। ଛାଡ୍ ମୋ ଗାଡି, ନହେଲେ ତୋର ଚୌଦ ପୁରୁଷ ଏକାଠି କରିଦେବି। ଏଇ ସମୟରେ ଆଉଜଣେ ମହିଳା ଟ୍ରାଫିକ ଆସି ଚାବି ଛଡ଼ାଇନେଲେ, ତା'ପରେ ତାଙ୍କର ମଧ୍ୟ ଚୌଦ ପୁରୁଷଙ୍କୁ ଏକାଠି କରିଦେଲା ସେ ତରୁଣୀ। ଘଟଣାଟି ଅତି କଦର୍ଯ୍ୟ ରୂପ ନେଉଥିବାର ଦେଖି ଅନ୍ୟ ବାନ୍ଧବୀଟି ପୋଲିସର ଗୋଡହାତ ଧରି ନେହୁରା ହେଉଥାନ୍ତି। ତା' ପରେ ତ ଚାଳିକା ତରୁଣୀଟି ରାଜରାସ୍ତାରେ ପିଟିଦେଲା ନିଜର ନୂଆ ଚକ୍‌ଚକ୍ ହେଲମେଟ୍‌ଟିକୁ। ଆଉ ମାଡିଆସିଲେ ଆହୁରି ସୁରକ୍ଷାବଳ। ଯା ଭିତରେ ଫୋନରେ ଉଦ୍ଦାମ ତରୁଣୀଟି କାହାକୁ ଆସିବାର କଡା ନିର୍ଦ୍ଦେଶ ସାଙ୍ଗରେ ଶ୍ରୁତିକଟୁ ଗାଳିମାନ ବର୍ଷା କରୁଥାଏ। ଗହଳି ବଢ଼ିବାରୁ ମହିଳା ପୋଲିସ ଆସି ଦୁଇ ଯୁବତୀଙ୍କୁ ତାଙ୍କ ସ୍କୁଟି ସହ ଟ୍ରାଫିକ ଟାୱାର ଆଡକୁ ନେବାକୁ ଚେଷ୍ଟା କରୁଥିଲେ ଓ ଆଉକିଛି ଗହଳି ଭାଙ୍ଗି ରାସ୍ତା ଖାଲି କରିବାର ପ୍ରୟାସ। କୁନାବାପା ରାସ୍ତାଯାକ ନିଜର ହେଲ୍‌ମେଟ୍ ଓ ଗାଡିର କାଗଜପତ୍ର ରଖିଥିବା ପର୍ସକୁ ଧନ୍ୟବାଦ ଦେଉଥାନ୍ତି। ଆଉ ଭାବୁଥାନ୍ତି, ପିଲାବେଳେ ଜେଜେମାଙ୍କଠୁ ଶୁଣିଥିବା ରଣଚଣ୍ଡୀ, ଉଗ୍ରଚଣ୍ଡୀ, କାଳିସୀ ଲାଗିଲେ କେମିତି ଉଗ୍ରରୂପକୁ ବର୍ଣ୍ଣନା କରନ୍ତି ଜେଜେମା। ପୁରା ମିଶୁଥିଲା ସବୁଗୁଣ। ତେବେ ନିଜେ ଭୂଲକରି ଦୋଷକୁ ଘୋଡାଇବାର ପ୍ରୟାସରେ କ'ଣ ଏମିତି ଉଗ୍ରରୂପ ଧାରଣ କଲେ କ'ଣ କମିଯିବ ଦଣ୍ଡବିଧାନ? ସବୁ ନିୟମ-କାନୁନ ମାନି ଚଳିବା କ'ଣ ଏତେ ଅଯୌକ୍ତିକ? ଧନ ଓ ଯୌବନର ଉଦ୍ଦାମତାରେ କ'ଣ କାହାକୁ ବି ଅସମ୍ମାନିତ କରିବାର ବଳ ଅଛି। ଯଦି ପ୍ରକୃତରେ କେହି, ସେ ତରୁଣୀର ଅସଭ୍ୟୋଚିତ କାର୍ଯ୍ୟକଳାପରେ ପୃଷ୍ଠପୋଷକ, ତେବେ ସେ କ'ଣ ସମଦାୟୀ ନୁହେଁକି ଏଇ ଅଭାବନୀୟ ପରିସ୍ଥିତିର। ଭୂଲ୍ କାହାର? ବାପା ମା' କ'ଣ ସଂସ୍କାର ଦେବାରେ ଊଣା କରିଥିବେ ନା ଗ୍ରହଣ କରିବାରେ ଏଇ ଝିଅଟି? ହେଲ୍‌ମେଟ୍ ହାତରେ ଧରି ବିନା ହେଲ୍‌ମେଟ୍‌ରେ ଗାଡି ଚଳାଇବା ଓ ଚେକିଂ ସମୟରେ ଧରାପଡିବା ଭୟରେ ରଙ୍ଗରୁଟ୍‌ରେ ଗାଲି ଚଳାଇବା କେତେ ବିପଜ୍ଜନକ। କେବଳ ନିଜ ପାଇଁ ନୁହେଁ ବରଂ ରାସ୍ତାରେ ଚାଲୁଥିବା ଅନ୍ୟ ଗାଡ଼ି ଓ ପଥଚାରୀଙ୍କ ପାଇଁ ମଧ୍ୟ। ଏବେ ଖୋଜିବା ଭୂଲ କାହାର।

**- ଶାରଦା ପ୍ରସାଦ ମହାପାତ୍ର**
*ଦୂରଭାଷ : ୯୭୭୮୭୬୭୩୭୪*

# ଏଇ ତ ଜୀବନ



**ନିବେଦିତା ମହାନ୍ତି**

ପାଣି ଫୋଟକାର ଜୀବନ ଇଏ ତ
ନିମିଷେ ମିଳଇ ଯାଇ।
ସବୁ ଜାଣି ସୁଦ୍ଧା ମଣିଷ କାହିଁକି
ଅହଂକାର ଛାଡ଼େ ନାହିଁ।
ଜୀବନ ଯାତ୍ରାରେ ଅଗ୍ରସର କାଳେ
ହିଂସାବାଦ ଆଚରଇ।
ଅନ୍ତିମ ମୂହୁର୍ତ୍ତେ ଜୀବନର ସତ୍ୟ
ଉପଲବ୍ଧି କରିଥାଇ।
ଅଭିମାନ କା'ର ପ୍ରାଚୁର୍ଯ୍ୟ ପାଇଁକି
କେ କରେ ସୌନ୍ଦର୍ଯ୍ୟ ପାଇଁ।
ଭୁଲିଯାଏ କେହୁ ହିତାହିତ ଜ୍ଞାନ
ସାନବଡ଼ ନ ମାନଇ।
ଲାବଣ୍ୟର ଆଭା ଐଶ୍ୱର୍ଯ୍ୟର ଶୋଭା
ନୁହେଁ କେବେ ଚିରସ୍ଥାୟୀ।
ଜ୍ଞାନ ବୁଦ୍ଧିମତ୍ତା ସଦାଚାର ଗୁଣ
ସାଥେ ସଦା ରହିଥାଇ।
କିଛିନୁହେଁ ନିତ୍ୟ ମୃତ୍ୟୁ ଏକା ସତ୍ୟ
ସଭିଏଁ ଥାଆନ୍ତି ଜାଣି।
ତଥାପି ମଣିଷ ପ୍ରକୃତିର ଦାସ
କରୁଥାଏ ମନମାନି।

*ଇଟିଭି, ହାଇଦ୍ରାବାଦ*

# ମାୟାର ଯୁଦ୍ଧରେ ମୁଁ



**ଆହୁତି ମହାନ୍ତି**

ଷଡଯନ୍ତ୍ର ଚାରି ପାଖେ
ମଝିରେ ଠିଆ ହୋଇଛି ମୁଁ
ଆଗରେ ବସିଛି ଶିକାରୀ
ପଛରେ ବିଛାଇଛି ଜାଲ।
ଫାସରେ ଧରିବାକୁ ମୋତେ
ଏକ ପାଖେ ଜଳେ ନିଆଁ/ ଯିବି ଯିବି ଜଳି
ଅନ୍ୟ ପାଖେ ଦିଶୁଛି ରାକ୍ଷସର ଆଖି।
ମୋ ଚାରିପାଖେ ମୃତ୍ୟୁର ଭୟ
ବଞ୍ଚେଇବାକୁ ହେବ ନିଜକୁ
ସ୍ୱପ୍ନ ଅଛି ବହୁ ଦୂର/ଉପରେ ଦେଖୁଛନ୍ତି ସୁଦର୍ଶନ।
ଭାବୁଛନ୍ତି ଦ୍ରୌପଦୀ ପରି
ଖୋଲିଦେଇ ବସ୍ତ୍ର ହେଇଯିବି ଶରଣାଗତ
ସେ ସମୟ ହେଇଛି ବିଲୀନ
ଏବେ ନାରୀ ସଶକ୍ତ।
ଲଢ଼ିପାରେ ନିଜେ ବିନା ସହାୟତାରେ
ଛାତିରେ ଭରିଛି ଦମ୍ଭ
ଜିତିବାର କୌଶଳ କରିଛି ହାସଲ
ହେ ମାୟାବୀ କୃଷ୍ଣ!
ତୁ ବିଛାଇ ଦେ ଯେତେ ମାୟାଜାଲ
ମୁଁ ବି ତ ଧରିଛି ତୋତେ
ଦଶ ମାସ ଦଶ ଦିନ ଗର୍ଭରେ
ଯେ ଅନନ୍ତ ସତ୍ତାକୁ/ରଖିପାରେ ଉଦରରେ ଲୁଚାଇ
ଛାର ଏ ତୋ ମାୟା ଯୁଦ୍ଧ
ପାରିବନି କେବେ ନାରୀକୁ ଡରାଇ
ନାରୀ ହିଁ ଜିତିଛି ଜିତିବ।
ମୁଁ ସେହି ନାରୀ ଜାଣିଛି
ତୋ ମାୟା ଯୁଦ୍ଧ/ ଆଜି ଯାଏ କେଉଁ ନାରୀ ହାରିନି
ମୁଁ ବି ଜିତିବି ମାୟା ଯୁଦ୍ଧରେ।

*ଖୁଣ୍ଟା, ମୟୂରଭଞ୍ଜ*
*ମୋ : ୭୩୨୫୯୩୭୭୫୩*

# ଆସ ଧୂମ୍ ଭିଜିବା



**କିଶୋର ଆକାଶ୍**

ବର୍ଷାକୁ ଡରୁଛ କି ବନ୍ଧୁ/ବାନ୍ଧବୀ। ଛାତ-ଛତା-ଛାତି ଖୋଜୁଛ ଆତୁରରେ ଆଶ୍ରୟ ପାଇଁ। ଛତା ପାଖରେ ଥିଲେ ବି ବନ୍ଦ କରିଦିଅନା କୋଉଥିପାଇଁ ଏତେ ଡର ଯେ! ....। ଥରେ ଭିଜିଯାଅନା। କ'ଣ ହୋଇଯିବ। ଭିଜା ଦେହ କ'ଣ ସବୁବେଳେ ରହିବ। ଶୁଖିଯିବନି।

ମେଘୁଆ ଆକାଶରୁ ତ ଆଉ ନିଆଁ ବର୍ଷୁ ନାହିଁ। ପାଣି। ପାଣିର ଅମୃତ ବିନ୍ଦୁ। ଓଃ ତୁମର ୧୧୯୯ ଟଙ୍କାର ଲେଭିସ୍ ସାର୍ଟ ଆଉ ଡେନିସ୍ ଜିନ୍‌ସ ଭିଜିଯିବ। ଅସନା ହୋଇଯିବ। ପରେ ଶୁଖି ଯିବନି କି! ଲେଭିସ୍ ତ ଲେଭିସ୍ କି ଡେନିମ୍ ତ ଡେନିମ୍ ହୋଇଯିବନି ନା।

ଦେଖ ତ! ତୁମ ଚାରିପାଖରେ ମୌସୁମ୍ କେମିତି ଅଚାନକ ବଦଳିଯାଇଛି। କଳ୍ପନାରୁ କାର୍ବ୍ୟାଲୋକ - ରିମ୍‌ଝିମ୍ ଶାୟରୀରୁ ସ୍ୱପ୍ନର କଳ୍ପଲୋକ ମନ-ହୃଦୟ-ମିଜାଜ୍ ସବୁ ଯେମିତି ଓଦା ଓଦା / ଭିଜା ଭିଜା / ପାଣି ପାଣି / ଦେହରେ .. ଶିହରଣ - ଅଜଣା କମ୍ପନ - ରୋମାଣ୍ଟିକ୍ ରୋମାଣ୍ଟିକ୍ ନିଆରା ମତୁଆଲା ମୁଗ୍‌ଧ ବାସ୍ନା!! ଓଃ କି ମଜା...

କ'ଣ ଦାମିକିଆ ମୋବାଇଲ୍ ଭିଜିଯିବ ବୋଲି ଡରୁଛ କି? ଗୋଟାଏ ମୋଟା ପଲିଥିନ୍ ମୁଣିରେ ମୋବାଇଲ୍ ରଖି କଷି କରି ବାନ୍ଧି ଦିଅନା।

ଦେଖ - ଦେଖ-ରାସ୍ତା କେମିତି ସଫାସୁତର - ନିର୍ଜନ-ନିସ୍ତବ୍‌ଧ। ଜମା ଡରନା'ମ - କେହି ଆସିବେନି ଏବେ ତୁମକୁ ଡିଷ୍ଟର୍ବ କରିବା ପାଇଁ। ସମସ୍ତେ ଯେ ଯାହାର ରୁମ୍‌ରେ ଉଷୁମ ଟାଣୁଥିବେ। ଦେଖ ତ ଷ୍ଟ୍ରିଟ୍ ଲାଇଟ୍ର ରୋଷଣୀରେ ବର୍ଷାର ବୁନ୍ଦା କେମିତି ଡିସ୍କୋ ନାଚ ନାଚୁଛି। ତା ..କି...ଡା...ଡି... ସି...ଡି...କି ୱାନ... ଟୁ.. ଥ୍ରୀ.. ତା...ତା..। ଦେଖ ବର୍ଷାର ଉଦଣ୍ଡ ନୃତ୍ୟ।

ତୁମେ ବି ନାଚ୍। ୱାନ...ଟୁ...ଥ୍ରୀ.. ଚା..ଚା...ଚା..। କୁଆଡେ ଯିବ? ଏତେ ତରବର କାହିଁକି ହୋ! ଟିକିଏ ଅଟକି ଯାଅ। ଦେଖ - ପ୍ରକୃତି କେମିତି ସବୁଜ ସବୁଜ -ସଫା ସୁତରା। ସବୁଠି ଖୁସି - ଆନନ୍ଦର ମାହୋଲ। ମନରୁ ଧୋଇଦିଅ ସବୁ ଦୁଃଖ-ସୁଖ-କ୍ଳେଶ-ଅବସାଦ- ଯେମିତି ଗଛ ପତ୍ରରୁ ସବୁ ମଇଳା-ଧୂଳି ଧୋଇ ଦେଉଛି ବର୍ଷା।

ଚାଲୁ ଚାଲୁ ମନେପକାଅ'ନା - ପୁରୁଣା ଦିନର ଅପାଶୋରା ସଜଳ ସ୍ମୃତି। ଅତୀତର ଆଲବମ୍ ଥରେ ଓଲଟାଇ ନିଅନା। କାଗଜ ଡଙ୍ଗା / ସାଧବ ବୋହୂ / ଗୋଟିଏ ଛତାରେ ପ୍ରିୟା ସହ ଧୂମ୍ ବର୍ଷା ଜାକିଜୁକି ସ୍କୁଲ / କଲେଜ / ଭଞ୍ଜବିହାର ଫେରିବାର ମିଠାସ୍ ଓଦା ଓଦା ଜଳ ଛତା! ପନ୍‌ତୁବି....

# ଶବ୍ଦ ସମ୍ଭାର

**ଅଷ୍ଟାଦଶବର୍ଷ, ୨ୟ ସଂଖ୍ୟା**
**କଥା କଥା କବିତା କବିତା**




ସୃଜନଶୀଳ ତାର ଅମାପ ଭଣ୍ଡାର ପରି 'କଥା କଥା କବିତା କବିତା'ର ଏହି ସଂଖ୍ୟା ଆମର ହସ୍ତଗତ ହୋଇଛି। ଭାରତୀୟ ସଂସ୍କୃତି ଓ ପରମ୍ପରାର ମହାନ ପ୍ରତୀକ ପଦ୍ମଫୁଲର ମାଧୁର୍ଯ୍ୟ ଏହି ସଂଖ୍ୟାର ପ୍ରଚ୍ଛଦର ପ୍ରସ୍ଫୁଟିତ ହୋଇଛି। ସୁନ୍ଦର କଳେବର, ବଳିଷ୍ଠ ସମ୍ପାଦନା, ନିର୍ଭୁଲ ମୁଦ୍ରଣ ଓ ସୁନ୍ଦର ପରିପାଟୀ ପତ୍ରିକାର ବୈଶିଷ୍ଟ୍ୟକୁ ପ୍ରତିପାଦିତ କରୁଛି। 'କଥା କଥା କବିତା କବିତା'ର ଏ ସଂଖ୍ୟାରେ ଫଡେଲ କାଷ୍ଟ୍ରୋଙ୍କ ସ୍ୱୀକାରୋକ୍ତିକୁ ସ୍ୱକୀୟ ଉପସ୍ଥାପନାରେ ଶାଣିତ କରିଛନ୍ତି। ଡ.ସୌରୀବନ୍ଧୁ। ବିଶ୍ୱ ମନସ୍ତତ୍ତ୍ୱରେ ଡ. ଫକୀର ମୋହନ ସାହୁ ଫଏଡ୍ ପରବର୍ତ୍ତୀ ମନୋସମୀକ୍ଷାର ମୂଲ୍ୟାୟନ ଲେଖାଟି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣର ସ୍ୱଷ୍ଟ ପରିପ୍ରକାଶ। ଅନୁସୃଜନରେ ହିରେନ୍ଦ୍ରନାଥ ମୁଖୋପାଧ୍ୟାୟଙ୍କ ଗାନ୍ଧିଜୀର ଓଡ଼ିଆ ଅନୁବାଦ କରିଛନ୍ତି ସୁଧାଂଶୁ ଶେଖର ଭୂୟାଁ। ବିଶେଷ ବିଭାଗ ମାନଙ୍କରେ ପ୍ରତିଷ୍ଠିତ ଲେଖକଙ୍କ ଲେଖା ପତ୍ରିକାକୁ ସମୃଦ୍ଧ କରିଛି। ଏଥିରେ କେଦାର ମିଶ୍ରଙ୍କ ଚିର ସ୍ମରଣୀୟ, କ୍ଷୀରୋଦ ପରିଡାଙ୍କ ସ୍ୱତନ୍ତ୍ର ଉପସ୍ଥାପନା ପତ୍ରିକାର ଗୁରୁତ୍ୱକୁ ମହନୀୟ କରିପାରିଛି। ସେହିଭଳି କବିତା ପୃଷ୍ଠାରେ ଯଶସ୍ୱୀ କବି ସୀତାକାନ୍ତ ମହାପାତ୍ର, ସୌଭାଗ୍ୟବନ୍ତ ମହାରଣା, ମମତାମୟୀ ଚୌଧୁରୀ, ରତ୍ନାକର ରାଉତ, ଗଜାନନ ମିଶ୍ର, ରମାକାନ୍ତ ଗୋଚ୍ଛାୟତ, ଉମାକାନ୍ତ ରାଉତ ଓ ସସ୍ମିତା ମଙ୍ଗରାଜ ଅତି ଉଚ୍ଚମାନର କବିତା ଲେଖିଛନ୍ତି।

ବିଶ୍ୱ ବିଚିତ୍ରାରେ ଶିଳ୍ପୀ ନିକୋଲାସ୍ ପୁଷିନଙ୍କ ସୃଜନୀ ଶକ୍ତି ଓ ସାମର୍ଥ୍ୟ ସମ୍ପର୍କିତ ଆଲୋଚ୍ୟର ଅଶୋକ କୁମାର ମହାନ୍ତି ପ୍ରସିଦ୍ଧ ଚିତ୍ରକରଙ୍କ ଜୀବନର ବହୁଦିଗ ପ୍ରତି ଦୃଷ୍ଟିପାତ କରିଛନ୍ତି। ଚିରସ୍ମରଣୀୟରେ ରାଧାମୋହନ ତ୍ରିପାଠୀ ହିନ୍ଦୀ ଓ ଉର୍ଦ୍ଧ୍ୱ କବିତାର ନିଆରା ସ୍ୱର କବି ନିଦା ଫାଦିଲଙ୍କ ଲେଖନୀ ନିସୃତ ଲେଖାର ଅବତାରଣା କରିବା ସହ ବିଶ୍ୱ ସାହିତ୍ୟକୁ ଫାଜ୍‌ଲିଙ୍କ ଅତୁଳନୀୟ ଦାନ ସମ୍ପର୍କରେ ଅବତାରଣା କରିଛନ୍ତି। ସୃଜନାୟନରେ କୌଶିକ ନାୟକ ଶୈଳୀ ସମ୍ରାଟ ଦେବ୍ରାଜ ଲେଙ୍କାଙ୍କ ଓଡ଼ିଆ ସାହିତ୍ୟକୁ ଅଜସ୍ର ଅବଦାନ ବିଷୟରେ ଏକ ଚମତ୍କାର ଓ ସ୍ମରଣୀୟ ଅବତାରଣା ବାସ୍ତବିକ କଥା କଥା କବିତା କବିତାର ଓ ସଂଖ୍ୟାକୁ ସମୃଦ୍ଧ କରିଛି। ସେହିଭଳି ମମତା ଦାଶଙ୍କ ଗଳ୍ପ 'ଯାହା' ଯେମିତି ହୋଇଥିଲା' ସାମ୍ପ୍ରତିକ ସମାଜର ଏକ ନିଛକ ପ୍ରତିଫଳନ। କବି ଓ ଅନୁବାଦକ କ୍ଷୀରୋଦ ପରିଡାଙ୍କ ବିଶେଷ ଉପସ୍ଥାପନା 'କେବେ କେଉଁଠି କଥା କେତୋଟି'ରେ ବିଶ୍ୱର ୫ଜଣ ଶ୍ରେଷ୍ଠ ସୃଜନଶିଳ୍ପୀଙ୍କ ସମ୍ପର୍କରେ ବଳିଷ୍ଠ ହୋଇପାରିଛି। ସଂକ୍ଷେପରେ କହିଲେ ଓଡ଼ିଆ ସାହିତ୍ୟର ମାଇଲଖୁଣ୍ଟ ଭାବେ 'କଥା କଥା କବିତା କବିତା' ପତ୍ରିକାଟି ବେଶ୍ ମାର୍ଜିତ, ରୁଚିଶୀଳ ଓ ଉଚ୍ଚମାନ ଲେଖାରେ ସମୃଦ୍ଧ। ଏହାର ପ୍ରତ୍ୟେକଟି ବିଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହା ନିଶ୍ଚୟ ଓଡ଼ିଆ ପାଠାଗାରକୁ ସମୃଦ୍ଧ କରିବ ନିଶ୍ଚୟ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା



ଭୁବନେଶ୍ୱର, ୨୮ ଅଗଷ୍ଟ - ୦୩ ସେପ୍ଟେମ୍ବର, ୨୦୧୭
Bhubaneswar, 28th Aug. - 03rd September, 2017
ପରିକ୍ରମା

ଖଣି ମାଲିକଙ୍କ ଠାରୁ ଶତ ପ୍ରତିଶତ ଜରିମାନା ଆଦାୟ ଦାବି

## ଆଜି ବିଜେପିର ରାସ୍ତାରୋକ

**କେନ୍ଦୁଝର :** ଖଣି ମାଲିକଙ୍କ ଠାରୁ ଶତ ପ୍ରତିଶତ ଜରିମାନା ଆଦାୟ ଦାବିରେ ବ୍ଲକ ଘେରାଉ ପରେ ଆଜି ୧ ଘଣ୍ଟା ରାସ୍ତାରୋକ କରି ପ୍ରତିବାଦ ଜଣାଇବାକୁ କେନ୍ଦୁଝର ବିଜେପି ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ବିଶେଷକରି କେନ୍ଦୁଝର ଜିଲ୍ଲାର ଖଣି ଦୁର୍ନୀତି ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ପ୍ରକାଶ କରିଛନ୍ତି ଦଳ ପକ୍ଷରୁ ତାହାକୁ ସ୍ୱାଗତ କରାଯାଇଛି। ଏଣୁ ସରକାରଙ୍କ ନିଷ୍କ୍ରିୟତା ଏବଂ ପକ୍ଷପାତିତା ବିରୋଧରେ ବିଜେପି କେନ୍ଦୁଝର ଜିଲ୍ଲା ତରଫରୁ ଆଜି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ଅନୁସାରେ ଖଣି ମାଲିକଙ୍କଠାରୁ ଶତପ୍ରତିଶତ ଜରିମାନା ଆଦାୟ ଦାବିରେ ସକାଳ ୧୦ଟାରୁ ୧୧ଟା ଏକ ଘଣ୍ଟା ଧରି ଜିଲ୍ଲାର ସମସ୍ତ ରାଜପଥ ଅବରୋଧ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ଓଡିଶା ସଙ୍ଗୀତ ନାଟକ ଏକାଡେମୀର ନାଟ୍ୟ କର୍ମଶାଳା ଉଦ୍‌ଯାପିତ

**ପାରାଦୀପ :** ଓଡିଶା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶାରେ ଓଡିଶା ସଙ୍ଗୀତ ନାଟକଏକାଡେମୀ ଓ କାନ୍‌ମାସ୍‌ର ମିଳତ ସହଯୋଗରେ ଆୟୋଜିତ ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ଜୟଦେବ ସଦନଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳା ଗତ ଜୁଲାଇ ମାସ ୨୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୨୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ଚାଲିଥିଲା। ଏହି ଅବସରରେ ଗତ ସଂଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ପାରାଦୀପ ବନ୍ଦର ଉପାଧକ୍ଷ ଏନ. ଭାୟାପୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନାଟକ କ୍ଷେତ୍ରରେ କାନ୍‌ମାସ୍‌ର ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏବଂ ଆଗାମୀ ଦିନରେ ପ୍ରୋତ୍ସାହନ ନିମନ୍ତେ କାନ୍‌ମାସ୍‌ର ଉଦ୍ୟମ ଓ ପ୍ରଚେଷ୍ଟାକୁ ବନ୍ଦର ତରଫରୁ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି ଉପାଧକ୍ଷ ଶ୍ରୀ ଭାୟାପୁରୀ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି ତଥା ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ସୁରେନ୍ଦ୍ର କୁମାର ସାହୁ, ପାରାଦ୍ୱୀପ ଭାରତୀୟ ତୈଳ ନିଗମ ବିଶୋଧନାଗାର ମୁଖ୍ୟ ପରିଚାଳକ ଏ. ଏସ. ସାହାଣୀ ଓ ଅଫିସର୍ସ କ୍ଲବ ସଚିବ ମିନକେତନ ସାହୁ ଯୋଗ ଦେଇ କର୍ମଶାଳାରେ ଶିକ୍ଷାଲାଭ କରିଥିବା ୨୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ଶ୍ରୀ ଶଙ୍କର ପ୍ରସାଦ ତ୍ରୀପାଠୀଙ୍କ ନାଟକ ଗାନ୍ଧୀ ଭୂମିକାରେ ନାଟ୍ୟ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା। ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଗଜେନ୍ଦ୍ର ପ୍ରସାଦ ନାୟକ। ରେ ସାଂପ୍ରତିକ ପରିସ୍ଥିତିରେ ଗାନ୍ଧୀବାଦୀ ଆଦର୍ଶର ଅବକ୍ଷୟ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡିଶା ସାହିତ୍ୟ ଏକାଡେମୀର ସଚିବ ପ୍ରଦିପ କୁମାର ମିଶ୍ର ପରିଚାଳନା କରିଥିବା ବେଳେ କାନ୍‌ମାସ୍‌ର ଶ୍ରୀମନନାରାୟଣ ମିଶ୍ର ଓ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

ଅଫିସରଙ୍କୁ 'ଭିଜନ୍ ଓଡ଼ିଶା'ର ମନ୍ତ୍ର ଦେଲେ ନବୀନ

# 'ଭଲ କାମକୁ ସ୍ୱୀକୃତି ଓ ପୁରସ୍କାର ମିଳିବ'

**ଭୁବନେଶ୍ୱର :** "ଲୋକମାନେ ସର୍ବଶ୍ରେଷ୍ଠ, ସେମାନଙ୍କୁ ଆଖିରେ ରଖି ଦୃଢ଼ ନିଷ୍ପତ୍ତି ନିଅନ୍ତୁ। ମୋର ଦୃଢ଼ ସମର୍ଥନ ରହିବ ତଥା ସବୁ ଭଲ କାମକୁ ସ୍ୱୀକୃତି ମିଳିବା ସହ ପୁରସ୍କୃତ କରାଯିବ।" ଜିଲ୍ଲା ଓ ରାଜ୍ୟସ୍ତରର ଅଫିସର୍‌ମାନଙ୍କୁ ନୂଆ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେଇଛନ୍ତି। ଆଉଟ୍‌ଲୁକ୍ ଦ୍ୱାରା 'ଶ୍ରେଷ୍ଠ ପ୍ରଶାସକ' ସମ୍ମାନ ଜିଣିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟ ନାୟକ ସଚିବାଳୟରେ ରାଜ୍ୟ ଓ ଜିଲ୍ଲାସ୍ତରର ବରିଷ୍ଠ ଅଧିକାରୀଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧମରେ ଆଲୋଚନା କରିଥିଲେ। ଶ୍ରେଷ୍ଠ ପ୍ରଶାସକ ଭାବେ ମିଳିଥିବା ସ୍ୱୀକୃତି ଟିମ୍ ଓଡ଼ିଶାର କଠିନ ପରିଶ୍ରମ ଓ ତ୍ୟାଗର ଏକ ପ୍ରତିଫଳନ। ଯେଉଁ ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି ଓ କେନ୍ଦ୍ର ସରକାରଙ୍କଠାରୁ ମଧ୍ୟ ସେପରି କିଛି ସହାୟତା ପାଉନି, ସେହି ରାଜ୍ୟ ପାଇଁ ଏହି ସମ୍ମାନ ଏକ ଛୋଟ ସଫଳତା ନୁହେଁ। ନିଜ ସରକାରକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ଏକ ଜନକେନ୍ଦ୍ରିକ ପ୍ରଶାସନରେ ବିଶ୍ୱାସ କରେ, ଯେଉଁଠାରେ ସଫଳତାକୁ ଲୋକମାନଙ୍କର ସଶକ୍ତିକରଣର ମାପକାଠିରେ ଆକଳନ କରାଯାଏ। ପରିବର୍ତ୍ତନ ପାଇଁ ଥ୍ରୀ-ଟି ମନ୍ତ୍ର -ଟିମ୍ ୱାର୍କ, ଟ୍ରାନ୍ସପରେନ୍ସି ଓ ଟେକ୍ନୋଲୋଜି ବହୁତ ଉପଯୋଗୀ ସାବ୍ୟସ୍ତ ହେଉଛି। ଅଫିସର୍‌ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ନିଜ ନିଜର ଟିମ୍‌କୁ ଉପଯୁକ୍ତ ନେତୃତ୍ୱ ଦେବା ଉଚିତ୍, ଯେଉଁଠାରେ ଟିମ୍‌ର ପ୍ରତ୍ୟେକ ସଦସ୍ୟ ବିନା ଭୟରେ ସବୁ ଯୋଜନା ଓ କାର୍ଯ୍ୟକ୍ରମ ସଫଳ ଭାବେ କାର୍ଯ୍ୟକାରୀ କରିପାରିବେ। ଜନକଲ୍ୟାଣ ପାଇଁ ପ୍ରଶାସନରେ କିପରି ସଂସ୍କାର ଆଣିବାକୁ ହୁଏ, ତାହା ଟିମ୍ ଓଡ଼ିଶା ସଫଳ ଭାବରେ ସାରା ବିଶ୍ୱ ଆଗରେ ପ୍ରତିପାଦିତ କରୁ। ବିକାଶର ଏକ ନୂଆ ଦିଗନ୍ତ ସୃଷ୍ଟି କରିବା ଦିଗରେ ଟିମ୍ ଓଡ଼ିଶା କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଗତ ୧୭ବର୍ଷ ମଧ୍ୟରେ ଅନେକ ସଫଳତା ମିଳିଛି। ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣବେଳେ ଓଡ଼ିଶା ଏକ ନିରାଶପୂର୍ଣ୍ଣ ପରିସ୍ଥିତିରେ ଗତି କରୁଥିଲା। ରାଜ୍ୟର ଅର୍ଥନୀତି ବିପର୍ଯ୍ୟସ୍ତ ଥିଲା। ଦାରିଦ୍ର୍ୟ ଓ ଭିତ୍ତିଭୂମି ଶୋଚନୀୟ ଅବସ୍ଥାରେ ଥିଲା। ପ୍ରାୟ ସବୁ ସାମାଜିକ ଓ ଅର୍ଥନୀତିକ ସୂଚକାଙ୍କରେ ଓଡ଼ିଶା ସର୍ବନିମ୍ନ ସ୍ଥାନରେ ରହିଥିଲା। ୧୯୯୯ ମହାବାତ୍ୟାର ମୁକାବିଲାର ବିଫଳତା ଯୋଗୁ ଓଡ଼ିଶା ଆନ୍ତର୍ଜାତିକ ଗଣମାଧମର ଶିରୋନାମାରେ ରହିଥିଲା। ଆପଣମାନେ ସମସ୍ତେ ରାଜ୍ୟର ଉନ୍ନତି ପାଇଁ କାମ କରୁଛନ୍ତି। ଆପଣମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବିନା ଆମେ ଏପର୍ଯ୍ୟନ୍ତ ଆସିପାରିନଥାନ୍ତୁ। ଏକ ମହାବାତ୍ୟାରେ ମୃତ୍ୟୁ ସଂଖ୍ୟା ଶୂନ କରିପାରିଲୁ, ଶିଶୁମୃତ୍ୟୁ ହାରକୁ ଜାତୀୟ ହାରଠାରୁ କମ୍ କଲୁ, ରେକର୍ଡ ପରିମାଣର ୮୦ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ନେଇପାରିଲୁ, ଯଦି ଆମେ ୫ଲକ୍ଷ ଆଦିବାସୀ ଛାତ୍ରଙ୍କ ପାଇଁ ଆବାସିକ ସ୍କୁଲ କରିପାରିଲୁ, ଦେଶର ଏକମାତ୍ର ରାଜ୍ୟ ଭାବେ ଚାଷୀଙ୍କ ରୋଜଗାର ଦୁଇଗୁଣ କରିପାରିଲୁ, ସ୍ମାର୍ଟ ସିଟିରେ ଏକ ନମ୍ବର ହୋଇପାରିଲୁ ଓ ୯୦ଦିନ ମଧ୍ୟରେ ଏକ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନକୁ ଆହ୍ୱାନ ଭାବେ ଗ୍ରହଣ କରି ଏକ ନୂଆ ବେଞ୍ଚ ସୃଷ୍ଟି କରି 'ଟିମ୍ ଓଡ଼ିଶା'ର ଦକ୍ଷତା ପ୍ରତିପାଦନ କରିସାରିଛୁ। ତେବେ ଆଗକୁ ଅନେକ କିଛି କରିବାର ଅଛି। ଓଡ଼ିଶାରେ ସେହି ପୁରୁଣା ଓ ଗଣତାନ୍ତ୍ରିକ ଧାରା ଆଉ ନାହିଁ। ଟିମ୍ ଓଡ଼ିଶା ରାଜ୍ୟକୁ ସୁଶାସନର ପରବର୍ତ୍ତୀ ସ୍ତରକୁ ନେଇ ଏକ ଆଧୁନିକ, ସଶକ୍ତ ଓ ପ୍ରଗତିଶୀଳ ନୂତନ ଓଡ଼ିଶା ଗଠନ ପାଇଁ କାମ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟ ନାୟକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ, ଉନ୍ନୟନ କମିଶନର, ପୁଲିସ୍ ଡିଜିଙ୍କଠୁ ଆରମ୍ଭ କରି ସମସ୍ତ ବିଭାଗର ପ୍ରମୁଖ ସଚିବ, ନିର୍ଦ୍ଦେଶକ, ବରିଷ୍ଠ ପୁଲିସ୍ ଅଧିକାରୀ, ଜିଲ୍ଲାପାଳ ଓ ଏସ୍‌ପିମାନେ ସାମିଲ ହୋଇଥିଲେ।

## ୪ବର୍ଷ ବିତିଲା, ହୋଇପାରିଲାନି କୃଷ୍ଣାନନ୍ଦପୁର ପୋଲ ନିର୍ମାଣ

**ତିର୍ତ୍ତୋଲ :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପାଇକା ଓ ମହାନଦୀ ଦୋଆବ ଅଞ୍ଚଳ ୫ ଟି ପଞ୍ଚାୟତକୁ ନେଇ ଧୋୟା ଅଞ୍ଚଳ। ଏହି ଅଞ୍ଚଳ ସହିତ ମୁଖ୍ୟ ସଡ଼କ ତଥା କଟକ-ପାରାଦ୍ୱୀପକୁ ଗମନାଗମନ କହିଲେ ତାରତୋଲ ଓ ତାରପୁର ଠାରେ ଥିବା ମହାନଦୀ ପୋଲ। ଏହି ଅଞ୍ଚଳକୁ ସଂଯୋଗ କରିବାପାଇଁ ମହାନଦୀ ଉପରେ ପୋଲ ନିର୍ମାଣ ନିତ୍ୟାନ୍ତ ଆବଶ୍ୟକ। ଏହି ମହାନଦୀ ଉପରେ ଜଇପୁର -କୃଷ୍ଣନନ୍ଦପୁର ଓ କୋଟକଣା -ବାନାମ୍ବର ଘାଟ ଦୁଇଟି ସ୍ଥାନରେ ପୋଲପାଇଁ ଦାବି ହେଉଥିଲେ ମଧ ଅଦ୍ୟାବଧି କୌଣସି ଏକ ସ୍ଥାନ ସ୍ଥିର ହୋଇପାରୁନାହିଁ। ଧୋୟା ଅଞ୍ଚଳବାସୀ ଖରାଦିନେ ୪ ରୁ ୬ମାସ ପୋଷଲଠାରେ ମହାନଦୀ ଉପରେ ନିର୍ମାଣ କରାଯାଉଥିବା ଖରାଦିନିଆ କାଠପୋଲ ରାସ୍ତାକୁ ନିର୍ଭର କରିଥାଆନ୍ତି। ଯଦି କୃଷ୍ଣାନନ୍ଦପୁରଠାରେ ପୋଲ କରାଯାଏ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବାବେଳେ କୋଟକଣା -ବାନାମ୍ବର ଘାଟରେ ପୋଲ ନିର୍ମାଣ ହେଲେ ତାହାମଧ କେନ୍ଦ୍ରାପଡ଼ା ଜିଲ୍ଲାକୁ ସିଧାସଳଖ ସଂଯୋଗ ହୋଇପାରିବ। ୨୦୧୪ ନିର୍ବାଚନ ପୂର୍ବରୁ ତିର୍ତ୍ତୋଲ ବିଧାୟିକା ଡ଼ା.ରାଜଶ୍ରୀ ମଲ୍ଲିକ କୃଷ୍ଣାନନ୍ଦପୁରଠାରେ ପୋଲ ନିର୍ମାଣ ହେବବୋଲି ଯେଉଁ ପ୍ରତିଶୃତି ଦେଇଥିଲେ ତାହା ୪ ବର୍ଷ ବିତିଗଲାଣି ଅଦ୍ୟାବଧି ପୋଲ ନିର୍ମାଣର କୌଣସି ନାଁ ଗନ୍ଧନାହିଁ। ଅପରପକ୍ଷରେ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ସେହି ଅଞ୍ଚଳର ଲେକମାନଙ୍କୁ ପୋଲ ନିର୍ମାଣ ହେବବୋଲି ପ୍ରତିଶୃତି ଦେଇଥିଲେ। ଧୋୟା ଅଞ୍ଚଳର ଏହି ବୃହତର ସ୍ୱାର୍ଥକୁ ଆଖିଆଗରେ ରଖି ବିଧାୟିକାଙ୍କୁ ସମର୍ଥନ ଜଣାଇଥିଲେ ଅଞ୍ଚଳବାସୀ। ନିର୍ବାଚନ ବୈତରଣୀ ପାର ୬ ମାସ ବିତିଥିଲେ ମଧ ବିଧାୟିକା ପୋଲ ନିର୍ମାଣ ଦିଗରେ ଅଦ୍ୟାବଧି ଆଦୌଁ କୌଣସି ପଦକ୍ଷେପ ନେଉନଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଧୋୟା ଅଞ୍ଚଳବାସୀଙ୍କୁ ଦେଇଥିବା ପ୍ରତିଶୃତି ବିଧାୟିକା କେବେ ପୁରଣ କରୁଛନ୍ତି ତାହା ଖାଲି ଦେଖିବାକୁ ଅଞ୍ଚଳବାସୀଙ୍କପାଇଁ ବାକି ରହିଛି।

## ପୌରାଞ୍ଚଳରେ ପୁଣି ଖୋଲିବ ମଦ ଦୋକାନ

**ଭୁବନେଶ୍ୱର :** ପୌରାଞ୍ଚଳରେ ବନ୍ଦ ଥିବା ମଦ ଦୋକାନଗୁଡ଼ିକ ପୁଣି ଖୋଲିବାର ବାଟ ଫିଟିଛି। ରାଜ୍ୟ ସରକାର କେତେକ ସ୍ଥାନରେ ରାଜ୍ୟ ରାଜପଥକୁ ସହରାଞ୍ଚଳ ରାସ୍ତାରେ ପରିଣତ କରିବା ପରେ ବନ୍ଦ ଦୋକାନରୁ ପ୍ରାୟ ଅଧେ ଖୋଲିଥିଲା, ଏବେ ସୁପ୍ରିମକୋର୍ଟ ତାଙ୍କର ଡିସେମ୍ବର ୧୫ ତାରିଖ ରାୟକୁ ସ୍ପଷ୍ଟ କରିବା ପରେ ଆହୁରି ପ୍ରାୟ ୨୦୦ ମଦ ଦୋକାନ ଖୋଲିବା ରାସ୍ତା ଫିଟିଛି। ଅପରପକ୍ଷରେ ରାଜ୍ୟ ଅବକାରୀ ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସୁପ୍ରିମକୋର୍ଟଙ୍କ ରାୟକୁ ସରକାର ସମ୍ମାନ ଦେବେ ଏବଂ ରାୟର ତର୍ଜମା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସଡ଼କ ଦୁର୍ଘଟଣା ଓ ଏଥିଯୋଗୁଁ ଘଟୁଥିବା ମୃତାହତ ସଂଖ୍ୟା ବୃଦ୍ଧି ପଛରେ ମଦ୍ୟପାନ ଅନ୍ୟତମ କାରଣ। ତେଣୁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥର ୫୦୦ ମିଟର ଦୂରକୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ଗତ ୨୦୧୬ ଡିସେମ୍ବର ୧୫ରେ ରାୟ ଦେଇଥିଲେ। ଏପରିକି ଯେଉଁ ଦୋକାନଗୁଡ଼ିକ ମାର୍ଚ୍ଚ ୩୧ ସୁଦ୍ଧା ସ୍ଥାନାନ୍ତର ନ ହେବ ତାହାକୁ ବନ୍ଦ କରିଦେବା ଏବଂ ସେମାନଙ୍କର ଲାଇସେନ୍ସ ନବୀକରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଯକ୍ଷ୍ମାରେ ଚାଲିଗଲା ମା'ବାପାଙ୍କ ଜୀବନ

## ଅସହାୟଙ୍କୁ ସାହା ହୁଅନ୍ତୁ ପ୍ରଶାସନ

**ଡାବୁଗାଁ :** ଡାବୁଗାଁ ପଞ୍ଚାୟତ ସମିତି ନିକଟରେ ଥିବା ଝରିଗାଁ ପଞ୍ଚାୟତ ସମିତିର ଧାମନାଗୁଡା ଗ୍ରାମ ପଞ୍ଚାୟତର ଝରିଗୁଡା ଗ୍ରାମର ଫଗୁନୁ ଭତ୍ରା ଡାବୁଗାଁ ବ୍ଲକର ଜୁନାପାଣି ଗ୍ରାମ ପଞ୍ଚାୟତର ରାବଣାଗୁଡା ଗ୍ରାମର ସନବାରୀ ଭତ୍ରାଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ତାଙ୍କର ତିନୋଟି ସନ୍ତାନ ମଧ୍ୟରୁ ଦୁଇଟି କନ୍ୟା ଓ ଗୋଟିଏ ପୁତ୍ର। ଯାହାକି ବଡ ଝିଅ ଉଲମା ଭତ୍ରା (୧୩) ପଢୁଛି ଅଷ୍ଟମ ଶ୍ରେଣୀରେ। ସାନଝିଅ ଜୟା ଭତ୍ରା (୧୧) ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସାନପୁଅ ସୁକୁଦାସ ଭତ୍ରା (୫) ସେ ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଉଛି। କୁଲି ମଜୁରି କରି ବାପା ମା' ଛୁଆଙ୍କୁ ମଣିଷ କରିବାକୁ ମନସ୍ଥ କରିଥିଲେ ହେଁ ବିଧିର ବିଧାନ ବାପା ତାଙ୍କର ଯକ୍ଷ୍ମା ରୋଗରେ ଆଖିବ ବୁଜିଲେ। ମା' ମଧ ବାପା ପଛରେ ସେହି ଦୁରାରୋଗ୍ୟ ଯକ୍ଷ୍ମା ରୋଗରେ ସବୁଦିନ ପାଇଁ ଆଖି ବୁଜି ତିନି କୋମଳମତି ଶିଶୁଙ୍କୁ ନିରାଶ୍ରୟ କରି ଚାଲିଗଲେ। ବାପା ଦୁଇବର୍ଷ ତଳେ ଆଖିବୁଜି ଆରପାରିକୁ ଯାଇଥିବା ବେଳେ ବିଧବା ସମବାରୀ ଗାଈଗୋରୁ ଚରାଇ ଚୁଆ ତିନିଜଣଙ୍କୁ ମଣିଷ କରିବାର ସ୍ୱପ୍ନ ଦେଖିଥିଲେ। ଦଇବ ତାକୁ ବି ସହିପାରିଲାନି। ତିନି ଛୁଆଙ୍କୁ ଛାଡି ଚାଲିଗଲା। ଜମିବାଡି ନଥିବାରୁ କୁଲି କାମକରି ଜୀବିକା ନିର୍ବାହ କରୁଥିବା ଏହି ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛି। କୋମଳମତି ଶିଶୁ ତିନିଜଣଙ୍କ ଭାଗ୍ୟରେ ଘୋଟି ଆସିଛି ଅମାବାସ୍ୟା ଅନ୍ଧକାର। ଦୁଇଝିଅ ଝରିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ପୁଅ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟରେ ପାଠ ପଢୁଥିଲା। ଏବେ ବେସାହାରା ତିନି ଅନାଥ ଶିଶୁ ନିଜ ଦାଦା ପାଖରେ ଅଛନ୍ତି। ସେ ମଧ ଅଭାବ ଅନାଟନରେ କାଳାତିପାତ କରୁଥିବା ବେଳେ ଏହି ତିନିଜଣଙ୍କୁ ପୋଷିବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ସେ ଅସମର୍ଥ ବୋଲି ପ୍ରକାଶ କରିବା ସହ ସମସ୍ତ ସୂଚନା ସ୍ଥାନୀୟ ୱାର୍ଡ ସଭ୍ୟ ତାଙ୍କ ଦାଦା ପଦମ ଭତ୍ରା ପ୍ରକାଶ କରିଛନ୍ତି। ଜମିବାଡି ଯାହାଥିଲା ଯକ୍ଷ୍ମା ରୋଗ ଯୋଗୁଁ ବନ୍ଧା ପକାଇ ଟଙ୍କା ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ବୋଲି ଅନାଥ ନିଷ୍ପାପ ଛୁଆଙ୍କ ଦାଦା ତଥା ୱାର୍ଡସଭ୍ୟ ପ୍ରକାଶ କରିଛନ୍ତି। ଘର ବୋଲି ଯେଉଁ ଚାଳ ଘର ଅଛି ସେ ଛପର ହୋଇପାରି ନଥିବାରୁ ତା' ଉପରେ ଜରି ପକାଯାଇଛି। ଘରର ମରାମତି ହୋଇ ନପାରିବାରୁ ଘରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ନିଜ ଦାଦା ତିନିଟି ପିଲାଙ୍କୁ ପୋଷିବାରେ ଅସମର୍ଥ ହେବା ଯୋଗୁଁ ପାଠପଢ଼ାରେ ଡୋରି ବନ୍ଧା ହେବ ବୋଲି ଶୁଣିବାକୁ ମିଳିଛି। ଏଣୁ ଜିଲ୍ଲା ପ୍ରଶାସନ ବେସାହାରା ଅନାଥ କୋମଳମତି ନିଷ୍ପାପ ଶିଶୁଙ୍କ ପାଠପଢ଼ା ସହ ଗୋଟିଏ ପକ୍କାଘର ଏମାନଙ୍କୁ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ଗଣେଷ ପୂଜା ପାଳିତ

**ତିର୍ତ୍ତୋଲ :** ତିର୍ତ୍ତୋଲ ର ବିଭନ୍ନ ସ୍ଥାନରେ ବିଘ୍ନବିନାୟକ ଶ୍ରୀ ଗଣେଷଙ୍କ ପୂଜା ମହାଆଡ଼ମ୍ବର ସହିତ ପାଳିତ ହୋଇଯାଇଛି। ଖୋସାଲପୁର ବଜ୍ରମହାକାଳୀ ପୂଜା କମିଟି, ନାରିଜଙ୍ଗ, ଗଇଠିପୁର ଦିଗେଶ୍ୱର, ବାୟାଅବଧୂତ କଲେଜ, ବିଷନପୁର, ମଉଗଜପୁର ବାହ୍ଲାବିହାରି ଉ.ପ୍ରାବିଦ୍ୟାଳୟ, ବାୟାଅବଧୂତ ହାଇସ୍କୁଲ, ଗଇଠିପୁର ପ୍ରଥମିକ ବିଦ୍ୟାଳୟ, ଭଁସର ଉପ୍ରା ବିଦ୍ୟାଳୟ, କନିମୂଳ ପ୍ରଥମିକ ବିଦ୍ୟାଳୟ, କନିମୂଳ ସରସ୍ୱତୀ ଶିଶୁ ମନ୍ଦିର, ଜଗନ୍ନାଥ କମ୍ପୁଟର ଓ ଗ୍ରାଫିକ୍ସ କଲେଜ ଛକ, ତିର୍ତ୍ତୋଲ ଶିବା କ୍ଲବ, ସରଣୀ ଛକ ଗଣେଷ ମଣ୍ଡପ, ଗୋପିଆ କୁଦ, କନକପୁର, ବାଲିପାଟଣା, କୋଟକଣା, ଦଣ୍ଡାସାହି, ରଥିପୁର, କଟରା, ମୁଳିସିଂହ, ଇନ୍ଦ୍ରପା ମଣିଜଙ୍ଗା, ଜଗନ୍ନାଥପୁର, ନରୁଆଛକ, ବୋଧଇ, ମଣିଚରଣ ଶାରଳା ଏକାଡ଼େମି, ଆଦିକବି ଶାରଳା ଦାସ କଲେଜ, ତାର୍ତ୍ତୋଲ, ତେନ୍ତୁଳିପଦା ଉ.ପ୍ରା ବିଦ୍ୟାଳୟ, ଆଖଣ୍ଡଳ ଉ.ପ୍ରା ବିଦ୍ୟାଳୟ ସହିତ ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି।

## କ୍ରିୟାଶୀଳ ହେବେ ସରକାରୀ ବାବୁ

**ଭୁବନେଶ୍ୱର :** ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଯୋଜନାକୁ ତ୍ୱରାନ୍ୱିତ କରିବାରେ ସର୍ବନିମ୍ନ ସଫଳତା ହାସଲ କରୁ ନ ଥିବା କିଛି ବିଭାଗର ଅଧିକାରୀଙ୍କୁ ଦିଆଯାଇଛି ଶେଷ ସୁଯୋଗ। ଧାର୍ଯ୍ୟ ସମୟ ମଧ୍ୟରେ ସେମାନେ ନିଜର ଦକ୍ଷତା ପ୍ରମାଣିତ କରି ନ ପାରିଲେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସେହିପରି କିଛି ବିଭାଗର ନିର୍ଦ୍ଦେଶକ ଓ କିଛି ଜିଲାର ଜିଲାପାଳଙ୍କ କାର୍ଯ୍ୟର ମୂଲ୍ୟାୟନ ଆରମ୍ଭ ହୋଇଛି। ଯଦି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାନଙ୍କରେ ଏହି ଅଧିକାରୀମାନେ ଉତ୍ତୀର୍ଣ୍ଣ ନ ହୁଅନ୍ତି ତେବେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ପାରେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗ୍ରାମାଞ୍ଚଳର ବିକାଶ ଓ ଗରିବ କଲ୍ୟାଣକାରୀ ଯୋଜନାକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଖାଦ୍ୟ ନିରାପତ୍ତା ଯୋଜନା, ବାସଗୃହ, ଶୌଚାଳୟ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ନିର୍ମାଣ ଶ୍ରମିକ ଓ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ, ଜଙ୍ଗଲ ଅଧିକାର ଆଇନରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯିବା, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ବିକାଶ, ଆଦିମ ଜନଜାତିଙ୍କ କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ ଆଦିକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ପଛୁଆ ଜିଲାଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସଂଯୋଗ ଓ ଯୋଗାଯୋଗ କ୍ଷେତ୍ରରେ ରହିଥିବ ତ୍ରୁଟି ବିଚ୍ୟୁତିକୁ ଦୂର କରି ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବରାଦ କରାଯାଉଛି। ମାତ୍ର କିଛି ବିଭାଗ ଆଶାଠାରୁ ଢ଼େର୍ ଭଲ କାମ କରୁଥିବାବେଳେ ଆଉ କିଛି ବିଭାଗର ସଫଳତା ଉଲ୍ଲେଖନୀୟ ହୋଇ ପାରିନାହିଁ। ପରାମର୍ଶ ଆଉ ତାଗିଦ୍ ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀମାନେ ନିଜ ବିଭାଗକୁ ନିୟନ୍ତ୍ରଣ କରିବା ଏବଂ ଯୋଜନାର କାର୍ଯ୍ୟାନ୍ୱୟନରେ ବିଶେଷ ସଫଳ ହୋଇ ପାରିନାହାନ୍ତି। ଯାହା ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ ଆହୁରି ଚାଲେଞ୍ଜ ସୃଷ୍ଟି କରିଛି। ସରକାରୀ ଯୋଜନା ଠିକ୍ ସମୟରେ ରୂପାୟନ ହୋଇ ନ ପାରିଲେ ତାହା ଭିନ୍ନ ବାର୍ତ୍ତା ଦେବାର ଆଶଙ୍କା ରହିଛି। ତେଣୁ ସଫଳତାର ନିକିତିରେ ବିଭାଗଗୁଡ଼ିକୁ ତଉଲିବାକୁ ସରକାର ବାଧ୍ୟ ହୋଇଛନ୍ତି। ଯେଉଁ ଅଧିକାରୀମାନେ ନିଜ ଦାୟିତ୍ୱ ଉପଯୁକ୍ତ ସମ୍ପାଦନ କରିବାରେ ବ୍ୟର୍ଥ ହୋଇଛନ୍ତି ସେମାନଙ୍କୁ ସେମାନଙ୍କର ଦକ୍ଷତା ଅନୁରୂପ ଦାୟିତ୍ୱ ପ୍ରଦାନ କରାଯିବାକୁ ଆପାତତଃ ଚୂଡ଼ାନ୍ତ ହୋଇଛି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଡ଼େପୁଟେସନରୁ ଫେରିଥିବା କିଛି ଅଧିକାରୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। କିଛି ଦକ୍ଷ ଅଧିକାରୀଙ୍କୁ ସେମାନଙ୍କ ଦକ୍ଷତା ଅନୁରୂପ ବିଭାଗ ମିଳିନାହିଁ। ଏହାକୁ ଦୃଷ୍ଟିରେ ରଖି ସଚିବସ୍ତରରେ ଅଦଳବଦଳ ଆସନ୍ନ ବୋଲି କୁହାଯାଉଛି। ଏଥିନେଇ ନକ୍ସା ପ୍ରସ୍ତୁତ ହୋଇଛି ଏବଂ ଯେକୌଣସି ସମୟରେ ଏ ସମ୍ପର୍କରେ ନିର୍ଦ୍ଦେଶନାମା ପ୍ରକାଶ ପାଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି।

ଉଭିଦ ଓ ପଶୁ ସୁରକ୍ଷା ଉପରେ ଆଇଆଇଓ୍ୱାଇଡିର ୪ ଦିନିଆ କର୍ମଶାଳା

## 'ମାଟି ବିନା ଗଛଲତା ସମ୍ଭବ'

**ଭୁବନେଶ୍ୱର :** ପ୍ରକୃତିର ବିବିଧତାକୁ ବଞ୍ଚାଇ ରଖିବା ଆଜିଦିନରେ ପ୍ରାଣୀଜଗତ ପାଇଁ ଏକ ବଡ ଆହ୍ୱାନ। ଉଭିଦ ଓ ପଶୁ ସୁରକ୍ଷା ହେଉଛି ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ। ସାରା ବିଶ୍ୱ ଏବେ ଜଳବାୟୁ ପରିବର୍ତ୍ତନକୁ ନେଇ ଆଶଙ୍କାରେ ଥିଲା ବେଳେ ଏଥିପାଇଁ ପ୍ରକୃତିକୁ ଅନୁଶୀଳନ କରି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏ ଦିଗରେ ବିନା ଅର୍ଥ ବା ଅଳ୍ପ ଖର୍ଚ୍ଚରେ ପରୀକ୍ଷଣ ସୁବିଧା ଉପଲବ୍ଧ କରାଇବା ହିଁ ମୁଖ୍ୟ ଆୟୁଧ। ଆଧୁନିକ ଗବେଷଣା ଦ୍ୱାରା ଏବେ ମାଟି ବିନା ଫୁଲ ଫଳ ଉତ୍ପାଦନ କରିପାରିବା ସମ୍ଭବ ବୋଲି ମତ ପ୍ରକାଶ ପାଇଛି। ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ (ବିଜ୍ଞାନ ପ୍ରସାର) ସହାୟତାରେ ଭାରତୀୟ ଯୁବ ଓ ଉନ୍ନୟନ ସଂସ୍ଥା (ଆଇଆଇଓ୍ୱାଇଡି) ପକ୍ଷରୁ ଭୁବନେଶ୍ୱର ରେଡକ୍ରସ ଭବନରେ





ଆୟୋଜିତ ୪ ଦିନିଆ କର୍ମଶାଳାରେ ଯୋଗଦେଇ ଏହା କହିଛନ୍ତି ଦେଶର ଶ୍ରେଷ୍ଠ ବିଜ୍ଞାନୀ, ପରିବେଶବିତ୍ ଓ ବରିଷ୍ଠ ଯନ୍ତ୍ରୀ। ସଂସ୍ଥାର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଉଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି।

ଏଭଳି ଏକ ଶିକ୍ଷକ ତାଲିମଦାତାଙ୍କ ତାଲିମ ଶିବିରରେ ରାଜ୍ୟର ୧୩ଟି ଜିଲ୍ଲାରୁ ୬୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବି.ବି. ପଣ୍ଡା ଯୋଗ ଦେଇଥିବା ବେଳେ ଜଳ ପରିମଳ ବିଶେଷଜ୍ଞ ଗୌରୀଶଙ୍କର ମିଶ୍ର, ବିହାର ପାଟନାର ପ୍ରକୃତି କ୍ଲବ ଅଧକ୍ଷ ଜାବେଦ ଆଲାମ୍ ଏବଂ ଭାରତ ସରକାରଙ୍କ ବିଜ୍ଞାନ ପ୍ରସାର ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡଃ. ବି.କେ. ତ୍ୟାଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ। ଏଥିରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଦକ୍ଷିଣ ଓଡ଼ିଶା ଶିକ୍ଷା ନିରୀକ୍ଷିକା ରେବତୀ ଦେଇ, ପଶ୍ଚିମ ଓଡ଼ିଶା ଶିକ୍ଷା ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ, ଉତ୍ତର ଓଡ଼ିଶା ଶିକ୍ଷା ନିରୀକ୍ଷକ ଚନ୍ଦ୍ରଭାନୁ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ଷେତ୍ର ପରିଦର୍ଶନ, ଦଳଗତ କାର୍ଯ୍ୟ ଓ ଜିଲ୍ଲାୱାରୀ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଡଃ ବିମଳ ଚୌଧୁରୀ କର୍ମଶାଳାରେ ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତିର ତାଣ୍ଡବ



ରହସ୍ୟମୟ ଏ ପ୍ରକୃତି। ପ୍ରକୃତିରେ ଭରିରହିଛି ଅନେକ ରହସ୍ୟ। ପ୍ରକୃତିର ସନ୍ତାନ ହିସାବରେ ମଣିଷ ସବୁବେଳେ ଚେଷ୍ଟା କରେ ସେହି ସବୁ ରହସ୍ୟ ଉପରୁ ପର୍ଦ୍ଦା ଉଠାଇବା ପାଇଁ। ହେଲେ ଏମିତି ଅନେକ ରହସ୍ୟ ରହିଯାଇଛି ଅନ୍ଧାର ଭିତରେ, ତଥାପି ମଣିଷର ବିଜ୍ଞାନୀ ମନ ଅନେକ ରହସ୍ୟର ଅଡୁଆଖିଅକୁ ଖୋଲିବାକୁ ଚେଷ୍ଟା କରିଛି। ସେମିତି ଏକ ଘଟଣା ଘଟିଥିଲା ଦକ୍ଷିଣଭାରତୀୟ ରାଜ୍ୟ କେରଳରେ। ୨୦୦୧ ମସିହା ଜୁଲାଇ ୨୫ ତାରିଖରୁ ସେପ୍ଟେମ୍ବର ୨୩ ତାରିଖ ଯାଏଁ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ବର୍ଷାଦିନ ହୋଇଥିବାରୁ ଆକାଶରେ ଘୋଡି ହୋଇଥିଲା ମେଘ। ଆଉ ଆରମ୍ଭ ହେଲା ବର୍ଷା। ହେଲେ ଏହି ବର୍ଷା ଥିଲା ସାଧାରଣ ବର୍ଷା ପାଣିର ରଙ୍ଗଠାରୁ ଭିନ୍ନ। ମାନେ ବର୍ଷା ପାଣିର ରଙ୍ଗ ଥିଲା ଲାଲ। ରକ୍ତ ବର୍ଷା। ଏହି ବର୍ଷା ଥିଲା ଅତ୍ୟନ୍ତ ବିସ୍ମୟକର। ହେଲେ ବର୍ଷା ପାଣିର ରଙ୍ଗ କେମିତି ଲାଲ ହେଲା ଏଥିନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଭଳି ରକ୍ତ ବର୍ଷା ଦେଖି ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି ହୋଇଯାଇଥିଲା। କେହି କେହି ଏଭଳି ବର୍ଷାକୁ ଦୈବୀ କୋପ ବୋଲି ଭାବି ନେଇଥିଲେ। ସତରେ କ'ଣ ଏହା ଦୈବୀ କୋପ ଥିଲା ନା ଆଉ କଣ ଏହା ଭାବି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ଏହି ବର୍ଷା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ଅନେକ ପ୍ରଶ୍ନରେ ଘାଣ୍ଟି ହେଉଥିଲେ। ଆକାଶରୁ ଭୂମିରେ ପଡୁଥିବା ପାଣି କେମିତି ଲାଲ ହେଲା ବୋଲି ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା। ଏହା ପାଣି ନା ରକ୍ତ ? ଏମିତି କେତେ କଥା ମନକୁ ଆସିଥିଲା ବର୍ଷା ହେଉଥିବା ଅଞ୍ଚଳର ବାସିନ୍ଦାଙ୍କ ମନରେ। କିନ୍ତୁ ସହଜରେ କେହି ଏହାର ଉତ୍ତର ସଙ୍ଗେ ସଙ୍ଗେ ପାଇନଥିଲେ। ଏହି ଘଟଣାକୁ ନେଇ ଆରମ୍ଭ ହୋଇଯାଇଥିଲା ଚର୍ଚ୍ଚା। ଆଉ ଅନେକ ବିଶେଷଜ୍ଞ ଓ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ମଧ୍ୟ ଆରମ୍ଭ କରିଦେଇଥିଲେ। କିଏ କେତେ ପ୍ରକାର କଥା କହିଲେ। ହେଲେ ରକ୍ତ ବର୍ଷା କାହିଁକି ହେଲା ତାହାର ସନ୍ତୋଷ ଜନକ ଉତ୍ତର ସହଜରେ କେହି ଦେଇ ପାରିନଥିଲେ। ତେବେ ମରିଷର ବିଜ୍ଞାନୀ ମନ ସହଜରେ ବୁଝି ନଥିଲା। ଚାଲିଲା ପରୀକ୍ଷା ନିରୀକ୍ଷା ଆଉ ଅନେକ ବୈଜ୍ଞାନିକ ଅନେକ କାରଣର ଉପସ୍ଥାପନା କଲେ, ହେଲେ ସେଥିରୁ ସତ କେଉଁଟା ତାହା ସହଜରେ ଜଣାପଡି ନଥିଲା। ହେଲେ ସମୟକ୍ରମେ ଅନେକ ତଥ୍ୟ ଏବେ ପଦାକୁ ଆସିବାରେ ଲାଗିଛି। ତେବେ ମଣିଷ ମନର କେଉଁ ଅନ୍ଧାରୀ ଇଲାକାରେ ଏହି ରକ୍ତ ବର୍ଷାକୁ ନେଇ ରହସ୍ୟ ରହିଛି ନିଶ୍ଚୟ।

କେରଳର ଏହି ରହସ୍ୟମୟ ବର୍ଷାକୁ ନେଇ ଚାଲିଲା ଚର୍ଚ୍ଚା। ଆଉ ଯାହା ଜଣାପଡିଲା ଏଭଳି ରଙ୍ଗୀନ ବର୍ଷା ୨୦୦୧ରେ କେବଳ ନୁହେଁ ଇତିହାସ ଅନୁସାରେ ୧୮୯୬ ମସିହାରେ ମଧ୍ୟ ଏଭଳି ରଙ୍ଗୀନ ବର୍ଷା ରେକର୍ଡ କରାଯାଇଥିଲା।
ଝେ

୨୦୦୧ ମସିହା ପରେ ୨୦୧୨ ମସିହାରେ ମଧ୍ୟ ଏଭଳି ବର୍ଷା କେରଳରେ ଦେଖିବାକୁ ମିଳିଥିଲା। ୨୦୧୨ ମସିହା ଜୁନ୍ ମାସ ଓ ନଭେମ୍ବର ଡିସେମ୍ବର ମାସରେ ଏଭଳି ବର୍ଷା ପ୍ରାୟତଃ ଦେଖିବାକୁ ମିଳିଥାଏ ଶ୍ରୀଲଙ୍କାରେ। ୨୦୦୧ ମସିହାରେ କେରଳରେ ହୋଇଥିବା ବର୍ଷା ବିଶେଷକରି କୋଟାୟମ ଓ ଇଡୁକି ଜିଲ୍ଲାରେ ଦେଖିବାକୁ ମିଳିଥିଲା। ଆଉ ସେଠାକାର ସ୍ଥାନୀୟ ବାସିନ୍ଦା ମାନଙ୍କର କହିବା କଥା ଥିଲା ରକ୍ତ ବର୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଚଣ୍ଡ ବଜ୍ରପାତ ହୋଇଥାଏ ଓ ଏହା ସହିତ ବିଜୁଳି ଆଲୁଅରେ ମଧ୍ୟ ଚମକ ହୁଏ। ଆଉ ତା'ପରେ ଆରମ୍ଭ ହୁଏ ରକ୍ତବର୍ଷା। ଏହି ରକ୍ତବର୍ଷା ବୀସ୍ତିର୍ଣ୍ଣ ଅଞ୍ଚଳରେ ହୁଏ ନାହିଁ। ଖୁବ୍ କମ୍ ଅଞ୍ଚଳରେ ହୁଏ। ଆହୁରି ମଧ୍ୟ ରେଡ୍ ରେନ୍ ବା ରକ୍ତ ବର୍ଷା ୨୦ ମିନିଟ୍‌ରୁ ଅଧିକ ସମୟ ହୋଇ ନଥାଏ। ୨୦୦୧ ମସିହାରେ ଏହି ଘଟଣା ଘଟିବା ପରେ ଅନେକ ରିସର୍ଚ୍ଚ ଏଜେନ୍ସି ଏହି ଘଟଣାକୁ ନେଇ ଗବେଷଣା କରିଥିଲେ। ଆଉ ପ୍ରଥମେ ସେଣ୍ଟର ଫର ଆର୍ଥ ସାଇନ୍ସ ଷ୍ଟଡିଜ୍ ଏହାକୁ ନେଇ ଗବେଷଣା ଆରମ୍ଭ କରିଥିଲେ। ସଂଗୃହିତ ହୋଇଥିବା ବର୍ଷା ଜଳକୁ ପରୀକ୍ଷା କରିବା ପରେ ଜଣାପଡିଲା ବର୍ଷା ଜଳରେ ଥିବା ଲାଲ୍ ଅଂଶ ଏକ ପ୍ରକାରର ଶୈବାଳ ଏବଂ ଏହା ବର୍ଷା ଜଳରେ ମିଶି ପଡିଛି। ତେବେ ଗବେଷଣା, ଖୋଜିବା ସତରେ ଯେମିତି ସରିବାର ନାଁ ଧରୁନାହିଁ। ଏହି ଅଞ୍ଚଳରେ ଏଭଳି ଶୈବାଳ ମଧ୍ୟ ଗବେଷକମାନେ ପାଇଥିବାର ସୂଚନା ମିଳେ। ଏପରିକି ଗବେଷକମାନେ ରକ୍ତ ବର୍ଷା ହେଉଥିବା ଅଞ୍ଚଳ ପରିଦର୍ଶନ ବେଳେ ଅନେକ ବୃକ୍ଷ, ଆଲୋକ ସ୍ତମ୍ଭ ଏବଂ ପଥର ଗୁଡିକରେ ଏଭଳି ଶୈବାଳ ଦେଖିବାକୁ ମିଳିଥିଲା। ତେବେ ପରୀକ୍ଷା ନିରୀକ୍ଷା ଏତିକିରେ ସରିନଥିଲା। କାରଣ ମନ ସବୁବେଳେ ଚାହିଁବ ରହସ୍ୟ ଉପରୁ ନୂଆ ନୂଆ ତଥ୍ୟ ଉନ୍ମୋଚନ ପାଇଁ। ଅବଶ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ଅନେକ କାରଣ ସାମ୍ନାକୁ ଆସିଥିଲେ ମଧ୍ୟ ସାଧାରଣ ମଣିଷର ମନ କିନ୍ତୁ ବୁଝିବା ମୁସ୍କିଲ୍। ଏବେ ଅନେକ ଲୋକଙ୍କ ମନଭିତରେ ଏହା ରହସ୍ୟ ଭିତରେ ହିଁ ରହିଅଛି। ଶ୍ରୀଲଙ୍କାରେ ୨୦୧୨ ମସିହାରେ ରକ୍ତବର୍ଷା ହେବାପରେ ଏହାକୁ ନେଇ ଗବେଷଣା ମଧ୍ୟ କରାଯାଇଥିଲା। ଆଉ ୨୦୧୫ ମସିହାରେ ମଧ୍ୟ ଏହାକୁ ନେଇ ତଥ୍ୟ ପ୍ରକାଶ ପାଇଥିଲା। ତେବେ ଏ ସମସ୍ତ ଘଟଣାକୁ ନେଇ ଏକ ନିର୍ଦ୍ଦିଷ୍ଟ ବୀଜାଣୁ ରୂପକ ଶୈବାଳକୁ ଦାୟୀ କରାଯାଇଛି। ତେଣୁ ଘଟଣା ଉପରୁ ପର୍ଦ୍ଦା ଉଠିବା କଷ୍ଟ କର ହୋଇପଡୁଛି। ତେବେ ଯାହା ହେଉନା କାହିଁକି ଅନେକ ବୈଜ୍ଞାନିକ ଅନୁସନ୍ଧାନ ପରେ କେରଳର ବ୍ଲଡ ରେନ ବା ରକ୍ତ ବର୍ଷାକୁ ନେଇ ନୂଆ ତଥ୍ୟ ଆସିଥିଲେ ବି ଅନେକ ସାଧାରଣ ଜନତାଙ୍କ ପାଇଁ ଏହି ଘଟଣା ନିହାତି ରହସ୍ୟମହ ହୋଇ ରହିଅଛି।

## କେରଳରେ ରକ୍ତ ବର୍ଷା



ଉପସ୍ଥାପନା
ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କିଏ ନମ୍ବର ...

ଏକ ନମ୍ବର ବୋଲି ପ୍ରକାଶ ପାଇଛି ଓ ମୁଖ୍ୟମନ୍ତ୍ରୀ ମଧ୍ୟ ନୂଆଦିଲ୍ଲୀ ଯାଇ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଠାରୁ ସମ୍ବର୍ଦ୍ଧିତ ହେବା ସହିତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଉତ୍ସର୍ଗ ମଧ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏବେ 'ଆଉଟ୍‌ଲୁକ୍' ଶ୍ରେଷ୍ଠ ପ୍ରଶାସକ ପୁରସ୍କାରକୁ ନେଇ ସାରା ରାଜ୍ୟରେ ଏକ ଅଦିନିଆ ଉତ୍ସବର ଆୟୋଜନ କରାଯାଉଛି। ସଚିବାଳୟଠୁ ଆରମ୍ଭ କରି ନବୀନ ନିବାସ ପର୍ଯ୍ୟନ୍ତ ଦଳୀୟ କର୍ମୀ, ନେତା, ପ୍ରଶାସନିକ ଅଧିକାରୀଙ୍କ ସୁଅ ଛୁଟିଛି। ତେବେ ସାପ୍ତାହିକ 'ଇଣ୍ଡିଆ ଟୁଡେ' ନିକଟରେ ଯେଉଁ ସଂଖ୍ୟାଟି ପ୍ରକାଶ କରିଛନ୍ତି ସେଥିରେ ଏହି ତାଲିକାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ନମ୍ବର ସ୍ଥାନରେ ରହିଛନ୍ତି ଓ ତାଙ୍କ ପଛକୁ ନୀତିଶ କୁମାର, ଯୋଗୀ ଆଦିତ୍ୟନାଥ, ଚନ୍ଦ୍ରବାବୁ ନାଇଡୁ ଓ ଅରବିନ୍ଦ କେଜ୍ରିୱାଲ ଅଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟବାସୀ କେଉଁ ପତ୍ରିକାର ନିବନ୍ଧକୁ ବିଶ୍ୱାସକୁ ନେବେ ? ଆଗରୁ ବିଜେଡି ପାଇଁ 'ଇଣ୍ଡିଆ ଟୁଡେ' ଭଲ ଥିଲା ବେଳେ ଏବେ 'ଆଉଟ୍‌ଲୁକ୍'। ଟୁଡେ-ଲୁକ୍ ଲେଖାକୁ ନେଇ ସମ୍ପ୍ରତି ରାଜ୍ୟ ରାଜନୀତିରେ ଅନେକ ବାଦ-ବିବାଦ ଦେଖାଦେଇଛି। ବୁଦ୍ଧିଜୀବୀ ମାନଙ୍କ ମତରେ ଖଣି, ପାଣି, ଚିଟ୍‌ଫଣ୍ଡ, ଖାଉଟି ସୁରକ୍ଷା, ବେରୋଜଗାରୀ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ନଗଡ଼ାର ଅପପୁଷ୍ଟି ଭଳି ବହୁ ଦୁର୍ନୀତି ଓ ବହୁ ସମସ୍ୟା ଭିତରେ ଆମ ରାଜ୍ୟ ଶ୍ରେଷ୍ଠ ହେଲା କିପରି ? ରାଜ୍ୟ ଶ୍ରେଷ୍ଠ ନହେଲେ ଶାସକ ବା ପ୍ରଶାସକ ଶ୍ରେଷ୍ଠ ହୁଅନ୍ତି କି ? ଏଭଳି ଅନେକ ଅମୀମାଂସିତ ପ୍ରଶ୍ନ ଭିତରେ ନବୀନ ଯେ ଭାରତରେ ଏକ ନମ୍ବର ନେତା ବା ମୁଖ୍ୟମନ୍ତ୍ରୀ ତାହା ବିସ୍ମୟ ସୃଷ୍ଟି କରିଛି। ବିରୋଧୀମାନେ ଏହାକୁ ପ୍ରାୟୋଜିତ ପୁରସ୍କାର କହୁଥିଲା ବେଳେ ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ ଅନେକ ପ୍ରଶ୍ନବାଚୀ। କିଛି ଲୋକ କହୁଛନ୍ତି ଯେ ଆଗାମୀ ନିର୍ବାଚନରେ ହାରିବାର ଭୟ ଯୋଗୁଁ କର୍ମୀଙ୍କ ମନରେ ଉତ୍ସାହ ଭରିଦେବା ପାଇଁ ବିଜୁ ଜନତା ଦଳର ଏହା ଏକ ମାଷ୍ଟର ପ୍ଲାନ୍। ସିଏ ଯାହାବି ହେଉ ଏବେ ଆମ ମୁଖ୍ୟମନ୍ତ୍ରୀ ନମ୍ବର ୱାନ ବୋଲି ଯେଉଁ ଉତ୍ସବ ମାହୋଲ ସୃଷ୍ଟି କରିଛି ବିଜେଡି ଏହାର ଫାଇଦା ଦଳକୁ ଯିବ।

### ଅନୁଗାମୀଙ୍କ ...

ଦୀର୍ଘବର୍ଷ ହେବ ଧର୍ମ ନାମରେ ଯୁବତୀମାନଙ୍କୁ ଯୌନ ଶୋଷଣ କରୁଥିବା ବାବାଙ୍କ କଳାକାରନାମା ଧରାପଡିଯିବା ପରେ ଏହି ନକଲି ବାବାମାନେ କିଭଳି ହିଂସା ଆଚରଣ କରନ୍ତି ଏହା ତାହାର ଜ୍ୱଳନ୍ତ ପ୍ରମାଣ। ଦେଶରେ ରାମ ରହିମଙ୍କ ପରି ଅସଂଖ୍ୟ ଆତ୍ମଘୋଷିତ ପ୍ରଭୁଙ୍କୁ ବିଶ୍ୱାସ କରି ଦେଶ ବିଦେଶରୁ ଯେଭଳି ଅନ୍ଧ ଭକ୍ତ ମାଡି ଚାଲିଛନ୍ତି ଏହା ଧର୍ମ ପାଇଁ ମଧ୍ୟ ଏକ କଳଙ୍କ। ଧାର୍ମିକ ପରିବେଶ ନାମରେ ବ୍ୟଭିଚାରର ଆଡ୍ଡା ତିଆରି କରୁଥିବା ବାବାମାନଙ୍କୁ ଧରିବା ପାଇଁ ନୂଆ ନିୟମ ନ ହେଲେ ଏହି ଘଟଣା ବଢ଼ି ବଢ଼ି ଚାଲିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ୨୦୦୨ର ଏକ ଦୁଷ୍କର୍ମ ମାମଲାରେ ହରିଆଣାର ପଞ୍ଚକୁଲା ସିବିଆଇ କୋର୍ଟ ଡେରା ମୁଖ୍ୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ପଞ୍ଚକୁଲାରେ ବ୍ୟାପକ ପୁଲିସ ଓ ସେନା ମୁତୟନ ସତ୍ତ୍ୱେ ନାହିଁନଥିବା ହିଂସାକାଣ୍ଡ ଘଟିଯାଇଛି। ଏହି ହିଂସାକାଣ୍ଡରେ ୩୨ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିଲା ବେଳେ ଶତାଧିକ ଆହତ ହୋଇଛନ୍ତି। ତେବେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ପୁଲିସ୍‌ର ଗୁଳିଚାଳନା ଯୋଗୁ ନା ଅନ୍ୟ କାରଣରୁ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। କେବଳ ହରିଆଣା ନୁହେଁ, ପଞ୍ଜାବ ଓ ଦିଲ୍ଲୀରେ ମଧ୍ୟ ଡେରା ମୁଖ୍ୟଙ୍କ ଅନୁଗାମୀମାନେ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ହରିଆଣା, ପଞ୍ଜାବ, ଦିଲ୍ଲୀ ଓ ଉତ୍ତର ପ୍ରଦେଶର ୧୧ଟି ସହରରେ କର୍ଫ୍ୟୁ ଜାରି କରାଯାଇଛି। ଏହା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ହିଂସାକାଣ୍ଡ ଘଟିଥିବା ଖବର ମିଳିଛି। ଏହି ପରିପ୍ରେକ୍ଷୀରେ ପଞ୍ଜାବ ଓ ହରିଆଣା ହାଇକୋର୍ଟ ହିଂସାକାଣ୍ଡ ଜନିତ କ୍ଷତି ଭରଣା ପାଇଁ ଡେରା ସଂଗଠନର ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ପରିସ୍ଥିତି ସମ୍ପର୍କରେ ହରିଆଣା ଓ ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଥାଉ କି, ସ୍ୱତନ୍ତ୍ର ସିବିଆଇ କୋର୍ଟ ଡେରା ମୁଖ୍ୟ ଗୁରମିତ୍ ରାମରହିମ୍ ସିଂହଙ୍କୁ ଦଣ୍ଡବିଧାନ କରିବେ। ଡେରା ମୁଖ୍ୟ ସୀର୍ସା ସ୍ଥିତ ତାଙ୍କର ମୁଖ୍ୟ ଆଶ୍ରମରୁ ପୂର୍ବାହ୍ନ ୯ଟାରେ ଅନୁଗାମୀଙ୍କ ସହ ବୁଲେଟ୍‌ପ୍ରୁଫ୍ କାର୍‌ରେ ବାହାରି ଅପରାହ୍ନ ୨.୩୦ରେ ପଞ୍ଚକୁଲା କୋର୍ଟରେ ପହଞ୍ଚିଥିଲେ। ଏଥିପୂର୍ବରୁ ତାଙ୍କର ହଜାର ହଜାର ସମର୍ଥକମାନେ ପଞ୍ଚକୁଲାରେ ଡେରା ପକାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅର୍ଦ୍ଧସାମରିକ ବାହିନୀ ସହ ୬ କଲମ୍ ସେନାକୁ ନିୟୋଜିତ କରାଯାଇଥିଲା। ଏହା ସତ୍ତ୍ୱେ ଡେରା ମୁଖ୍ୟଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ମାତ୍ରେ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ତୁରନ୍ତ ଡେରା ମୁଖ୍ୟଙ୍କୁ ଗିରଫ କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେଠାରୁ ନିଆଯାଇ ହେଲିକପ୍ଟର ଯୋଗେ ରୋହତକ୍ ଜେଲ୍‌କୁ ପଠାଇ ଦିଆଯାଇଛି। ଆସନ୍ତା ୨୮ରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋର୍ଟ ତାଙ୍କ ମାମଲାରେ ଦଣ୍ଡ ବିଧାନ କରିବେ। ୨୦୦୨ରେ ଆଶ୍ରମର ଦୁଇ ଜଣ ସାଧ୍ୱୀଙ୍କୁ ଦୁଷ୍କର୍ମ ମାମଲାରେ ଡେରା ମୁଖ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଡେରା ମୁଖ୍ୟଙ୍କୁ ଗିରଫ କରାଯିବା ପରେ ତାଙ୍କର ସମର୍ଥକମାନେ ଉଗ୍ର ହୋଇ ଉଠିଛନ୍ତି। ସେମାନେ ବ୍ୟାପକ ପୋଡ଼ାଜଳା କରିଥିଲେ। ଏଥିସହ ଗଣମାଧ୍ୟମ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିଲା। ଉତ୍ୟକ୍ତ ଅନୁଗାମୀମାନେ ସାମ୍ବାଦିକଙ୍କୁ ଆକ୍ରମଣ କରିବା ସହ ଟିଭି ଚ୍ୟାନେଲ୍‌ର ଓବି ଭ୍ୟାନ୍ ପୋଡ଼ାଜଳା କରିଥିଲେ। ଏହି ସମୟରେ ପୁଲିସ ଏହାକୁ ରୋକି ନ ପାରି ଏକପ୍ରକାର ନିରବଦ୍ରଷ୍ଟା ସାଜିଥିଲା। ଯାହାକୁ ନେଇ ସାରା ଦେଶରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏଥିପାଇଁ ହରିଆଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ପଞ୍ଚକୁଲା ପରେ ସାର ଦେଶକୁ ଏହି ହିଂସା ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଡେରା ମୁଖ୍ୟଙ୍କ ଅନୁଗାମୀମାନେ ଚାରିଆଡେ ଆତଙ୍କ ରଚୁଛନ୍ତି। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ପୁରୀ ନିକଟରେ ଥିବା ଡେରା ସର୍ଚ୍ଚ ସୌଦା ଆଶ୍ରମରେ ମଧ୍ୟ ସ୍ଥାନୀୟ ଲୋକେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ପୋଲିସ ପ୍ରତିହତ କରିବା ସହ ଆଶ୍ରମକୁ ସୁରକ୍ଷା ପ୍ରଦାନ କରିଥିବା ଜଣାପଡିଛି। ବ୍ୟାପକ ହିଂସାକାଣ୍ଡ ପରେ ଦଙ୍ଗାକାରୀଙ୍କୁ ଚିହ୍ନଟ କରାଯିବ ଏବଂ ନଷ୍ଟ ହୋଇଥିବା ସମ୍ପତ୍ତିର ଭରଣା କରିବା ପାଇଁ ଦୋଷୀ ସାବ୍ୟସ୍ତ ଗୁରୁମିତ୍ ସିଂହର ସମ୍ପତ୍ତି ଜବତ କରାଯିବାକୁ ପଞ୍ଜାବ ହରିୟାଣା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଗୋପନୀୟତା ...

ସର୍ବୋଚ୍ଚ ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି, ଅନ୍ୟ ମୌଳିକ ଅଧିକାରଗୁଡ଼ିକ ଭଳି ବ୍ୟକ୍ତିଗତ ଗୋପନୀୟତା ସର୍ବୋଚ୍ଚ ନୁହେଁ, ଏଥିରେ ମଧ୍ୟ କିଛିଟା କଟକଣା ଲାଗୁ ହୋଇପାରିବ। ତେବେ ବ୍ୟକ୍ତିଗତ ଗୋପନୀୟତା ସମ୍ବିଧାନ ଅନୁଯାୟୀ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ ବୋଲି ଏନ୍‌ଡିଏ ସରକାରଙ୍କ ମତକୁ ଖଣ୍ଡପୀଠ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କିନ୍ତୁ ୫୪୭ ପୃଷ୍ଠାର ଏହି ରାୟରେ କେନ୍ଦ୍ର ସରକାରଙ୍କୁ ଆଶାର ବାଣୀ ଶୁଣାଇ କୁହାଯାଇଛି, "କେନ୍ଦ୍ର ସରକାର ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେଇପାରିବେ।" ଏହି ଖଣ୍ଡପୀଠର ଅନ୍ୟ ବିଚାରପତିମାନେ ହେଲେ, ଜଷ୍ଟିସ୍ ଜେ ଚେଲମେଶ୍ୱର, ଏସ୍‌ଏ ବୋବ୍‌ଡେ, ଆର୍‌କେ ଅଗ୍ରୱାଲ, ଆର୍‌ଏଫ୍ ନରିମାନ, ଏଏମ୍ ସାପ୍ରେ, ଡିୱାଇ ଚନ୍ଦ୍ରଚୂଡ଼, ଏସ୍‌କେ କାଉଲ୍ ଓ ଏସ୍ ଅବ୍‌ଦୁଲ୍ ନଜିର୍। ସେମାନେ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ଏହି ୯ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ସୁପ୍ରିମକୋର୍ଟ ଗୋପନୀୟତା ଅଧିକାର ସମ୍ପର୍କରେ ପୂର୍ବରୁ ଦେଇଥିବା ୨ଟି ରାୟକୁ ଖାରଜ କରିଦେଇଛନ୍ତି। ୧୯୫୦ରେ ଏମ୍‌ପି ଶର୍ମା ମାମଲା ଏବଂ ୧୯୬୨ରେ ଖଡ଼କ୍ ସିଂହ ମାମଲାରେ ବ୍ୟକ୍ତିଗତ ଗୋପନୀୟତାକୁ ସୁପ୍ରିମକୋର୍ଟ ମୌଳିକ ଅଧିକାର ମାନ୍ୟତା ଦେଇନଥିଲେ। ଖଡ଼କ୍ ସିଂହ ମାମଲାରେ ୬ ଜଣିଆ ଖଣ୍ଡପୀଠ ରାୟ ପ୍ରଦାନ କରିଥିଲା ବେଳେ ଏମ୍‌ପି ଶର୍ମା ମାମଲାରେ ୮ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ଖେହର୍ ରାୟ ଘୋଷଣା କରିବା ପୂର୍ବରୁ କହିଥିଲେ, ଏହି ଖଣ୍ଡପୀଠର ୯ ଜଣ ବିଚାରପତିଙ୍କ ମଧ୍ୟରୁ କେତେ ଜଣ ସେମାନଙ୍କ ରାୟରେ କିଛିଟା ଭିନ୍ନ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଧାର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ କରି ଆଗତ ଏକାଧିକ ପିଟିସନ୍ ଉପରେ ୩ ସପ୍ତାହ ମଧ୍ୟରେ ୬ ଦିନ ମାରାଥନ୍ ଶୁଣାଣି ପରେ ୯ ଜଣିଆ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ। ଏହି ହାଇ-ଭୋଲ୍‌ଟେଜ୍ ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ, ଅତିରିକ୍ତ ସଲିସିଟର୍ ଜେନେରାଲ୍ ତୁଷାର ମେହେଟ୍ଟା, ଅରବିନ୍ଦ ଦତ୍ତାର, କପିଲ ଶିବଲ୍, ଗୋପାଲ ସୁବ୍ରମନ୍ୟମ୍, ଶ୍ୟାମ ଦିବାନ୍, ଆନନ୍ଦ ଗ୍ରୋଭର, ସିଏ ସୁନ୍ଦରମ୍ ଓ ରାକେଶ ଦ୍ୱିବେଦୀଙ୍କ ଭଳି ବହୁ ବରିଷ୍ଠ ଆଇନଜୀବୀ ବ୍ୟକ୍ତିଗତ ଗୋପନୀୟତା ମୌଳିକ ଅଧିକାର କି ନୁହେଁ, ତା'ର ସପକ୍ଷ ଓ ବିପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। କର୍ଣ୍ଣାଟକ ହାଇକୋର୍ଟର ପୂର୍ବତନ ବିଚାରପତି କେଏସ୍ ପୁଟ୍ଟସ୍ୱାମୀ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ର ପ୍ରଥମ ମୁଖ୍ୟ ଶାନ୍ତା ସିହ୍ନା, ନାରୀବାଦୀ ଗବେଷିକା କଲ୍ୟାଣୀ ସେନ୍ ମେନନ୍ ସମେତ ୨୧ ଜଣଙ୍କ ପକ୍ଷରୁ ଆଧାର ସ୍କିମ୍‌ର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ ଆଇନ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଓ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ସ୍ୱାଗତ କରିଛନ୍ତି। ତେବେ ଏହି ରାୟର ପ୍ରଭାବ 'ଆଧାର' ଓ ବିଭିନ୍ନ ସରକାରୀ ଯୋଜନା ଉପରେ ପଡ଼ିବାର ସମ୍ଭାବନା ଥିବା କଥା କହିଛନ୍ତି କିଛି ବରିଷ୍ଠ ଆଇନିଜ୍ଞ।

### ଆତଙ୍କବାଦୀ ...

ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଏପରିକି କୋଲକାତା ଠାରେ ଏନେଇ କୋଷ୍ଟଗାର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଉତ୍ତର-ପୂର୍ବ ରିଜନର ହୋଇଥିବା ଏହି ବୈଠକରେ ଓଡ଼ିଶା ଉପକୂଳରେ ନିୟୋଜିତ ହୋଇଥିବା କୋଷ୍ଟଗାର୍ଡର ଉପରିସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ସମୁଦ୍ର ମଧ୍ୟରେ ନିୟମିତ ପାଟ୍ରୋଲିଂ କରିବା ସହିତ ଅଜଣା ବା ଲାଇସେନ୍ସ ବିହିନ ଜାହାଜଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଏହା ସହିତ ରାଜ୍ୟର ସାମୁଦ୍ରିକ ପୁଲିସ ସହାୟତାରେ କେତେକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମଧ୍ୟ କୁହାଯାଇଛି। ତେବେ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ସାମୁଦ୍ରିକ ଥାନାଗୁଡ଼ିକ ସେମାନଙ୍କ କାର୍ଯ୍ୟ ଠିକ୍ ଭାବରେ କରୁନଥିବା ନେଇ ଚିଠିରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟ ସରକାରଙ୍କ ଅଧିକାର କ୍ଷେତ୍ରରେ ଆସୁଥିବା ସାମୁଦ୍ରିକ ପୁଲିସ ନିୟମିତ ଭାବରେ ଉପକୂଳ ଠାରୁ ୧୦ କିଲୋମିଟର ସମୁଦ୍ର ମଧ୍ୟରେ ପାଟ୍ରୋଲିଂ କରୁନାହାନ୍ତି ବୋଲି ଦର୍ଶାଯାଇଛି। ସାମୁଦ୍ରିକ ସୁରକ୍ଷା ନିୟମ ଅନୁସାରେ ଯେଉଁ ଠାରୁ କୋଷ୍ଟଗାର୍ଡ ସୀମା ଆରମ୍ଭ ହୋଇଥାଏ ସେପର୍ଯ୍ୟନ୍ତ ସାମୁଦ୍ରିକ ଥାନା ପୁଲିସ୍ କୋଷ୍ଟଗାର୍ଡକୁ ରିପୋର୍ଟ କରିବା କଥା। ତାହା ଓଡ଼ିଶା ଉପକୂଳରେ କରାଯାଉ ନାହିଁ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ଉପକୂଳ ଅଞ୍ଚଳରେ ଗୁଇନ୍ଦା ସଂଗ୍ରହ ଉପରେ ଗୁରୁତ୍ୱ ଦେବା ପାଇଁ ଏହି ଚିଠିରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ବିଶେଷ କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ କୁହାଯାଇଛି। ସମୁଦ୍ର ମଝିକୁ ମାଛ ଧରିବା ପାଇଁ ଯାଉଥିବା ମତ୍ସ୍ୟଜୀବୀଙ୍କୁ ଲାଇସେନ୍ସ ପ୍ରଦାନ ସହ ମାଛଧରା ଡଙ୍ଗା ବା ବୋଟ୍‌ରେ ଲାଇସେନ୍ସ ନମ୍ବର ଉଲ୍ଲେଖ କରିବା ପାଇଁ କୁହାଯାଇଛି। ବନ୍ଦରଗୁଡ଼ିକରେ ଯେଭଳି କିଛି ବେଆଇନ୍ କାରବାର ବା ବିଦେଶରୁ ଆସୁଥିବା ଜାହାଜ ଠାରୁ ଅନୈତିକ ଭାବରେ ଜିନିଷପତ୍ର କାରବାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଏନେଇ ଗୃହ ବିଭିଗ ସଚିବ ସ୍ତରୀୟ ଏକ ବୈଠକ ଆସନ୍ତା ମାସ ପ୍ରଥମ ସପ୍ତାହରେ କୋଲକତା ଠାରେ ଅନୁଷ୍ଠିତ ହେବ ବୋଲି ଏହି ଚିଠିରେ ଦର୍ଶାଯାଇଛି।

### ପୋଲିସକୁ ...

ଗୃହ ସଚିବ ଅସିତ ତ୍ରିପାଠୀ କହିଛନ୍ତି, ଥାନା ସ୍ତରରେ ଏଏସ୍‌ଆଇ ର୍ୟାଙ୍କ୍‌ରୁ ଆରମ୍ଭ କରି ସମସ୍ତ ପୁଲିସ୍ ଅଫିସରଙ୍କୁ ଏମ୍‌ଭିଆଇଙ୍କ ଭଳି କ୍ଷମତା ପ୍ରଦାନ କରାଯିବ। ଏହା ଦ୍ୱାରା ପୁଲିସ୍ ଅଧିକାରୀ ମଧ୍ୟ ଟ୍ରାଫିକ୍ ଆଇନ୍ ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ପୂର୍ବରୁ ବାଇକ୍ ଚଳାଉଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା। ସାରା ରାଜ୍ୟରେ ଏହି ନିୟମକୁ କାଁଭାଁ ଲୋକ ମାନୁଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଅଧୀନରେ ଏହି ନିୟମକୁ କଡ଼ାକଡ଼ି କରାଯାଇଥିଲା। ଏପରିକି ହେଲମେଟ୍ ପିନ୍ଧି ନଥିଲେ ପେଟ୍ରୋଲ୍ ପମ୍ପଗୁଡ଼ିକରେ ତେଲ ଦେବା ପାଇଁ ମଧ୍ୟ ମନା କରାଯାଇଥିଲା। ମାତ୍ର ବାଇକ୍ ଆରୋହୀଙ୍କ ପଛପଟେ ବସୁଥିବା ବ୍ୟକ୍ତି ବା ପିଲିୟନ୍ ରାଇଡର୍‌ଙ୍କ ପାଇଁ ହେଲମେଟ୍ ପିନ୍ଧିବା ନେଇ କିଛି ନିୟମ ଲାଗୁ କରାଯାଇନଥିଲା। ଏବେ ନୂତନ ନିୟମାବଳୀ ଲାଗୁ ହେବା ପରେ ମୋଟର୍ ଭେଇକିଲ୍ ବିଭାଗ କର୍ମଚାରୀଙ୍କ ଭଳି ପୁଲିସ୍ ମଧ୍ୟ ଟ୍ରାଫିକ୍ ଆଇନ୍ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଚାଲାଣ କାଟିବା ସହିତ ସେମାନଙ୍କ ବାଇକ୍ ଜବତ ଏବଂ ଲାଇସେନ୍ସ ମଧ୍ୟ ରଦ୍ଦ କରିପାରିବ। ମୁଖ୍ୟ ଶାସନ ସଚିବ ଏହି ଆଇନକୁ କଡ଼ାକଡ଼ି ଭାବରେ ସାରା ରାଜ୍ୟରେ ଲାଗୁ କରିବା ପାଇଁ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ସମସ୍ତ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥଗୁଡ଼ିକରେ ଏନେଇ ଜିରୋ ଟଲରେନ୍ସ ନୀତି ଆପଣାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସ୍ତରରେ ପ୍ରତିମାସ ସଡ଼କ ସୁରକ୍ଷା କମିଟିର ବୈଠକ ଡାକିବା ସହିତ ଜନ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆର୍‌ଟିଓମାନେ ଗାଡ଼ିର ବେଗ ମାପିବା ପାଇଁ ବ୍ୟବହାର କରୁଥିବା ଇଣ୍ଟରସେପ୍ଟର୍ ଭେଇକିଲ୍ ସପ୍ତାହରେ ଦୁଇ ଥର ବ୍ୟବହାର କରି ଗାଡ଼ିଗୁଡ଼ିକର ବେଗ ନିୟନ୍ତ୍ରଣ ନେଇ ନଜର ରଖିବାକୁ ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଦିଆଯାଇଥିବା ସୂଚନା ଅନୁସାରେ ରାଜ୍ୟରେ ଘଟିଥିବା ସଡ଼କ ଦୁର୍ଘଟଣାରେ ମୃତକ ମଧ୍ୟରୁ ୪୪% ହେଉଛନ୍ତି ବାଇକ୍ ଆରୋହୀ। ଏହି ନିୟମ ଲୋକଙ୍କ ସୁରକ୍ଷା ପାଇଁ ନା ପୋଲିସକୁ ଚାନ୍ଦା ଆଦାୟ ପାଇଁ ଅଧିକ ସୁଯୋଗ ପ୍ରଦାନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ

# 'ଦାବି ନେଇ ରାଜରାସ୍ତାରେ ଲଢ଼େଇ ହେବ'



**ଜଗତସିଂହପୁର :** ଗତ ରବିବାର ଦିନ ଉତ୍କଳ ସାମ୍ବାଦିକ ସଂଘର ଏକ କାର୍ଯ୍ୟ କାରିଣୀ ବୈଠକ ପାରାଦ୍ୱୀପ ଠାରେ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିଭିନ୍ନ ଜିଲ୍ଲାର ପ୍ରାୟତଃ ୧୫୦ରୁ ଊର୍ଦ୍ଧ୍ୱ ବ୍ଲକ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ଅବହେଳିତ ହେଉଥିବା ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଗଣତନ୍ତ୍ରରେ ଗଣମାଧ୍ୟମ ପ୍ରତିନିଧିମାନେ ଚତୁର୍ଥ ସ୍ତମ୍ଭ ହୋଇଥିବା ବେଳେ ସରକାର ଏମାନଙ୍କ ସମସ୍ୟାକୁ ବିଝୁନଥିବାରୁ ରାଜ୍ୟ ସଭାପତି ଶ୍ରୀ କରଙ୍କ ନେତୃତ୍ୱରେ ବିଧାନସଭା ଆଗରେ ଧାରଣା ଦିଆଯାଇଥିଲା। କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ କୌଣସି ସମାଧାନ କରିପାରି ନାହାନ୍ତି। ରାଜ୍ୟ ସଭାପତି ଶ୍ରୀ କର କହିଥିଲେ ଯେ ଆଗାମୀ ଦିନରେ ସରକାରଙ୍କ ସହିତ ରାଜରାସ୍ତାରେ ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ପାଇଁ ଲଢେଇ କରାଯିବ। ଉପସ୍ଥିତ ଥିବା ସମସ୍ତ ପ୍ରତିନିଧି ମାନେ ଏହି ଲଢେଇରେ ସାମିଲ ହେବେ ବୋଲି ପ୍ରତିଶୃତି ଦେଇଥିଲେ। ପ୍ରଥମେ ସାମ୍ବାଦିକ ସଂଗଠନରେ ସଂସ୍କାର ଆଣିବା ସହ ଯେଉଁ ଦୁର୍ବଳତା ରହୁଛି ସେଥିରେ କେହି କାହାକୁ ଆକ୍ଷେପ ନକରି ସଂଗଠିତ ରହିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବାର ଦଫା ଦାବୀ ସରକାରଙ୍କୁ ସେ ପ୍ରଦାନ କରିଛନ୍ତି ଓ ଆଗାମୀ ଦିନରେ ସେ ଲଢେଇ ଜାରି ରଖି ଜାଗ୍ରତ ହୋଇ ରହିବେ ବୋଲି ମଧ୍ୟ ପ୍ରକାଶ କରିଥିଲେ। ମୋତେ ଯଦି ରାଜ୍ୟର ସମସ୍ତ ଜିଲ୍ଲାର ପ୍ରତିନିଧିମାନେ ସମର୍ଥନ କରିବେ ତେବେ ମୁଁ ଯୁଦ୍ଧ କରିବାକୁ ମଧ୍ୟ ପ୍ରସ୍ତୁତ ଅଛି କହିବା ସହ ରାଜ୍ୟ ସରକାରଠାରୁ ସବୁ ହକ୍ ପୋଛି ଆଣିବେ ବୋଲି କହିଥିଲେ।

ଏହି ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟରେ ସମସ୍ତ ଜିଲ୍ଲା ସଭାପତିମାନେ ରାଜ୍ୟ ସଭାପତି ଶ୍ରୀ କରଙ୍କୁ ଭୂୟସି ପ୍ରସଂସା କରିବା ସହ ତାଙ୍କର ଉଦ୍ୟମ, ନିଷ୍ଠା ଓ ପରିଶ୍ରମ ବଳରେ ଆଜି ଆମ୍ଭେ ନିଜର ପରିଚୟ ପ୍ରଦାନ କରିପାରିଛୁ ବୋଲି ମଧ୍ୟ ମତ ପ୍ରକାଶ କରିଥିଲେ। ଅନେକ ସାମ୍ବାଦିକ ସଂଘ ଆରମ୍ଭ ହୋଇଥିଲେ ମଧ୍ୟ ସେମାନଙ୍କର ସ୍ଥିତି ଦୁର୍ବଳ ହୋଇଯାଉଥିବା ବେଳେ ଶ୍ରୀ କର କେବଳ ବାକ୍ୟବୀର ନୁହନ୍ତି କର୍ମବୀର ହୋଇ ଆଜି ପର୍ଯ୍ୟନ୍ତ ଲଢେଇରେ ମଧ୍ୟ ସର୍ବାଗ୍ରେ ଅଛନ୍ତି। ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ସ୍ୱେଚ୍ଛାକୃତ ଭାବେ ମୟୁରଭଞ୍ଜ ବିଧାୟକ ଶ୍ରୀ ସୁଶିଲ କୁମାର ହାଂସଦା ଯୋଗ ଦେବା ସହ ପାରାଦ୍ୱୀପ ପ୍ରେସ୍ ମିଡିଆ ସଭାପତି ବସନ୍ତ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ନୃସିଂହ ନାରାୟଣ ଦାସ, ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ରାମ ଚନ୍ଦ୍ର ମହାନ୍ତି, ଉତ୍କଳ ସାମ୍ବାଦିକ ସଙ୍ଘ ବରିଷ୍ଠ ସଦସ୍ୟ ଚିତରଞ୍ଜନ ସ୍ୱାଇଁ, ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜି, ବୈଷ୍ଣବ କୁମାର ଜେନା, ରବିନାରାୟଣ ଖିଲାର୍, ସତ୍ୟନାରାୟଣ ମିଶ୍ର, ରାମକୃଷ୍ଣ ମହାପାତ୍ର, ରଜନିକାନ୍ତ ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଶ୍ରୀକାନ୍ତ ଖଟେଇ, ଜଗଦିସ୍ ପୁରୋହିତ, ରଘୁନାଥପୁର ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ସାହୁ, ସାମ୍ବାଦିକ ସୁଜନ କୁମାର ମୁଦୁଲି, ରଞ୍ଜନ କୁମାର ଲେଙ୍କା, ପ୍ରଶାନ୍ତ କୁମାର ମୁଦୁଲି, ସୁଶାନ୍ତ କୁମାର ରାଉତ, ମନୋଜ ସାହୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ପ୍ରକାଶ ବାରିକ୍ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ମାନଙ୍କ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ନିଜର ମତ ପ୍ରଦାନ କରିଥିଲେ।



# ଝାଝରିଆ ଓ ସର୍ଦ୍ଦାରଙ୍କୁ 'ଖେଳରତ୍ନ'



**ନୂଆଦିଲ୍ଲୀ :** ପାରା ଆଥ୍‌ଲେଟ୍ ଦେବେନ୍ଦ୍ର ଝାଝରିଆ ଓ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂହଙ୍କୁ ଚଳିତ ବର୍ଷ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧି 'ଖେଳରତ୍ନ' ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଏ ନେଇ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଚୂଡାନ୍ତ ତାଲିକା ଘୋଷଣା କରାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ଚୟନ କମିଟି ସୁପାରିସ୍ ଉପରେ ମୋହର ଲଗାଇ ଏହି ଦୁଇ ଖେଳାଳିଙ୍କୁ ସବୁଠାରୁ ବଡ଼ ସମ୍ମାନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। କ୍ରିକେଟର୍ ଚେତେଶ୍ୱର ପୂଜାରା ଓ ହରମନପ୍ରୀତ କୌରଙ୍କ ସମେତ ୧୭ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯିବ। ଏହାଛଡ଼ା କ୍ରୀଡ଼ା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ତିନିଜଣଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ଏବଂ ସାତଜଣଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ଖେଳାଳିମାନଙ୍କୁ ପୁରସ୍କୃତ କରିବେ। ୨୦୧୭ରେ ମହିନ୍ଦ୍ରା ସ୍କୋର୍ପିଓ ଟାଇମ୍ସ ଅଫ୍ ଇଣ୍ଡିଆ (ଟିଓଆଇଏସ୍ଏ)ର ବିଜେତା ଦେବେନ୍ଦ୍ର ଏହି ସମ୍ମାନ ଲାଭ କରିବାରେ ପ୍ରଥମ ପାରା ଆଥ୍‌ଲେଟ୍ ହେବେ। ଜ୍ୟାଭେଲିନ୍ ଥ୍ରୋୟର୍ ଦେବେନ୍ଦ୍ର ଚୟନ କମିଟିର ପ୍ରଥମ ପସନ୍ଦ ଥିଲେ। ସେ ଭାରତ ପକ୍ଷରୁ ପାରା ଅଲିମ୍ପିକ୍ସରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଖେଳାଳି। ଏହି ଚୟନ କମିଟି ଜଷ୍ଟିସ୍ (ରିଟାୟର୍ଡ) କେସି ଠକ୍କର ଥିଲେ। କମିଟି ୩୧ ବର୍ଷୀୟ ମିଡ୍‌ଫିଲ୍ଡର ସର୍ଦ୍ଦାରଙ୍କ ନାମ ଉପରେ ମଧ୍ୟ ମୋହର୍ ଲଗାଇଥିଲା। କମିଟି ଖେଳରତ୍ନ ପାଇଁ ଦୁଇଜଣ ଅର୍ଥାତ୍ ଦେବେନ୍ଦ୍ର ଓ ସର୍ଦ୍ଦାରଙ୍କ ନାମ ସୁପାରିସ୍ କରିଥିଲା। ସର୍ଦ୍ଦାରଙ୍କୁ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା। ସେ ଭାରତ ପାଇଁ ଦୁଇଟି ଏସିଆନ୍ ପଦକ ଜିତିଛନ୍ତି। ସର୍ଦ୍ଦାର ୨୦୧୪ରେ ଇଞ୍ଚିଅନ୍‌ଠାରେ ସ୍ୱର୍ଣ୍ଣ ଓ ୨୦୧୦ରେ ଗୁଆଙ୍ଗଝୁଠାରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସେ ଦୁଇଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ମଧ୍ୟ ଜିତିଛନ୍ତି। କ୍ରିକେଟର୍ ଚେତେଶ୍ୱର ପୂଜାରା ଓ ହରମନପ୍ରୀତ କୌର୍‌ଙ୍କ ବ୍ୟତୀତ ଭିଜେ ସୁରେଖା (ଆର୍ଚେରୀ), ଖୁସବୀର କୌର୍ (ଆଥଲେଟିକ୍ସ), ଅରୋକିଆ ରାଜୀବ (ଆଥଲେଟିକ୍ସ), ପ୍ରଶାନ୍ତ ସିଂହ (ବାସ୍କେଟ୍‌ବଲ୍), ଲୈସରାମ ଦେବେନ୍ଦ୍ର ସିଂହ (ବକ୍ସିଂ), ଓଇନାମ୍ ବେମ୍‌ବେମ୍ ଦେବୀ (ଫୁଟ୍‌ବଲ୍), ଏସ୍ଏସ୍‌ପି ଚୌରସିଆ (ଗଲ୍ଫ), ଏସ୍‌ଭି ସୁନୀଲ (ହକି), ଜସ୍‌ବୀର ସିଂହ (କବାଡି), ପିଏନ୍ ପ୍ରକାଶ (ଶୁଟିଂ), ଏ. ଅମଲରାଜ (ଟେବୁଲ୍ ଟେନିସ୍) ସାକେତ ମିନେନୀ (ଟେନିସ୍), ସତ୍ୟଓ୍ୱାର୍ତ କାଡିଆନ୍ (ରେସ୍‌ଲିଂ), ମରିୟାପ୍ପାନ (ପାରା ଆଥଲେଟ୍), ବରୁନ୍ ସିଂହ ଭଟି (ପାରା ଆଥଲେଟ୍) ଅର୍ଜୁନ୍ ପୁରସ୍କାର ପାଇବେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ତାଲିକାରୁ କେବଳ କୋଚ୍ ସତ୍ୟନାରାୟଣଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ବିରୋଧରେ ବର୍ତ୍ତମାନ ଏକ ମୋକଦ୍ଦମା ଚାଲିଛି, ଯେଉଁ କାରଣରୁ ଏହି ସମ୍ମାନରୁ ସେ ବଞ୍ଚିତ ହୋଇଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ବିଜୟ ଗୋଏଲ୍ ଶୁକ୍ରବାର ଏହି ନାମ ପାଇଁ ମଞ୍ଜୁରୀ ଦେଇଥିଲେ। ଶନିବାର ସତ୍ୟନାରାୟଣଙ୍କ ନାମ ଦ୍ରୋଣାଚାର୍ଯ୍ୟ ତାଲିକାରୁ ହଟାଇ ଦିଆଯାଇଥିଲା। ତେବେ ଦ୍ରୋଣାଚାର୍ଯ୍ୟ ପାଇଁ ସ୍ୱର୍ଗତ ଆର୍. ଗାନ୍ଧି (ଆଥ୍‌ଲେଟିକ୍ସ), ହୀରାନନ୍ଦ କାଟାରିଆ (କବାଡି), ଜିଏସ୍ଏସ୍‌ଭି ପ୍ରସାଦ (ବ୍ୟାଡ୍‌ମିଣ୍ଟନ୍, ଲାଇଫ୍‌ଟାଇମ୍), ବ୍ରିଜଭୂଷଣ ମହାନ୍ତି (ବକ୍ସିଂ, ଲାଇଫ୍‌ଟାଇମ୍), ପିଏ ପଟେଲ୍ (ହକି, ଲାଇଫ୍‌ଟାଇମ୍), ସଞ୍ଜୟ ଚକ୍ରବର୍ତ୍ତୀ (ଶୁଟିଂ, ଲାଇଫ୍‌ଟାଇମ୍), ରୋଶନ୍ ଲାଲ (ରେସ୍‌ଲିଂ, ଲାଇଫ୍‌ଟାଇମ୍) ନାମ ମନୋନୀତ ହୋଇଛି। କ୍ରୀଡ଼ାର ବିକାଶରେ ଯୋଗଦାନ ପାଇଁ ଦିଆଯାଉଥିବା ଧ୍ୟାନଚାନ୍ଦ ପୁରସ୍କାର ଭୂପେନ୍ଦର ସିଂହ (ଆଥଲେଟିକ୍ସ), ସୟଦ ଶାହିଦ୍ ହକିମ୍ (ଫୁଟ୍‌ବଲ୍), ସମୁରାଇ ଟେଟେ (ହକି)ଙ୍କୁ ପ୍ରଦାନ କରାଯିବ। ପଦକ ଓ ସାଇଟେସନ୍ ବ୍ୟତୀତ ରାଜୀବ ଗାନ୍ଧି ଖେଳ ରତ୍ନ ବିଜେତାଙ୍କୁ ୭.୫ ଲକ୍ଷ ଟଙ୍କା ଏବଂ ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ପ୍ରତିମୂର୍ତ୍ତି, ସାର୍ଟିଫିକେଟ୍ ଓ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ।

# କ୍ରିଷ୍ଣାଙ୍କୁ ଆକାଶବାଣୀର ସ୍ୱୀକୃତି



ନାଟକ, ଟେଲି ଫିଲ୍ମ ଓ ଆଲ୍‌ବମ୍‌ରେ ଅଭିନୟ କରି ସଫଳତା ଲାଭ କରିଥିବା ଅଭିନେତ୍ରୀ କ୍ରିଷ୍ଣାଙ୍କୁ କଟକ ଆକାଶବାଣୀର ସ୍ୱୀକୃତି ମିଳିଛି। ପ୍ରାୟ ୭ ବର୍ଷ ବୟସରୁ ସେ ନିଜର ପାଠପଢ଼ା ସହିତ ଅଭିନୟରେ ମନ ବଳାଇଥିଲେ। ପ୍ରଥମେ 'ଆଶା' ନାମକ ଏକ ଟେଲି ଧାରାବାହିକରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେହିଭଳି 'ସାଧୁ ସାବଧାନ' ନାଟକରେ ଦ୍ୱୈତ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସମ୍ପ୍ରତି ଏକ ବ୍ୟାଙ୍କରେ ଆକାଉଣ୍ଟ ଅଫିସର ଭାବେ କାର୍ଯ୍ୟ କରୁଥିଲେ ବି ସେ ଅଭିନୟକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ନାତୁଣୀ କ୍ରିଷ୍ଣା ଏଫ୍‌ଏମ୍ କଲେଜରୁ ବାଣିଜ୍ୟରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଗଣପତିଙ୍କ ଆରାଧନା



ଶ୍ରୀ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ

ସହିଦ କ୍ଲବ, ସହିଦ ନଗର

ନୀଳାଦ୍ରି ବିହାର

ଉଷା କ୍ଲବ, ମାଷ୍ଟର କ୍ୟାଣ୍ଟିନ୍

ଶୈଳଶ୍ରୀ ବିହାର ଷ୍ଟୁଡେଣ୍ଟସ୍ ଆସୋସିଏସନ

ଡାବୁଗାଁ

# ଆଞ୍ଚଳିକ ଖବର

## ସନ୍ଦେହରେ ଆଶାକର୍ମୀଙ୍କ ମୃତ୍ୟୁ



**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ବଡଓଲମା ପଞ୍ଚାୟତର ଗୁଝଗୁଡା ଗ୍ରାମର ଆଶାକର୍ମୀ ସେବତୀ ପୂଜାରୀଙ୍କର ମୃତ୍ୟୁ ଆତ୍ମହତ୍ୟା କିମ୍ବା ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୃତା ଆଶାକର୍ମୀ ବାପା ଲୋକନାଥ ମାଝୀ ଏନେଇ ଡାବୁଗାଁ ଥାନାରେ ଏକ ଅଭିଯୋଗ କରିଛନ୍ତି। ଆଶାକର୍ମୀଙ୍କ ସ୍ୱାମୀ ବଳି ପୂଜାରୀ ମଧ୍ୟ ସମାନ ଭାବେ ଆଉଏକ ଏତଲା ଦେଇଥିବା ବେଳେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଆଶାକର୍ମୀଙ୍କ ପେଟବ୍ୟଥା ହେଉଥିବା ତାଙ୍କ ସ୍ୱାମୀ ଫୋନ୍ ଯୋଗେ ସେବତୀଙ୍କ ବାପାଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ବାପା ସାଙ୍ଗରେ କିଛି ଭଦ୍ର ଲୋକଙ୍କୁ ନେଇ ଝିଅ ଘରେ ପହଞ୍ଚିଲା ବେଳକୁ ଝିଅ ସେଠାରେ ମୃତ ଅବସ୍ଥାରେ ଘର ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ସେବତୀଙ୍କ ନାକରୁ ରକ୍ତ ବାହାରୁଥିବା ଓ ଅଣ୍ଟାରେ ଭିଷର ମାଡ ହୋଇଥିବାରୁ କଳାଦାଗ ପଡିଥିବା ଦେଖି ସନ୍ଦେହ ପ୍ରକଟ କରିଥିଲେ। ଏହାପରେ ନିଜ ଝିଅର ମୃତ୍ୟୁକୁ ସେ ଆତ୍ମହତ୍ୟା ନ ଭାବେ ହତ୍ୟା ବୋଲି ଅଭିଯୋଗ କରିଛନ୍ତି।

### ସ୍ୱଚ୍ଛ ସବୁଜମୟ ପାରାଦୀପ ଗଠନ ପାଇଁ ପୌର ପରିଷଦର ପ୍ରୟାସ

## ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିବ: ପୌରାଧକ୍ଷ



**ପାରାଦୀପ :** ଆସନ୍ତା ଅଗଷ୍ଟ ମାସ ୩୧ ତାରିଖ ସ୍ୱାୟତ ଶାସନ ଦିବସ -୨୦୧୭ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ସମୁହ ସଫେଇ ଓ ସଚ୍ଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି ଆଜି ଏହି ପରିପ୍ରେକ୍ଷିରେ ୧୫ ନମ୍ବର ଓ୍ୱାର୍ଡର ବଡପଡିଆ ମାର୍କେଟ ସ୍ଥିତ ପରିବା ମାର୍କେଟ ଅଞ୍ଚଳରେ ଏକ ସମୁହ ସଫେଇ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚ୍ଚେତନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଦଳ, ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ ଛାତ୍ରଛାତ୍ରୀ, ସମସ୍ତ ପାରିଷଦ, ସ୍ୱାକ୍ଷରତା ସମିତି, ଗଣମାଧ୍ୟମ ପ୍ରତିନିଧି, ବହୁ ବୁଦ୍ଧିଜିବୀ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଶଂଗ୍ରହଣ କରିଥିଲେ। ପାରାଦୀପ ପ୍ରତ୍ୟେକ ଓ୍ୱାର୍ଡ ଓ ଅଞ୍ଚଳରେ ମଶା ତେଲ ଓ ବ୍ଲିଚିଙ୍ଗ ଛିଞ୍ଚନ, ମଶା ଧୂଆଁ ପ୍ରୟୋଗ, ରାସ୍ତା ପାର୍ଶ୍ୱରେ ଅନାବନା ବଣୁଆ ଗଛ ସଫେଇ ସହିତ ଡେଙ୍ଗୁ, ମ୍ୟାଲେରିଆ, ସ୍ୱାଇଁଫ୍ଲୁ, ପଲିଥିନ୍ ବ୍ୟବହାର ନିଷିଦ୍ଧ, ବାହାରେ ମଳତ୍ୟାଗ ନକରିବା ଓ ବହୁଳ ଭାବରେ ବୃକ୍ଷ ରୋପଣ ଉପରେ ସଚ୍ଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ ଯୋଗଦେଇ "ସ୍ୱଚ୍ଛ ସବୁଜମୟ ପାରାଦୀପ ଗଠନରେ ପୌର ପରିଷଦର ପ୍ରୟାସ ନିୟମିତ ଓ ନିରବଚ୍ଛିନ୍ନ ଜାରି ରହିବ" ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷା ପ୍ରଭାତୀ ନାୟକ, ନିର୍ବାହୀ ଅଧିକାରୀ ଦୀଲ୍ଲିପ ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ରାଜେନ୍ଦ୍ର ନାୟକ, ପାରିଷଦ ଅଜୟ ନାୟକ, ଚପଳା ସ୍ୱାଇଁ, ଶଙ୍କର ରାଉତ, ମାନସ ବିଶ୍ୱାଳ, ପରିବେଶବିତ୍ ଅୟସକାନ୍ତ ରାୟ, ସମାଜସେବୀ, ସୁଶୀଳ ମହାପାତ୍ର, ଆଲୋକ ମହାପାତ୍ର, ଅଟଳ ପରିଡା, ତପନ ନାୟକ, ଆଶିସ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି